
ISSN No. : 2583-147X (P)


ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

# PRACHEE

ଜାନୁଆରୀ ୨୦୨୩
ମୂଲ୍ୟ : ୨୫ ଟଙ୍କା





**ମୁଖ୍ୟ ଉପଦେଷ୍ଟା**
**କବି ଜୟନ୍ତ ମହାପାତ୍ର**



***ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ***

**ବାସ୍ତବତାର ପରିପ୍ରକାଶ**

# ପ୍ରାଚୀ



**ସମ୍ପାଦକ :**
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**

**ଜୀ**ବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ଅଷ୍ଟମ ବର୍ଷର ଦଶମ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ବୁଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

**ସଂପାଦକ**

## ଓ 'ପ୍ରାଚୀ'ର କଲମ ୫୦

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଅତିହ୍ୟ ବିମଣ୍ଡିତ ବାଙ୍ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବୋତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ❑ ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ❑ ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚିରହିବା ପାଇଁ .........
- ❑ ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ❑ ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ ।
  କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ❑ ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ❑ ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ❑ ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ୍ୟ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ❑ ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ❑ ମୁଁ ଛୋଟା ହେଲେ ମଧ୍ୟ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ❑ ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ❑ ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ❑ ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୁରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

Vol.- 8, January 2023, Issue No. X
ISSN NO. 2583-147X(P)
RNI No. : ODIODI/2015/64435
P.R. No. : CK(C)/96/2022-2024

**ଉପଦେଷ୍ଟା ମଣ୍ଡଳୀ**
**ଡକ୍ଟର ପାବକ କାନୁନ୍‌ଗୋ**
**ଡକ୍ଟର ମନ୍ଦାକିନୀ ଦାସ**
**ଶ୍ରୀଯୁକ୍ତ କୃଷ୍ଣ ପ୍ରସାଦ ଦାସ**
**ସମୀକ୍ଷକ ମଣ୍ଡଳୀ**
**ପ୍ରଫେସର ବୈଷ୍ଣବ ଚରଣ ସାମଲ**
ଅବସରପ୍ରାପ୍ତ ପ୍ରଫେସର, ବିଶ୍ୱଭାରତୀ, ଶାନ୍ତିନିକେତନ
**ପ୍ରଫେସର ଆଦିକନ୍ଦ ସାହୁ**
ଅବସରପ୍ରାପ୍ତ ପ୍ରଫେସର, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ସମ୍ବଲପୁର
**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**
ପ୍ରଫେସର, ଓଡ଼ିଆ ବିଭାଗ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର
**ପ୍ରଫେସର ନୀଳାଦ୍ରି ଭୂଷଣ ହରିଚନ୍ଦନ**
ଅବସରପ୍ରାପ୍ତ ପ୍ରଫେସର, ବିଶ୍ୱଭାରତୀ, ଶାନ୍ତିନିକେତନ
**ପ୍ରଫେସର ଶରତ କୁମାର ପଲିତା**
ପ୍ରଫେସର, ଜୈବ ବିବିଧତା ଓ ପ୍ରାକୃତିକ ସଂସାଧନ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ
**ସଂପାଦକ**
**ଡକ୍ଟର ବିଭୂଦତ୍ତ ଖଣ୍ଡାୟତରାୟ**
**ସମ୍ପାଦନା ସହଯୋଗୀ :**
**ପ୍ରାଚୀ ପ୍ରଯୁକ୍ତା**
**ସଂପାଦନା ମଣ୍ଡଳୀ**
**ଡକ୍ଟର ନାରାୟଣ ମହାନ୍ତି-**
ଅବସରପ୍ରାପ୍ତ ପ୍ରାଧ୍ୟାପକ, ଦର୍ଶନ ବିଭାଗ
**ଡକ୍ଟର ଆଦିତ୍ୟ ପ୍ରତାପ ଧଳ**
ଅବସରପ୍ରାପ୍ତ ପ୍ରାଧ୍ୟାପକ, ଓଡ଼ିଆ ବିଭାଗ
**ପ୍ରଫେସର ଅଞ୍ଜୁମନ ଆରା**
ହିନ୍ଦୀ ବିଭାଗ, ରେଭେନ୍‌ସା ବିଶ୍ୱବିଦ୍ୟାଳୟ
**ଡକ୍ଟର ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ**
ଅଧ୍ୟାପକ, ହିନ୍ଦୀ ବିଭାଗ, ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ
**ଡକ୍ଟର ଆଲୋକ ବରାଳ**
ମୁଖ୍ୟ, ଓଡ଼ିଆ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ
**ଡକ୍ଟର ନେତାଜୀ ଅଭିନନ୍ଦନ**
ସହାୟକ ପ୍ରଫେସର, ରାଜନୀତିବିଜ୍ଞାନ ବିଭାଗ,
ରେଭେନ୍‌ସା ବିଶ୍ୱବିଦ୍ୟାଳୟ
**ଡକ୍ଟର ଦିପକ କୁମାର ଦାଶ**
ଅଧ୍ୟାପକ, ରାଜନୀତିବିଜ୍ଞାନ ବିଭାଗ,
ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ
**ଡକ୍ଟର ଜ୍ଞାନୀ ଦେବାଶିଷ ମିଶ୍ର**
ସହାୟକ ପ୍ରଫେସର, ଓଡ଼ିଆ ବିଭାଗ,
ରେଭେନ୍‌ସା ବିଶ୍ୱବିଦ୍ୟାଳୟ, କଟକ
**ଡକ୍ଟର ନୀରୋଦ କୁମାର ମନ୍ତ୍ରୀ**
ଅଧ୍ୟାପକ, ଓଡ଼ିଆ ବିଭାଗ,
ନୀଳମାଧବ ମହାବିଦ୍ୟାଳୟ, କଣ୍ଟିଲୋ କଲେଜ
**ଡକ୍ଟର ବିଦ୍ୟୁତପ୍ରଭା ରାଉତ**
ଅଧ୍ୟାପିକା, ଓଡ଼ିଆ ବିଭାଗ,
ସିମୁଳିଗୁଡ଼ା ମହାବିଦ୍ୟାଳୟ, କୋରାପୁଟ
**ଡକ୍ଟର ସୁମନ୍ତ ସ୍ୱାଇଁ**
ସହାୟକ ପ୍ରଫେସର, ଆଇ.ଆଇ.ଏଚ୍.ଏମ୍.ଆର, ନୂଆଦିଲ୍ଲୀ
**ଡକ୍ଟର ମମତା ଖଣ୍ଡାୟତରାୟ**
ବିଭାଗୀୟ ମୁଖ୍ୟ, ରାଜନୀତିବିଜ୍ଞାନ ବିଭାଗ,
ପାରାଦୀପ କଲେଜ, ପାରାଦୀପ
ଡିଟିପି :
**ପ୍ରଶାନ୍ତି ସାଇଁ**
ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
**ବିଭୁପ୍ରସାଦ ନାୟକ**
ଅଲଙ୍କରଣ :
**ବିଜୟ କୁମାର ସାହୁ**
ବିଜ୍ଞାପନ ଅଧିକାରୀ :
**ଅବିନାଶ ଦାଶ**
ବିତରଣ ଅଧିକାରୀ :
**ରାଜେନ୍ଦ୍ର ବାରିକ**
ମୁଦ୍ରଣ :
**ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍**
ନୂଆବଜାର, କଟକ - ୪

## ଏଇ ସଂଖ୍ୟାରେ...

ମୟୂରଭଞ୍ଜ ଆଦିବାସୀଙ୍କର ନିଚ୍ଛକ ରୂପକାର ଗାଳ୍ପିକ ବସନ୍ତ କୁମାର ଶତପଥୀ
– ଗୌତମସେନ୍ ହାଁସଦାଃ ୦୭

ଯନ୍ତ୍ରଣାର ଅନ୍ୟରୂପ "ଶୋଷ' : ରୂପକାର ଜୟଦ୍ରଥ ସୁନା
– ସୁବାଷ ଚନ୍ଦ୍ର ଭୋଇ ୧୪

ସାମାଜିକ ଦାୟବଦ୍ଧତା ଓ ଫକୀରମୋହନଙ୍କ ପ୍ରବନ୍ଧ ସାହିତ୍ୟ
– ଜୟନ୍ତ କୁମାର ଦାସ ୧୮

କେନ୍ଦୁଝରର କାଠି କଣ୍ଢେଇ ନାଟ ଓ ଯଶସ୍ୱୀ କଳାକାର ମାଗୁଣି ଚରଣ କୁଅଁର
– ପ୍ରଜ୍ଞା ପ୍ରଣତି ସିଂହ ୨୪

ଗାଳ୍ପିକ ରଜନୀକାନ୍ତ ମହାନ୍ତିଙ୍କ ଗଳ୍ପରେ ସାମ୍ୟବାଦୀ ପ୍ରସଙ୍ଗ
– ଡ. ଶାନ୍ତନୁ କୁମାର ନାୟକ ୨୮

ଇତିହାସବୋଧ ଭୀମଭୋଇ
– ସଂଘମିତ୍ରା ବେହେରା ୩୯

**PRACHEE MONTHLY ADVT. TARIFF**

**Back Cover (Colour)**
Rs. 20,000/-

**2nd Inner Cover (Colour)**
Rs. 10,000/-

**3rd Inner Cover (Colour)**
Rs. 10,000/-

**Ordinary Colour Page**
Rs. 5000/-

**Black & White (News Print)**
Full Page : Rs. 3,000/-
Half Page : Rs. 1500/-
Quarter page:Rs. 500/-

***For Space booking please contact The Advertising Manager***
Niladri Vihar, Naya Bazar, Cuttack - 4
Mobile / Whatsapp : 8895707011

# ପ୍ରାଚୀର ନିୟମାବଳୀ

- "ପ୍ରାଚୀ" ଏକ ମାସିକ ଗବେଷଣାଧର୍ମୀ ISSN ସଂଯୁକ୍ତ ମାନକ Peer Reviewed ପତ୍ରିକା ଅଟେ ।
- "ପ୍ରାଚୀ" ର ସ୍ୱତନ୍ତ୍ର ଗବେଷଣା ବିଭାଗରେ ସାହିତ୍ୟ, ସମାଜ, ସଂସ୍କୃତି, କଳା, ଇତିହାସ,ନୃତତ୍ତ୍ୱ, ଦର୍ଶନ, ବିଜ୍ଞାନ ଆଦି ବିବିଧ ପ୍ରେକ୍ଷାର ଗବେଷଣାତ୍ମକ ପ୍ରବନ୍ଧ ପ୍ରକାଶିତ ହୋଇଥାଏ ।
- "ପ୍ରାଚୀ" ଯୁବପୀଢ଼ିଙ୍କର ଗବେଷଣାକୁ ଏକ ଉଚ୍ଚିତ ଦିଶା ଓ ଆଭିମୁଖ୍ୟ ପ୍ରଦାନ କରିବା ପାଇଁ ନିଜର ସ୍ୱତନ୍ତ୍ର ଆଭିମୁଖ୍ୟ ନେଇ ସଂପ୍ରତି ଦଣ୍ଡାୟମାନ ହୋଇଛି ଏବଂ ଭବିଷ୍ୟତ ପାଇଁ ନୂତନ ରୂପରେଖ ମଧ୍ୟ ପ୍ରସ୍ତୁତ କରିଅଛି । ଲେଖାଗୁଡ଼ିକ ଗବେଷଣାର ଆଭିମୁଖ୍ୟ ଓ ସରଞ୍ଜନାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରି ପ୍ରେରଣା କରିବାକୁ ସମସ୍ତଙ୍କୁ ଅନୁରୋଧ । ଗବେଷଣାତ୍ମକ ଆଲେଖ୍ୟର ଆଦର୍ଶ, ନିୟମ ଓ ମୂଲ୍ୟବୋଧ ପ୍ରତି ସଚେତନ ରହି ସର୍ବଦା ଗବେଷଣାର ମୌଳିକତାକୁ ଦୃଷ୍ଟିରେ ରଖି ଲେଖକମାନେ ନିଜର ଲେଖା ପ୍ରେରଣ କରନ୍ତୁ ଏବଂ ଆବଶ୍ୟକସ୍ଥଳେ ଅନୁଷଙ୍ଗ ସୂଚୀର ସଂଯୋଗ କରନ୍ତୁ ।
- ଏହି ପତ୍ରିକାରେ ମଧ୍ୟ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ । ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ, ଭ୍ରମଣ କାହାଣୀ, ପରିବେଶଜନିତ ଲେଖା ଓ କବିତା ପରିପ୍ରକାଶ କରାଯାଇଥାଏ ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ । ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ । ଏହି ପତ୍ରିକାଟି ସମାଜର ନିଷ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡିଶା, ପିନ୍-୭୫୩୦୦୪ କିମ୍ବା ପାଠକ ପାଠିକାମାନେ pracheepatrika@rediffmail.com ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ । **ଲେଖା ଗୁଡ଼ିକ ପେଜ୍ ମେକର ଫରମାଟ, ଆକୃତି ସାରଳା ଫଣ୍ଟରେ ଟାଇପ କରି ଦେବାକୁ ଅନୁରୋଧ ନଚେତ୍ ଲେଖା ଗ୍ରହଣଯୋଗ୍ୟ ହେବନାହିଁ ।**

**ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!**

**କୁପନ୍‌ଟିକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ........................................................................................

ଠିକଣା ........................................................ ପିନ୍‌କୋର୍ଡ଼ ....................................

ମୋବାଇଲ୍ ନମ୍ବର ........................................ ଇ-ମେଲ୍ ........................................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ବ୍ୟାଙ୍କ୍ ଡ୍ରାଫ୍ଟ)**

ଚେକ୍ ନମ୍ବର.................................................. ତାରିଖ....................................

ବ୍ୟାଙ୍କ୍.......................................... ସ୍ଥାନ....................................................

ତାରିଖ....................................... ଦସ୍ତଖତ.....................................................

**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**

ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ୍/ ହ୍ୱାଟ୍‌ସ୍‌ଆପ୍ ନଂ : ୮୮୯୫୭୦୭୦୧୧

E-mail : pracheepatrika@rediffmail.com, Web. : www.pracheenews.com

ISSN -2583-147X(P), Vol.- 8, Issue No. X, January 2023
Bastabatara Pariprakash Prachee
*Peer Reviewed and Referred Research Journal*

# ମୟୂରଭଞ୍ଜ ଆଦିବାସୀଙ୍କର ନିଚ୍ଛକ ରୂପକାର ଗାଳ୍ପିକ ବସନ୍ତ କୁମାର ଶତପଥୀ

ଗୌତମସେନ୍ ହାଁସଦାଃ

ଓଡ଼ିଆ ସାହିତ୍ୟ ଜଗତର ବିଶିଷ୍ଟ କଥାକାର ବସନ୍ତ କୁମାର ଶତପଥୀ ମୟୂରଭଞ୍ଜର ସନ୍ତାନ । ତାଙ୍କ ବାସଭବନ ପାନ୍ଦଡ଼ା । ପେଶାରେ ଇଂରାଜୀ ଅଧ୍ୟାପକ । ନିଶା କିନ୍ତୁ ସାହିତ୍ୟ ସାଧନା । ସାହିତ୍ୟର କଥାଭାଗ ପୁଣି ତାଙ୍କର ଅତି ଆପଣାର । ସେ ଯେତେବେଳେ ଗଳ୍ପ ଲେଖନ୍ତି ନିଜ ଆଖପାଖରୁ କାହାଣୀ ଓ ଚରିତ୍ରକୁ ସାଉଣ୍ଟି ବସନ୍ତି । ସେଥିପାଇଁ ତାଙ୍କର କାହାଣୀ ସବୁ ବାଲେଶ୍ୱର ଓ ମୟୂରଭଞ୍ଜ ଭିତରେ ପରକଳ୍ପିତ । ପୁଣି ଚରିତ୍ର ଗ୍ରହଣରେ ବି ରହିଛି ତାଙ୍କ ଅପୂର୍ବ ସ୍ୱାଧୀନତା । ପଶୁପକ୍ଷୀ ଠାରୁ ଆରମ୍ଭ କରି ସଭ୍ୟମଣିଷ, ଶିକ୍ଷିତ, ମୂର୍ଖ ଏପରିକି ଆଦିବାସୀ ପର୍ଯ୍ୟନ୍ତ ସମସ୍ତେ ସମାନ ଗୁରୁତ୍ୱ ବହନ କରନ୍ତି । ଯାହା ଦେଖନ୍ତି ଅନୁଭବ କରନ୍ତି ତାହାକୁ ଗଳ୍ପରେ ସ୍ଥାନ ଦିଅନ୍ତି । ତେଣୁ ଛୋଟବେଳୁ ଦେଖି ଆସିଥିବା ଅରଣ୍ୟବାସୀ ଆଦିବାସୀଙ୍କୁ ମଧ୍ୟ ତାଙ୍କ ଗଳ୍ପରେ ସ୍ଥାନ ଦେଇଛନ୍ତି । ତାଙ୍କ ଗଳ୍ପ ସଂକଳନ ଗୁଡ଼ିକ ହେଲା- ଏଣ୍ଟିରୋମାଣ୍ଟିକ୍ (୧୯୬୬), 'ଗଙ୍ଗା ଓ ଗାଙ୍ଗୀ' (୧୯୮୧), 'ଗୋଟାଏ ଆଲୁ' (୧୯୮୨), 'ହାଇଦ୍ରାବାଦ ଅଙ୍ଗୁର' (୧୯୮୨), 'ମାଂସାଶୀମାନଙ୍କ ଉଦ୍ଦେଶ୍ୟରେ' (୧୯୮୨), 'ନୀଡ଼ାଶ୍ରୟୀ' (୧୯୮୩), 'ଆକାଶୀଫୁଲ' (୧୯୮୩), 'ଅଜାଗା ଘାଆ' (୧୯୮୩), 'ମେଜର ଅପାରେସନ୍' (୧୯୯୧) ଓ 'ପୁଅ ପାଇଁ ଝିଅଟିଏ' (୨୦୦୦) ପ୍ରଭୃତି ଅନ୍ୟତମ । (ସାମଲ, ପୃ-୩୪-୫୫) ତେବେ ଏ ସବୁ ସଂକଳନରେ ଥିବା ବାଲିଡ଼ିହା ବାଘ, କାଠ, ନେଉଳ ଓ ସାନ୍ତାଳ, ଡୋବ୍ଲିଂ ଓ ଦୋହରୀ, ମକର ଘୁଷୁରୀ ସାହିର ଆଦି ଗଳ୍ପରେ ମୟୂରଭଞ୍ଜର ଆଦିବାସୀଙ୍କ ଜୀବନ ଚିତ୍ରକୁ ଗାଳ୍ପିକ ଅଙ୍କନ କରିଛନ୍ତି ।

ଓଡ଼ିଶାର ଭୌଗୋଳିକ ପରିସୀମା ଦୃଷ୍ଟିକୋଣରୁ ମୟୂରଭଞ୍ଜ ହେଉଛି ସର୍ବବୃହତ ଜିଲ୍ଲା । ଏଠାରେ ଅନେକ ପ୍ରକାର ଆଦିବାସୀ ବସବାସ କରନ୍ତି । ସେ ଭିତରୁ ସାନ୍ତାଳ, ହୋ, ମୁଣ୍ଡାରୀମାନଙ୍କ ସଂଖ୍ୟା ଅଧିକ । ସେମାନଙ୍କର ଚାଲିଚଳଣି ଆଚାର ବ୍ୟବହାର ତଥାକଥିତ ସଭ୍ୟ ମଣିଷଠାରୁ ଅଲଗା । ତାଙ୍କର ମଧ୍ୟ ରହିଛି ଏକ ସ୍ୱତନ୍ତ୍ର ସମାଜ ଓ ସଂସ୍କୃତି । ଯାହା ଗାଳ୍ପିକଙ୍କ ତୂଳୀତଳରେ ବର୍ଣ୍ଣବିଭା ହୋଇଉଠିଛି ।

ବସନ୍ତ ଶତପଥୀ ତାଙ୍କ ଆଦିବାସୀ ସମ୍ବଳିତ ଗଳ୍ପରେ ମୟୂରଭଞ୍ଜର ଆଦିବାସୀମାନଙ୍କୁ ସ୍ଥାନିତ କଲାବେଳେ ଏଠାରେ ବସବାସ କରୁଥିବା ସାନ୍ତାଳ, ମୁଣ୍ଡା, ହୋ, ବାଥୁଡ଼ି, ଧରୁଆ, ଖଡ଼ିଆ, ଲୋଧା ପ୍ରଭୃତି ଆଦିବାସୀଙ୍କୁ ତାଙ୍କର ଚରିତ୍ର ଭାବରେ ଗ୍ରହଣ କରିଛନ୍ତି । ବିଶେଷ ଭାବରେ ସେ ସାନ୍ତାଳମାନଙ୍କୁ ନେଇ ଗଳ୍ପ ରଚନା କରିଛନ୍ତି । ମୟୂରଭଞ୍ଜରେ ଏମାନେ ମାଝୀ ନାମରେ ପରିଚିତ । ସେମାନଙ୍କର ନୃତ୍ୟଗୀତ ପର୍ବପର୍ବାଣୀ ଖାଦ୍ୟପେୟ ଆଦିକୁ ସଫଳତାର ସହିତ ତାଙ୍କ ଗଳ୍ପରେ ସ୍ଥାନ ଦେଇଛନ୍ତି ।

'ବାଲିଡ଼ିହା ବାଘ'ଗଳ୍ପ ମୟୂରଭଞ୍ଜର ପୃଷ୍ଠଭୂମି ଉପରେ ରଚିତ । ଏହି ଗଳ୍ପରେ ଥିବା ଆଦିବାସୀ ଚରିତ୍ର ସବୁ ହେଉଛନ୍ତି ରେଙ୍ଗଟା ମାଝୀ, ଚାମୁଟୁ, ସେଙ୍ଗେଲ୍, ରୂପେଇ, ...ପ୍ରଭୃତି । ପ୍ରସଙ୍ଗ କ୍ରମରେ ଯେଉଁ ବାଘ ବାଙ୍ଗିରି ପୋଷିରେ ଦେଖାଦେଲା ବେଳକୁ ଶାନ୍ତ ରୂପରେ ଥିଲା ବାଲିଡିହାକୁ ଆସିଲା ବେଳକୁ ସେ ହିଂସ୍ର ହୋଇଉଠିଛି । ପଶୁଠାରୁ ମଣିଷ ପର୍ଯ୍ୟନ୍ତ ସମସ୍ତଙ୍କୁ ଗୋଟେ ପରେ ଗୋଟେ ଖାଇବା ଆରମ୍ଭ କରିଛି । ଅପର ପକ୍ଷରେ ତାକୁ ମାରିବାକୁ କେହି ବି ଗୁରୁତ୍ୱ ଦେଉ ନାହାନ୍ତି । କିନ୍ତୁ ଏ ଭିତରେ ବି ଟୁଇଲୁ ନାମକ ବ୍ୟକ୍ତିଟି ତାକୁ ମାରି ଲୋକଙ୍କ ଶାନ୍ତିକୁ ଫେରାଇ ଆଣିବାର ପ୍ରୟାସ କରିଛି । ଶେଷରେ ସଫଳ ହୋଇଛି ମଧ୍ୟ । ଗଳ୍ପରେ ବାଘର ଅତ୍ୟାଚାର ଭିତରେ ସଭ୍ୟମଣିଷର ଅତ୍ୟାଚାରକୁ ବେଶି ମାତ୍ରାରେ ମନେ ପକାଇ ଦେଇଛି । ଯେପରିକି- "ଯେଉଁଦିନ

ରେଙ୍ଗ୍‌ଟା ମାଝୀର ବଳଦଟାକୁ ବାଘ ମାରିଦେଲା ସେଇଦିନ ଚାମୁଟୁ, ସୁଲେଇ, ଅଇବନ, ମାଲଦାସ କଥାବାର୍ତ୍ତା ଆଲୋଚନା କରି ଠିକ୍ କଲେ ଯେ, ବଜାରିଆ ସବୁ ବାଘକୁ ତାଙ୍କରି ଗାଁକୁ ପଠେଇଛନ୍ତି । ଜମି ଜାଗା ତାଙ୍କର ଯାହା ଥିଲା ସବୁ ସେମାନେ ଠକି ଭଣ୍ଡିନେଲ । ସହର ତଳି ବଣ ଜଙ୍ଗଲର ହରିଣ, କୁଟୁରା, ବାର୍‌ହା ସବୁ ମାରି ଖାଇଗଲେ । ବାଘ ଏଥର କ'ଣ ଖାଇ ବଞ୍ଚିବ ? ତାଙ୍କରି ଗୋରୁ ଗାଈ, ନ ହେଲେ ଶେଷରେ ତାଙ୍କୁ ଖାଦ୍ୟ ଖୋଜି ଖୋଜି କେବେ ଥରେ ବାଙ୍ଗିରିପୋଷି ଘାଟର ବାଘ ବାଲିଡିହାକୁ ଆସିଥିଲା, ଆଉ ଫେରିଲା ନାହିଁ" । (ଗଳ୍ପ ସମଗ୍ର ୧ମ ଭାଗ,ପୃ-୭୫) ଗାଳ୍ପିକଙ୍କ ଏହି ବାଘ କେବଳ ସାଧାରଣ ବାଘ ନୁହେଁ । ସ୍ୱାର୍ଥପର ଓ ସଂକୀର୍ଣ୍ଣତାର ଇୟେ ପ୍ରତୀକାତ୍ମକ ଅଭିବ୍ୟକ୍ତି ଯାହା ସହରୀ ଜୀବନରୁ କ୍ରମେ ଗ୍ରାମଜୀବନକୁ ଅନୁପ୍ରବେଶ କରିଛି । ଏହି ଗଳ୍ପ ଭିତରେ ଗାଳ୍ପିକ ଆଦିବାସୀଙ୍କର ସଂକଟାପନ୍ନ ଜୀବନର କଥାକୁ ଉଲ୍ଲେଖ କରିଛନ୍ତି । ଏମାନେ ଖାଦ୍ୟଭାବ ଯୋଗୁଁ ଜଙ୍ଗଲରୁ ପିତାଆଳୁ ସବୁ ସଂଗ୍ରହ କରି ଜୀବନ ବଞ୍ଚନ୍ତି । କିନ୍ତୁ ରେଙ୍ଗଟା ମାଝୀ ପରି ଅନେକ ସମୟରେ ଏମାନେ ବାଘର ଶିକାର ହୁଅନ୍ତି । ଅଥଚ ଅନ୍ୟମାନେ କେବଳ ଦେଖଣାହାରୀ ହୋଇ ରହିଯା'ନ୍ତି ।

ତାଙ୍କର ଅନ୍ୟ ଏକ ସଫଳ ଗଳ୍ପ 'କାଠ' । ଜାଲ ପାଇଁ ବ୍ୟବହୃତ ଏକ କାଠଗଣ୍ଡିକୁ କେନ୍ଦ୍ରକରି ଘଟଣାଟି ପ୍ରବହମାନ । ରୂପକାତ୍ମକ ଭାବରେ ଗଳ୍ପଟିର ଉପସ୍ଥାପନା ଆଧୁନିକ ମଣିଷର ସ୍ୱାର୍ଥସର୍ବସ୍ୱ ସନ୍ଦେହୀ ମନର ରୂପକ ଭାବରେ 'କାଠ'କୁ ଗ୍ରହଣ କରାଯାଇଛି । ବାଲେଶ୍ୱରର ଗ୍ରାମୀୟ ପୃଷ୍ଠଭୂମି ଉପରେ ରଚିତ ଏହି ଗଳ୍ପରେ ଥିବା ଆଦିବାସୀ ଚରିତ୍ର କାଠ ଚିରାଳି ସାନ୍ତାଳ ବୁଢାଟି କିନ୍ତୁ ମୟୂରଭଞ୍ଜ ଜିଲ୍ଲା ବେତନଟୀ ଅଞ୍ଚଳର । ବିଶ୍ୱଯୁଦ୍ଧ ଲାଗିଲା ବର୍ଷ ସେ ରେମୁଣାକୁ ଆସିଛନ୍ତି । ତେବେ ଖାଦ୍ୟାଭାବରେ ଯେ ଘରକୁ ଛାଡ଼ିଛି ତାହା ନୁହେଁ । ତା' ପଛରେ ରହିଛି ଦୁଇଟି ପ୍ରମୁଖ କାରଣ । ପ୍ରଥମ କାରଣଟି ହେଉଛି ତଥାକଥିତ ସଭ୍ୟମଣିଷମାନେ ତା'ର ଜମିବାଡ଼ି ହଡ଼ପ କରିଛନ୍ତି ଏବଂ ଦ୍ୱିତୀୟ କାରଣଟି ହେଉଛି ତାଙ୍କର ଅନ୍ଧବିଶ୍ୱାସ । ସେ ନିଜର ପରିଚୟ ଦେଇ କହନ୍ତି- "ମୟୂରଭଞ୍ଜରେ ମର ଘର ବାବୁ ! ବେତନଟୀ ପାଖରେ । ଯୁଦ୍ଧ ନାଗିଲା ବରଷ ଆମର ରେମୁଣାକୁ ପଳେଇ ଆସିଲା । ମୟୂରଭଞ୍ଜରେ ଦେଢେ ଡାହାଣୀ ଦେବତା, କଞ୍ଚା ଖାଇଦେବେ । ମର ଡଗର ଡାଗର ପୁଅ ଦୁଇଟା ଆର ଆଗ ତିର୍ଲାଟା ଏକା ଦିନରେ ମରିଗଲେ । ଜମି ଜାଇଗା ସବୁ ତୁମର ହାଟୁଆମାନେ ନେଇଗଲା ।"( ହାଇଦ୍ରାବାଦ ଅଙ୍କୁର,୧୯୮୨, ପୃ-୧୩୦) । ତେଣୁ କହିବାକୁ ଗଲେ ସେ ବାରମ୍ବାର ଆସିଛନ୍ତି ବାଲେଶ୍ୱରକୁ । ସରକାର ଆଦିବାସୀଙ୍କ ପାଇଁ ଯୋଜନା ଉପରେ ଯୋଜନା କରି ଚାଲିଛନ୍ତି । କିନ୍ତୁ ସୁଫଳ କିଛି ନାହିଁ । ଜମି ବଣ୍ଟା ଚାଲିଛି ଅଥଚ ଆଦିବାସୀଙ୍କୁ ଜମି ମିଳିପାରୁ ନାହିଁ । ଏ ସଂପର୍କରେ ପଚାରିଲା ବେଳକୁ କାଠ ଚିରାଳି ଜଣକ ବିରକ୍ତ ହୁଅନ୍ତି । ରାଗିଯାଇ କହନ୍ତି- "ଦେନା ବାବୁ ଘରଦୁଆର ଜମି ଜାଇଗା କରେଇ ଦେ । ଆମର ଯେତେ ନୁକର ଘର, ଜମି ନାଇ ସମସ୍ତଙ୍କୁ ଦେଲେ ତୁମରମାନେ କି କରିବ, କାହିଁ ରହିବ ?" ସତରେ ଯେଉଁ ସଭ୍ୟମଣିଷ ସେହି ଆଦିମ ଅଧିବାସୀଙ୍କ ପାଖରୁ ଜମି, ଜାଗା ହଡ଼ପ କରିଛନ୍ତି ସେ ବା ଦେବ କିପରି ? ପରିବାର କଲ୍ୟାଣ ଓ ଆତ୍ମନିର୍ଭରଶୀଳର କଥା ଆସିବା ପୂର୍ବରୁ ଆଦିବାସୀମାନେ ଥିଲେ ଏଥିପ୍ରତି ସଚେତନ । ସେଥିପାଇଁ ଗଳ୍ପ ନାୟକର ପ୍ରଶ୍ନ ଉତ୍ତରରେ ସେ କହିଛନ୍ତି- "ତୁମମାନଙ୍କର ସିନା ବାବୁ ବେଶି ଛୁଆ । ଆମର ଜାତିରେ ଜଣକା ଗୁଟେ ନ ହେଲେ ଦୁଇଟା । ତର ତିରିଲା ଛୁଆ ତ କାମ ଦାମ କିଛି କରେନି, ସେଇନାଗି ତ ହଇରାଣ ହଉଛୁ, କଟେଇ ହଉଛୁ ।"(ସେହିଠାରେ ପୃ-୧୩୧) ସଭ୍ୟଶିକ୍ଷିତ ହେଲାପରେ ମଣିଷ ଅନ୍ୟକୁ ଆତ୍ମନିର୍ଭରଶୀଳ ହେବାପାଇଁ ଉପଦେଶ ଦିଏ କିନ୍ତୁ ନିଜେ ନିଜ କାମପାଇଁ ଆଉ ଜଣକର ଅପେକ୍ଷା ରଖେ । ଗରିବ ମଣିଷଟି ଅନ୍ୟ ପାଇଁ ବଞ୍ଚେ । କାଠ ଚିରାଳି ପରି ଖାଲି ତୋରାଣି ପିଇ ମଧ୍ୟ ରହିବାକୁ ବାଧ୍ୟ ହୁଏ । ତଥାପି କାହା ଦୟାର ସେ ବଞ୍ଚେନାହିଁ । କିଏ ଯଦି ଖୁସିରେ ଦେଲା ତାକୁ ସାଦରେ ଗ୍ରହଣ କରେ । କର୍ମ ହିଁ ତା'ର ଭଗବାନ । କିନ୍ତୁ ତା ଉପରେ ଅବିଶ୍ୱାସ କଲେ ସେ ଅସମ୍ଭାଳ ହୋଇପଡ଼େ । କାଠ ଚିରା ସରିବା ପରେ ଗଳ୍ପନାୟକ ଜାଣିକି ଚାରିଟଙ୍କା ଦେଇ ଚାରଣା ଫେରେଇବା ପାଇଁ କହିଛି । ରବିବାର ଯୋଗୁଁ ଦୋକାନ ବଜାର ବନ୍ଦ ଥିବାରୁ କାଠ ଚିରାଳି ଜଣକ ଆର ମାସ ମୋ ପାଖରୁ କଟେଇ ନେବୁ ବୋଲି କହିଛନ୍ତି । କିନ୍ତୁ ଗଳ୍ପ ନାୟକ କହିଛନ୍ତି- "ନା, ନା ସେ କଥା ହବ ନାହିଁ । ତୁ ଆସିବୁ ନ ଆସିବୁ କି ବିଶ୍ୱାସ !" ଏହି ପଦକ କଥା ଶୁଣି ପ୍ରବଳ ରାଗି ଯାଇଛନ୍ତି କାଠ ଚିରାଳି ଜଣକ । କାରଣ ଆଦିବାସୀଟିଏ ତା ବିଶ୍ୱାସବୋଧ ଓ ସ୍ୱାଭିମାନକୁ ନେଇ ବଞ୍ଚେ । ଏଥିରେ ଆଞ୍ଚ ଆସିଲେ ରକ୍ତମୁଖା ହୋଇଯାଏ । ତେଣୁ ଅନେକ ଦିନର ଚାପାକ୍ରୋଧ ଉଦ୍‌ଗୀରଣ ହୋଇ ବାହାରି ଆସିଛି । ରାଗରେ ସେ କହି ଉଠିଲେ- "କି କହିଲୁ ବାବୁ କି ବିଶ୍ୱାସ ! ଏତେବେଳେ ଯାଏଁ ଟେକା ଟେକି କରି ଭୁଲେଇ ଚୁକେଇ ତର ସବୁ କାମ ଆଦାୟ କରି ନେଲୁ । ମର ଜମି ଜାଇଗା ବି ସବୁ ତୁମରମାନେ

ନେଲା, ମର ନ କରିବା କାମ ବି କରିଦେଲି । ଦୁଇଟା ଶୁଖିଲା ରୁଟି ଦେଲୁ ଯେ ଭାବିଛୁ ଡେର ଦେଲୁ । କହୁଚୁ କି ବିଶ୍ୱାସ ! ଆମର କି ମଣିଷ ନାଇଁ ବଣର ଭାଲୁ ହେଇଛି । ମୁଁ ତର ଚାଲାକି ବୁଝିଛି । ନେ ତୋର ପଇସା ।" (ସେହିଠାରେ ପୃ-୧୩୪) ଆଦିବାସୀଟିଏ ନ ଜାଣି ଯେ ଅନେକ କାମ କରେ ତାହା ନୁହେଁ ଜାଣିକି ବି ପରିସ୍ଥିତିର ଚାପରେ ପଡ଼ି କାମ କରିବାକୁ ବାଧ୍ୟ ହୋଇଥାଏ । କିନ୍ତୁ ସଭ୍ୟମଣିଷ ଏହାର ସୁଯୋଗ ନେଇ ତାକୁ ଶୋଷଣ କରେ । ନିଜର ପାରିଲା ପଣିଆ ଜାହିର କରେ । ଏଠାରେ ଗାଳ୍ପିକ କଥାକଥିତ ସଭ୍ୟମଣିଷର ଆନ୍ତରିକତା ବିହୀନ ଚଞ୍ଚକତାପୂର୍ଣ୍ଣ ବଡ଼ିମା ଉପରେ କୁଠାରଘାତ କରିଛନ୍ତି ।

'ନେଉଳ ଓ ସାନ୍ତାଳ' ଗଳ୍ପ ମାଂସାଶୀ ମାନଙ୍କ ଉଦ୍ଦେଶ୍ୟରେ ସଂକଳନର ଦଶମ ଗଳ୍ପ । ଏଥିରେ ସାନ୍ତାଳ ଆଦିବାସୀଙ୍କର ଜୀବନ ଇତିହାସ କଥା ଉଲ୍ଲେଖ କରାଯାଇଛି । ଗଳ୍ପ ନାୟକ ଜନ୍ମାଷ୍ଟମୀ ଦିନ ବଜାରକୁ ଗଲାବେଳେ ସଂପର୍କୀୟ ପୁତୁରା ଶତ୍ରୁଘ୍ନ ସହିତ ଦେଖା ହୋଇଛି । ତାଙ୍କ ନିମନ୍ତ୍ରଣ କ୍ରମେ ବସାକୁ ଯାଇଛନ୍ତି । ସେଠାରେ ସାନ୍ତାଳଙ୍କ କଥା ନେଉଳ ପ୍ରସଙ୍ଗରେ ଜଡ଼ି ହୋଇ ଆସିଛି । ଶତ୍ରୁଘ୍ନ ସେ ଦିନ ଆଙ୍ଗୁଠି ଦେଖାଇ କହିଲେ- "ସେଇ କୁଡ଼ିଆଟା ଯେଉଁ ଲୋକର ତା' ସହିତ ଆମର କ'ଣ ଗାଁର କାହାରି ଆଦୌ ପଟେ ନାହିଁ । ତାକୁ ପିଲାଏ 'ସାନ୍ତାଳ' ବୋଲି ଡାକନ୍ତି ××× ଖାଲି ନିଷ୍ଠୁରତାରେ ଭରପୂର ତା ଛାତି । ସାପର ଶତ୍ରୁ ଯିମିତି ନେଉଳ, ନେଉଳର ଶତ୍ରୁ ସିମିତି ସେଇ ସାନ୍ତାଳ । ତା'ର ଫେର୍ ଗୋଟାଏ ବଣୁଆ କୁକୁର ଅଛି, ଖୁବ୍ ଶିକାରୀ । ମାଛ ଚଢେଇଟା ଶିକାରରେ ଦୁହେଁ ରଥୀ, ଧୁରନ୍ଧର ××× ସାନ ବଡ଼ ମାଛ ଧରିବା ପାଇଁ ଯେତେ ଯେତେ ଖଇଞ୍ଚି , ପୋହଳ, ବନଶୀ, ଜାଲ ସବୁ ତା ପାଖରେ ସଦାସର୍ବଦା ମହଜୁତ । ସାନ ବଡ଼ ଚଢେଇ, ଜୀବ ଜାନୁଆର ପାଇଁ ସିମିତି ନାନା ପ୍ରକାର ଅସ୍ତ୍ର ଶସ୍ତ୍ର, ଧନୁଶର, ଗୋଲେଇ, ବାଟୁଳି, କୁରାଢ଼ୀ, ଟାଙ୍ଗିଆ ଆଦି ହାତ ତିଆରି ସାଇତା ରହିଛି । ଗୋଟାଏ ବଡ଼ ସାମରିକ ଡିଟେକ୍ଟର ଆର୍ସେନାଲ ଯିମିତି ତାର ଘରଟା ।" (ସେହିଠାରେ ପୃ-୯୨) ଏହି ବର୍ଣ୍ଣନା ଭିତରେ ଆଦିବାସୀ ସାନ୍ତାଳମାନଙ୍କର ଘର ଓ ସରଞ୍ଜାମ ବିଷୟରେ ଆମେ ଜାଣିବାକୁ ପାଉ । କେବଳ ସେତିକି ନୁହେଁ ନିଜ ଜୀବନ ବଞ୍ଚିବା ପାଇଁ ଯାହା ଯାହା ଦରକାର ସେ ସବୁ ସାମଗ୍ରୀ ଆଦିବାସୀଟିଏ ତା ପାଖରେ ରଖେ । ଅତଏବ ଏହି ସାନ୍ତାଳ ଯୁବକ ମକର ସଂକ୍ରାନ୍ତି ଦିନ ଶତ୍ରୁଘ୍ନର ଘରେ ପଶା ମନାଇ ଆସୁଥିବା ନେଉଳକୁ ମାରି ଦେଇଛନ୍ତି । ଏ କଥା ଜାଣିବା ପରେ ଗଳ୍ପ ନାୟକ ସାନ୍ତାଳ ଯୁବକଙ୍କୁ ଏହାର କାରଣ ପଚାରିଛନ୍ତି । ଉତ୍ତରରେ ଖତେଇ ହୋଇ ବିରକ୍ତି ମିଶା ସ୍ୱରରେ ଯୁବକଟି କହୁଛନ୍ତି- "କଅଣ କରୁଥିଲା । ପଚାରୁଛୁ । ତର ନାଜ ବି ନାଇଁ ? ମୋର ସତିଆନାଶ କରିଦେଲା । ଗରିବ ନୁକ୍ ଆମ୍ଭର । ଖଟିନୁଟି ବଞ୍ଚୁଛି । ତୁଇ ବୁଝାନା ବାବୁ ! କାଠ କାଟିତେ ବଜାର ଯାଇଥିଲି । ଫେରିଲା ବେଳେ ଫାରାମରୁ ଆଠଟା ଡିମ୍ ଆଣି ଛୁଆ ଫୁଟାଇଲି । ଗୋଟା ଗୋଟା କରି ସବ୍ ଖାଇଗଲା ଶଳା ନେଉଳଟା । ମାର୍‌ତି ନାଇଁ ତାକେ ଶରଧା କର୍‌ତି । ଆମର ଝିଅ ଝିଆଣିକି ତୁମର ବାବୁଭାୟା, ହାଟୁଆ ସବ୍ ନେଲ ବିକିଲା, ଖାଇଲା । ନେଉଳଟାକେ ମାରିଲି ବୁଲି ପଚାରୁଛି ତର କଅଣ କରୁଥିଲା ତର କୁକୁଡ଼ା ହେଇଥିଲେ ଛାଡ଼ି ଦେଇଥାନ୍ତୁ । ବେଶୀ ଉଦର ଦେଖେଇ ହଉଛି । (ସେହିଠାରେ ପୃ-୯୭)" ଏ ଉକ୍ତିଟି ଭିତରେ ନେଉଳର କର୍ମ ପାଇଁ ଯେ କେବଳ ସାନ୍ତାଳ ଯୁବକଟି କ୍ରୋଧିତ ତା' ନୁହେଁ ନିଜ ଜାତିର ଅତ୍ୟାଚାରକୁ ସତେ ଯେମିତି ପ୍ରତିଶୋଧ ନେଉଛନ୍ତି ନେଉଳ ଶିକାର କରିବା ଭିତରେ । ସେଥିପାଇଁ ନେଉଳ ତା'ର ଯେମିତି ଶତ୍ରୁ ତାକୁ ଆଶ୍ରୟ ଦେଉଥିବା ଲୋକଟି ମଧ୍ୟ ସେମିତି ଶତ୍ରୁ । ଗଳ୍ପ ନାୟକ ପୁଣି କୌତୁହଳ ବଶତଃ ତା'ର ଶିକାର ଓ ନେଉଳ ମାଂସର ସ୍ୱାଦ କଥା ପଚାରିଛନ୍ତି । ସାନ୍ତାଳ ଯୁବକଟି ମଧ୍ୟ ଏହାର ସ୍ୱାଭାବିକ ଉତ୍ତରଟିଏ ରଖିଛନ୍ତି । ଯେଉଁଥିରେ ତା'ର ନିଷ୍କପଟ ଓ ସରଳତା ଜଣାପଡ଼େ । ଏ ଗଳ୍ପଟିରେ ଦେଖିବାର କଥା ବଣୁଆ ନେଉଳକୁ ପୋଷା ମନାଇ ଆମେ ତା'ର ସ୍ୱାଧୀନତାକୁ ଛିନ୍ନ କରୁଛୁ । ଗୋଲାମୀ ହେବାକୁ ବାଧ୍ୟ କରୁଛୁ । ଜୀବନ୍ମୃତ ଅବସ୍ଥାରେ ରଖୁଛୁ । ଅଥଚ ଯଦି କିଏ ଜୀବନରେ ମାରି ଦେଉଛି ତାକୁ ଆମେ ହିଂସ୍ର ଚକ୍ଷୁରେ ଦେଖୁଛେ । ଏହା ଆମର ସ୍ୱାର୍ଥବାଦିତା ନୁହେଁ କି ?

'ଡୋବ୍ଲିଂ / ଦୋହରି' ଗଳ୍ପ ଏହି ସଂକଳନର ଦ୍ୱାଦଶ ଗଳ୍ପ । ଏଥିରେ ମୟୂରଭଞ୍ଜର ସାନ୍ତାଳ ଆଦିବାସୀଙ୍କ ଜୀବନର ଚଢ଼ା ଉତରାକୁ ବେଶ୍ ଜୀବନ୍ତ ଭାବରେ ଉପସ୍ଥାପନ କରିଛନ୍ତି । ଗଳ୍ପର ମୁଖ୍ୟ ଚରିତ୍ର ନାୟକ (ସେଙ୍ଗେଲ୍) ଓ ନାୟିକା (ସୁମି) ସତେ ଯେମିତି ଇଡ଼େନ୍ ଗାର୍ଡ଼େନର ଆଦାମ୍ ଓ ଇଭ୍ । ମୁକ୍ତାକାଶରେ ଏମାନେ ସୁଖକର ଜୀବନ ବଞ୍ଚନ୍ତି । ଖଳନାୟକ ମକୁ ଏମାନଙ୍କ ସୁଖର ସଂସାରରେ ବିଷମଞ୍ଜି ବୁଣି ଦେଇଛନ୍ତି । ମାସ କେଇଟା ଭିତରେ ତାଙ୍କ ସୁଖର ସଂସାର ଧୂଳିସାତ ହେଇଯାଇଛି । ତେବେ ଏହି ନବଦମ୍ପତି ଯେତେବେଳେ ପଣ୍ଡୁ ପାଣିରେ ମକରମେଳା ଚାଲିଥିଲା ସେ ସମୟରେ ଦୁହିଁଙ୍କ ସାକ୍ଷାତ ଓ ମିଳନ । ପରସ୍ପରକୁ ଭଲପାଇ ବିବାହ କରିଥିଲେ ଦୁହେଁ । "ବୁରୁ ନାଲାରେ ତିରିୟ

ଅରଂ ହୋ" ଗୀତର ସୁର ଭିତରେ ବନ୍ଧା ହୋଇଥିଲା ତାଙ୍କ ଜୀବନ । ଅଧା ଗୁମ୍ଫା ଅଧା ଚାଳ ଭିତରେ ବି ସୁଖର ସଂସାର ଗଢ଼ିଥିଲେ । ବେଶ୍ ଖୁସିରେ ଥିଲେ ଏମାନେ । କିନ୍ତୁ ସମୟର ଝଡ଼ ଓ ମକୁର ଚକ୍ରାନ୍ତ ଭିତରେ କେତେବେଳେ ଯେ ପେଶି ହେଇ ଯାଇଥିଲେ ତାହା ଜାଣି ପାରିଲେ ନାହିଁ । ଗ୍ରାମୀୟ ଜଙ୍ଗଲକୁ ଛାଡ଼ି ସହରୀ ଅଭିମୁଖେ ବାହାରିଲେ । ସୁଖ ସୁବିଧାର ସ୍ୱପ୍ନ ଦେଖିବା ଭିତରେ ସହରକୁ ଆସିଲେ ସିନା ସହରୀ ମଣିଷର ଚତୁରତାକୁ ବୁଝିପାରିଲେ ନାହିଁ । ସେଠାରେ ସେଙ୍ଗେଲ୍ ନେତାମାନଙ୍କ ହାତବାରସି ସାଜି ବିଦ୍ରୋହ କଲେ । ଟିଅର ଗ୍ୟାସ ବାଜି ଅଚେତ୍ ହେଲେ । ପୋଲିସ ହାତରେ ଗିରଫ ହେଲେ । ଫଳରେ ସୁମି ହୋଇଗଲେ ଏକା । କୁଆଡ଼େ ଯିବେ ଜାଣିପାରିଲେ ନାହିଁ । ତଥାପି ଚାଲିଲେ ଅଜଣା ଗନ୍ତବ୍ୟ ପଥରେ । ସହରୀ ସଭ୍ୟତାର ଲୋକ ମନରେ କାମନାକୁ ରଖି ସହାନୁଭୂତି ଦେଖାଇଲେ । ଶେଷରେ ଆଶ୍ରୟ ଦେଲେ ଅଟାକଳର ମାଲିକ ଶିବଲାଲ । ଏହାକୁ ଦେଖି ଅନେକେ କହିଲେ –'ଶସ୍ତା ସୁନ୍ଦର ମଜବୁତ ।' ଶିବଲାଲ୍ କିନ୍ତୁ ସୁମିକୁ ଆଶ୍ୱାସନା ଦେଲେ ସେଙ୍ଗେଲକୁ ଖୁଉବ୍ ଶୀଘ୍ର ଆଣିଦେବେ । ଭରସା ଦେଇ ନିଜର କଲେ ସୁମିକୁ । ଅବାଞ୍ଛିତ ମାତୃତ୍ୱ ବି ଦେଲେ । ତା'ପରେ ଛାଡ଼ିଦେଇ ଚାଲିଗଲେ ରାସ୍ତା କଡ଼ର କୁଡ଼ିଆ ଘରେ । ଭାଗ୍ୟକୁ ଅନେକ ଦିନ ପରେ ଦେଖାହେଲେ ସେଙ୍ଗେଲ୍ । ସୁମିର ସ୍ୱର ଶୁଣି ଫେରି ଚାହିଁଲେ ସେଙ୍ଗେଲ୍ । ପରସ୍ପରକୁ ଚିହ୍ନିଲେ । ଅପୂର୍ବ ମିଳନ ଘଟିଲା ଦୁହିଁଙ୍କ ଭିତରେ । ସୁମିକୁ ଦେଖି ସେଙ୍ଗେଲ୍ ଡାକ ପକାଇଲେ-

'ଆୟ୍ ଯିବୁନି' ?

– 'କନ୍ଠିକି ?'– ସୁମି ପଚାରିଲା ।

'ଘରକେ । ଆର୍ କନ୍ଠିକି ?' ସେଙ୍ଗେଲ କହିଲା ।

'ଏଟା ଯେ ?'

'ଏଟା କନ୍ଠ ଆଣିଲୁ ?'

'ବଜାର୍ରୁ; ଅଟାକଳରୁ ।' ××× "କି କହୁଛୁ ? ନବା ନା ଏଇଠେ ଫିଙ୍ଗି ଦେଇଯିବା ? କହିବୁ ତ ଏଇଠେ ପୋଲର ତଳ୍କେ ଗଡ଼େଇ ଦେବି ।" ସୁମି ନିଜ ଗର୍ଭଜାତ ସନ୍ତାନକୁ ସାଙ୍ଗରେ ନେବା ପାଇଁ ମଧ୍ୟ ସେଙ୍ଗେଲର ଅନୁମତି ଲୋଡ଼ିଛି । କାରଣ ଆବଶ୍ୟକତା ଯଦି ପଡ଼େ ଏଠି ନାରୀଟି ତା'ର ଗର୍ଭସ୍ଥ ସନ୍ତାନକୁ ବି ପରିତ୍ୟାଗ କରିପାରେ । ଏମାନଙ୍କ ଭଲ ପାଇବାରେ ମଧ୍ୟ ରହିଛି ଏକ ଆଦର୍ଶ । ଯାହାକୁ ସମ୍ମାନ ଦେଇଛନ୍ତି ସେଙ୍ଗେଲ । ତେଣୁ ସାମାନ୍ୟ ହସ ହସି ସେଙ୍ଗେଲ କହିଲା- "ନେଇଯିବା ନାହିଁ ତ, ଆର୍ କି କର୍ବା ? ବଜାରକୁ ଆସିଥିଲୁ ଗୁଟେ ଚିହ୍ନ ନ ନେଇଗଲେ ଆମାର ଗାଁ ସାଇର ନୁକ୍ଗା କିମ୍ତି ଜାଣବେ ? ଏଟା ବଜାରିଆ ଫଳଟା ପରା !" ନିଜ କପାଳର ଟିଅର ଗେସ୍ ଶେଲ୍ର ଚିହ୍ନକୁ ଆଙ୍ଗୁଳିରେ ଦେଖାଇ ପୁଣି କହିଲା- "ହେଇ ଦେଖ୍, ମୁଇଁ ବି ତ ଗୁଟେ ଚିହ୍ନ ନେଇ ଯାଉଛି ।" (ସେହିଠାରେ ପୃ-୧୧୯)ଏଇ ଆଦିମ ଦମ୍ପତିଙ୍କ ପାଖରେ ରହିଛି ମାନବିକତା । ତେଣୁ ସେମାନେ ଜାଣି ସୁଦ୍ଧା ଶିବଲାଲ ସନ୍ତାନକୁ ପରିତ୍ୟାଗ କରିନାହାନ୍ତି । ସାଙ୍ଗରେ ନେଇ ଫେରି ଯାଇଛନ୍ତି ସେହି ପ୍ରକୃତି କୋଳକୁ । ଗଳ୍ପଟିରେ ଗାଳ୍ପିକ ଚମତ୍କାର ଭାବରେ ଆଦିବାସୀଙ୍କର ମାନସିକତା ଓ ମାନବିକତାକୁ ରୂପ ପ୍ରଦାନ କରିଛନ୍ତି । ପୁଣି ଏମାନେ ମୟୂରଭଞ୍ଜ ମାଟିର ହୋଇଥିବାରୁ ସେ ଅଞ୍ଚଳର ପର୍ବ ପର୍ବାଣିକୁ ଗାଳ୍ପିକ ପ୍ରସଙ୍ଗକ୍ରମରେ ଉପସ୍ଥାପନ କରିଛନ୍ତି । ଯଥା –"ମୟୂରଭଞ୍ଜରେ ମକର କହିଲେ ସଭ୍ୟ ଦୁନିଆ ଆଖିରେ ଗୋଟାଏ ପାଗଳାମୀ ବଢ଼ାଏ । ହାଣ୍ଡିଆ, ହଳଦିଆ, ଲୁଗା, ଖାସି, ମେଣ୍ଢା, ଛେଳି, ଘୁଷୁରି, କକୁଡ଼ା, ମାଙ୍କଡ଼ କେତେ କ'ଣ ? ସଭ୍ୟ ଦୁନିଆର ଟୋକା ଟୋକୀ ପ୍ରାଚୁର୍ଯ୍ୟ ଓ ପରିତୃପ୍ତିରେ ବୁଡ଼ିରହି ଖାଲିଜୀବନ ଯନ୍ତ୍ରଣା, ମୃତ୍ୟୁ ଚେତନାର ଜୀବନ ସଂଗୀତ ଗାଆନ୍ତି କିନ୍ତୁ ଉନ୍ନତ ଦୁନିଆର ଦୂରରେ ମକରର ମୟୂରଭଞ୍ଜ ଖାଲି ଆନନ୍ଦର ଦୁନିଆ, ଉତ୍ସବର ଦୁନିଆ ଦାରିଦ୍ର୍ୟ ଅନାଟନ ସତ୍ତ୍ୱେ । ଯେଉଁ ଆଡ଼େ ଶୁଣିବ ଧୂମୁଷା, ମାଦଳ, ବଂଶୀ, କେନ୍ଦରା ବାଦ୍ୟର ସୁରରେ ବୁରୁନାଲାରେ ତିରିଂ ଅରଂ ହୋ' ଗୀତର ପ୍ରତିଧ୍ୱନି । ××× ଏ ଇଲାକାରେ ମରୁଡ଼ି ଆସୁ ବନ୍ୟା ଆସୁ ମକର ମେଳାର ଧୂମଧାମ ସର୍ବବ୍ୟାପୀ । ଦୁଃଖ ଓ ମୃତ୍ୟୁର ସ୍ଥାନ କାହିଁ ନାହିଁ । (ସେହିଠାରେ ପୃ-୧୧୩/୧୧୪)

ମୟୂରଭଞ୍ଜ ବାସିନ୍ଦା ମକର ପର୍ବର ପୂର୍ବ ଦିନକୁ 'ବାଉଣ୍ଡି' ଭାବରେ ପାଳନ କରନ୍ତି । ଏହି ଦିନଠାରୁ ମେଳା ସବୁ ଆରମ୍ଭ ହୁଏ । ମେଳାରେ ଫୁଟବଲ୍ ଖେଳ, କୁକୁଡ଼ା ଲଢେଇ, ଦଣ୍ଡନାଚ, ଧାଙ୍ଗଡ଼ା ଧାଙ୍ଗଡ଼ୀ ନାଚ ଆଦିହୁଏ । ମୟୂରଭଞ୍ଜ ପ୍ରସିଦ୍ଧ ପଣ୍ଡୁପାଣି ମେଳାରେ ବି ଏସବୁ ହୋଇଛି । ଗଳ୍ପ ନାୟିକା ସୁମି ଏହି ମେଳାକୁ ଦେଖି ଖୁବ ଆନନ୍ଦିତ ହୋଇଛନ୍ତି । ନାୟକ ସେଙ୍ଗେଲ ମଧ୍ୟ ନାଚରେ ଅଂଶ ଗ୍ରହଣ କରି ସୁମି ସାଥିରେ ଦେଖାହେବାର ସୌଭାଗ୍ୟ ଲାଭ କରିଛି । ଏହି ମେଳାରେ ଆଦିବାସୀମାନେ ନିଜର ଜୀବନସାଥୀ ବାଛି ନିଅନ୍ତି । ସୁମି ଆଉ ସେଙ୍ଗେଲ ବି ପରସ୍ପରକୁ ବାଛି ନେଇଛନ୍ତି । ଏହି ଶାନ୍ତିମୟ ଆନନ୍ଦମୟ ମୟୂରଭଞ୍ଜ ସନ୍ତାନ ଏମାନେ । ଏଠି ମଣିଷ ଠାରୁ ପଶୁ ପର୍ଯ୍ୟନ୍ତ ସମସ୍ତେ ଶାନ୍ତିପୂର୍ଣ୍ଣ

ଜୀବନଯାପନ କରନ୍ତି । ତେଣୁ ପ୍ରକୃତି ବର୍ଣ୍ଣନା କାଳରେ ଗାଳ୍ପିକ ଲେଖିଛନ୍ତି- "ଏ ଦେଶ ପରା ବାଘମାମୁଁ, ଭାଲୁ, ସମ୍ବର, ହରିଣ, କୁଟାର, ବାରହା, ହେଟାବାଘ ଏବଂ ହାତୀପଲର ଦେଶ; ଏ ଦେଶ ମୟୂର, ଶୁଆଶାରୀ, କପୋତ କପୋତୀର ଦେଶ; ଏଠି ମିଳେ ଝରଣା, ଆମ୍ବ, କାଙ୍କଡ଼, ବଣକୁନ୍ଦୁରୀ, ପଣସ, ଭୁରୁଡୁ, ଚାର, କେନ୍ଦୁ ଆଦି ଫଳ, ପାଳୁଅ ଓ କେତେ ଚେରମୂଳ; ଏଠି ମିଳେ କେତେ କେତେ ଫୁଲ, ପତର, ଛାଲିର ମହକ ଓ ରଙ୍ଗ, ଅତାଣ୍ଡି ସୁନାରୀ, ପଳାଶ, ଚମ୍ପା, ଆହୁରି କେତେ କ'ଣ । ଗଛରୁ ପଥରରୁ ତ ମହୁ ଝରୁଛି । ଭୂଇଁ ଫଟାଇ ଛତୁ ଉଠୁଛି ।" (ସେହିଠାରେ ପୃ-୧୧୪)

ସେହିପରି ଆକାଶୀ ଫୁଲ ସଂକଳନରେ ଥିବା 'ମକର ଘୁଷୁରୀ ସାହିର' ଗଳ୍ପରେ ମଧ୍ୟ ଗାଳ୍ପିକ ମକର ପର୍ବର ପ୍ରସଙ୍ଗକୁ ବର୍ଣ୍ଣନା କରିଛନ୍ତି । ତେଣୁ କୁହାଯାଇପାରେ ଏହି ଘୁଷୁରି ସାହି ବି ହୁଏତ ମୟୂରଭଞ୍ଜ ଅଞ୍ଚଳର । କାରଣ ଏମାନେ ବି ମକର ପାଇଁ ବର୍ଷକଯାକ ପ୍ରସ୍ତୁତି କରିଥାନ୍ତି । ମକର ଶବ୍ଦ ଉଚ୍ଚାରଣ କଲା ମାତ୍ରେ ଆନନ୍ଦରେ ଚେତା ଚୈତନ୍ୟ ହରାଇ ବସନ୍ତି । ଗାଳ୍ପିକଙ୍କ ଭାଷାରେ- "ମକର ଆସୁଛି, ଆସିଗଲାରେ, ମକର ଆସିଗଲା । ବାୟା ହୁଅ, ପାଗଳ ହୁଅ, ନାଚ, ଗାଅ, ମଦ ପିଅ, ମୁକୁଳାଇ ଆଣ କେଉଁଠି ବନ୍ଧା ପଡ଼ିଛି ଧୂମୁଷା ,ମାଦଳ, ପିଟ ଦିନରାତି । ବେଲା ବାସନ ବିକ, ରେଶମୀ କାଚ କିଣ, ସୋନାଲି କାନ ଫୁଲ କିଣ; ମୁଣ୍ଡର ଝୁମ୍ପା କିଣ, ପାଉଡ଼ର ମାଖି କଳାମୁହଁ ଧଳା କର । ମରଦ ତିରିଲା କରମା ନାଚରେ ମାତ, ଦିନେ ଦୁଇଦିନ । ଦରକାର ହେଲେ ଦେହ ବିକ ।" (ଆକାଶୀ ଫୁଲ, ୧ମ ପ୍ରକାଶ-୧୯୮୩, ପୃ-୯/୧୦)

ଏ ଭିତରେ ମୟୂରଭଞ୍ଜରେ ମକର ଆସେ ସବୁ ମ'କାର ନେଇ । ପୁରୁଷଙ୍କ ଲୋଡ଼ା ମଦ, ମାଂସ, ମାଇକିନିଆ, ସ୍ତ୍ରୀଙ୍କ ଲୋଡ଼ା ମଦ, ମରଦ, ମନୋହାରୀ ଚିଜ୍, ବିଶେଷତଃ ରଙ୍ଗୀନ ଶାଢୀ । ମକର ଗଲେ କିନ୍ତୁ ସବୁ ଠକର । ମକର ପରେ ଆଉ ଜୀବନ ନଥାଏ ସତେ । ସେଥିପାଇଁ ଗଳ୍ପର ଖଳନାୟକ ଘୁଷୁରି ସାହିର ଭିଖା ନିଜର ସହଜାତ ବୁଦ୍ଧି ବଳରେ ଛକ ଜାଗାରେ ଉଠା ଦୋକାନଟିଏ ପକାଇଛି । ସାମନା ଖୁଣ୍ଟରେ ବାର୍‌ଲାଇଟ୍ ଥିଲେ ବି ପେଟ୍ରୋମାକ୍ସ ଆଲୁଅଟି ଥୋଇଛନ୍ତି । ପୋକ, ବେଙ୍ଗ, ସାପ, ମାଛ ସମସ୍ତଙ୍କୁ ଏକ ଜାଲରେ ଧରିବାପାଇଁ ପ୍ରୟାସ ଆରମ୍ଭ କରିଛନ୍ତି । କ୍ରମେ ସେଠାରେ ପ୍ରଥମେ ପୋକ ଓ ପରେ ଅନ୍ୟମାନେ ଆସିଛନ୍ତି । ସଞ୍ଜ ହେଲାମାତ୍ରେ ଏହି ଘୁଷୁରି ସାହି ସୋନାମାଛି, ଚୌରଙ୍ଗୀ, କନଟ୍‌ପ୍ଲେଶ ବା ହଂକଂରେ ପରିଣତ ହୋଇଯାଏ । ସେତିକିବେଳେ ଦିଗୋଡ଼ିଆ ଘୁଷୁରି ମେଞ୍ଚା ମେଞ୍ଚା ପାଉଡ଼ରରେ କଳାମୁହଁକୁ ଧଳା କରି ନାକ କାନରେ ମୁଦିଗୁଣା ଲଗାଇ ଅଳ୍ପ ଦାମିଆ ଛିଟରେ ଦିହ ଘୋଡ଼ାଇ କୋଳରେ ପାନ ଜାକି ବସନ୍ତି ଘୁଷୁରି ଛୁଆ ମାଆ ଭିଖାର ଅଦୂରର ସାଇଡ଼ ସିଟ୍‌ରେ । ଏହି ଘୁଷୁରିଗୁଡ଼ାକ ପରୀ ପାଲଟି ଯାଆନ୍ତି ଏବଂ ସେମାନଙ୍କୁ ଧରିବା ପାଇଁ ସହରର ମଣିଷ ଗୁଡ଼ାକ ଘୁଷୁରି ବେଶ ନେଇ ସାହିଟାରେ ଭୋକିଲା କୋକୀ ପରି ଶିକାର ଆରମ୍ଭ କରି ଦିଅନ୍ତି । ଆଉ ଏ ସବୁ ଭିଖାର ମଧ୍ୟସ୍ଥିରେ ସଙ୍ଘଟିତ ହୁଏ । ଏହି ଘୁଷୁରିକୁ ଏକ ପ୍ରତୀକାତ୍ମକ ଭାବରେ ଗାଳ୍ପିକ ଗଳ୍ପରେ ବ୍ୟବହାର କରିଛନ୍ତି । ଯିଏ ନୀଚ, ଘୃଣ୍ୟ, ମାନସିକ ବିକୃତି ଓ ଅବହେଳିତ ରୂପକୁ ପ୍ରକାଶିତ କରୁଛି ।

ମୟୂରଭଞ୍ଜରେ ମକର ପର୍ବକୁ ଗଣ ପର୍ବର ମାନ୍ୟତା ଦିଆଯାଏ । ତେଣୁ ଘୁଷୁରିଆ ସାହିରେ ମଧ୍ୟ ଆନନ୍ଦର ଜୁଆର ମାଡ଼ି ଆସିଛି । ରାତି ପାହିଲେ ମକର । ଆଜି ବାଉଣ୍ଡି । ଆଜି ରାତିରେ ମକର 'କୁମ୍ଭା' ଜଳିବ ପୋଖରୀରେ, ସମସ୍ତେ ମକର ବୁଡ଼ ମାରିବେ, ନୂଆ ଲୁଗା ପିନ୍ଧି ମକର ଚାଉଳ, ମକର ମଣ୍ଡା ଖାଇବେ, ଫଟକା ଫୁଟିବ, ମାଙ୍କଡ଼ ନାଚ ଆସିବ, କାଠି ନାଚ, ଧାଙ୍ଗଡ଼ା ଧାଙ୍ଗଡ଼ି ନାଚ କେତେ କ'ଣ । ଏହି ଖୁସିର ମାହଲ ଭିତରେ ବି କିନ୍ତୁ ଛୋଟ କୁଡ଼ିଆଟିରେ ଆନନ୍ଦ ନାହିଁ । ଶାମ କୁକୁଡ଼ା ପାଳାରୁ ହାରି ଫେରି ଆସିଛି । ଭାବିଥିଲା ପାଡୁଟାଏ ଆଣିଲେ ତାକୁ ବିକି ଝିଅ ବେଙ୍ଗକୁ ଶାଢ଼ୀ ଖଣ୍ଡେ ଦେଇ ତାର ଲଜ୍ଜା ନିବାରଣ କରିବ । କିନ୍ତୁ ତା' ବି ହୋଇପାରିଲାନି । ବେଙ୍ଗ ମାଆ ବି ନାଚାର । ତା ଦେହ ଅସୁସ୍ଥତା ଯୋଗୁଁ କିଛି କରିପାରୁ ନାହିଁ । ଭିଖା ସହିତ କଥାବାର୍ତ୍ତା କରି ଝିଅକୁ ପରାମର୍ଶ ଦେଇଛି- "ତୁ ଯା ଭିଖା ଦୋକନକୁ ମୁଁ ତାକୁ କହିଛି, ସେ ତୋ ପାଇଁ ଶାଢ଼ୀ ଖଣ୍ଡେ ରଖିଛି, ଗଲାମାତ୍ରେ ତତେ ଦେଇଦେବ ।" (ସେହିଠାରେ ପୃ-୧୪) ବେଙ୍ଗ କିନ୍ତୁ ସାପ ପାଖକୁ ଯିବନି । ଡରୁଛି କାନ୍ଦୁଛି । ଶାଢ଼ୀ କଥା ବା ସାଙ୍ଗମାନଙ୍କ ଶାଢ଼ୀ ମନେ ପଡ଼ିଲେ ବା ଦେଖିଲେ ସେ ଝାସ ଦେବ ଭାବୁଛି; କିନ୍ତୁ ସାହସ କୁଳାଉ ନାହିଁ । ତାକୁ ତ ଅଜଣା ନାହିଁ ଭିଖା ଦୋକାନର ମହିମା । ତେଣୁ ଭିଖା ପାଖକୁ ନ ଯାଇ ବରଂ ଆତ୍ମହତ୍ୟା କରିବା ଭଲ ବୋଲି ଭାବେ ବେଙ୍ଗ । ସେହି ସମୟରେ ଦୁଇ ସାଙ୍ଗ ଚେମି ଓ ସୁମି ବଡ଼ପାଟି କରି ଶାଢ଼ୀ ବିଷୟରେ କଥା ବାର୍ତ୍ତା ହୋଇ ଚାଲିଗଲେ । ଗଲାବେଳେ ପଚାରି ଦେଇଗଲେ- "ବେଙ୍ଗ ଲୋ କ'ଣ କରୁଛୁ ?" ଆଉ ସହିପାରିଲା ନାହିଁ ବେଙ୍ଗ । ସବୁ ଧୈର୍ଯ୍ୟ ତା'ର ସୀମା ପାର କରି ଗଲାଣି । ସେ ବି ମକର ମାନିବ ସାଙ୍ଗସାଥୀ

ପରି । ତା’ ଜୀବନର ଏହା ପ୍ରଥମ ମକର ସଂକ୍ରାନ୍ତି । ତେଣୁ ମାଆକୁ କହିଲା- “ମାଆ କୁ ମୋତେ ଛାଡ଼ି ଦେଇ ଆସିବୁ, ଅଧା ବାଟରେ, ମୋତେ ଡର ମାଡୁଛି ।” କିନ୍ତୁ ଯେମିତି ମାଆ ତା ନିଜ ଶାଢ଼ୀ ତାକୁ ପିନ୍ଧାଇ ଦେଇଛି ବେଙ୍ଗ ମନରେ ଅଦ୍ଭୁତ ପୂର୍ବ ସାହସ ଆପେ ଆପେ ସଞ୍ଚରି ଯାଇଛି । ତେଣୁ ବେଙ୍ଗ କହିଲା- “ନା ମାଆ ତୁ ଯାଆ ଆଉ ଆସିବା ଦରକାର ନାହିଁ । ମୋତେ ଆଦୌ ଡର ମାଡୁନି । ଡର ମାଡ଼ିଲେ ଭିଖାକୁ କହିବି ଅଧା ବାଟରେ ଛାଡ଼ି ଦେଇଯି ।” (ସେହିଠାରେ ପୃ-୧୫) ଭିଖା ଦୋକାନକୁ ଯିବା ଭିତରେ ଖାଲି କ’ଣ ଶାଢ଼ୀ ? ଶାଢ଼ୀ ସାଙ୍ଗକୁ ବ୍ଲାଉଜ, ସାୟା, ବଡ଼ିଶ, କାଚ ମୁଦି, କାନଫୁଲ ସବୁ ସାଜ ସରଞ୍ଜାମ ପଠାଇ ଦେଇଛି । ଏସବୁ ପିନ୍ଧି ବେଙ୍ଗ ବେଙ୍ଗରାଣୀ ବନିଯାଇଛି । ଖୁସିରେ ମକର ଲୁଗା ପାଇଯାଇଛି । କିନ୍ତୁ ମାଆକୁ କୁଣ୍ଢାଇବ ନା ଠୋ କରି ଚାପୁଡ଼ାଟାଏ ପକାଇବ ଠିକ୍ କରି ପାରିଲାନି । ଖୁସି ହେବ ନା ଦୁଃଖ କରିବ । କ’ଣ ସେ କରିବ । ଏ ମକରକୁ ମାନିବା ପାଇଁ ସେ ନିଜ ସତୀତ୍ୱକୁ ବଳି ଦେଇଛି । ପରିଣାମ ସ୍ୱରୂପ ପାଇଛି ଅବାଞ୍ଛିତ ମାତୃତ୍ୱ । ଗାଳ୍ପିକଙ୍କ ଭାଷାରେ- “ଯଥା ସମୟରେ କ୍ରାନ୍ତିକାରୀ ମକର ଆସିଲା, ଚାଲିଗଲା । ଛାଡ଼ି ଦେଇଗଲା ଘୁଷୁରିଆ ସାହିରେ ଗୋଟିଏ ଛୋଟ ତାରକା ଯାହା ପ୍ରତିଦିନ ସଞ୍ଜରେ ଉଦୟ ହୋଇ ପଥହରାକୁ ମୁକ୍ତିପଥ ଦେଖାଇବ ଆଗାମୀ ମକର ମାନଙ୍କରେ, ଯେମିତି ଦିନେ ପୂର୍ବରେ ପଣ୍ଡିତମାନଙ୍କୁ ତରାଟିଏ ବେଥ୍‌ଲେମର କୁଡ଼ିଆକୁ ବାଟ ଦେଖାଇ ଥିଲା ।” (ସେହିଠାରେ ପୃ-୧୫) ଗଳ୍ପରେ ରହିଛି ଆଦିବାସୀଙ୍କର ସଙ୍କଟାପନ୍ନ ଜୀବନର କଥା । ଦାରିଦ୍ର୍ୟ ଭିତରେ ବି ବଞ୍ଚିବାର ନିଶା । ସମସ୍ତଙ୍କ ସହିତ ସମତାଳରେ ଗତି କରିବାର ପ୍ରୟାସ । ତେଣୁ ନିଜ ଇଜ୍ଜତକୁ ମଧ୍ୟ ଏମାନେ ଖାତିର କରିନାହାନ୍ତି । ବଞ୍ଚିବାଟା ହିଁ ବଡ଼ କଥା । ସମସ୍ତଙ୍କ ପରି ଏକାଠି ଚଳି ମିଳିମିଶି ରହିବା ହିଁ ଏମାନଙ୍କ ଜୀବନ ଚଳଣି । ଏତଦ୍ ବ୍ୟତୀତ ଗାଳ୍ପିକଙ୍କ ଅନ୍ୟଦୁଇଟି ଆଦିବାସୀ ଗଳ୍ପ ମୟୂରଭଞ୍ଜର ବାହାରେ ପରିକଳ୍ପିତ ହେଲେ ମଧ୍ୟ ଏଥିରେ ବି ରହିଛି ଆଦିବାସୀଙ୍କ ଜୀବନର ପରାକାଷ୍ଠା ।

ତେଣୁ ସଂକଳନର ଅନ୍ୟ ଏକ ଆଦିବାସୀ ସମ୍ବଳିତ ଗଳ୍ପ ‘ଶ୍ୱେତ ପଦ୍ମ’ । କଟକର ପୃଷ୍ଠଭୂମିରେ ରଚିତ ଏହି ଗଳ୍ପରେ ରହିଛି ଆଦିବାସୀ ସାନ୍ତାଳ ମାନଙ୍କର ସ୍ୱାଭିମାନ, ପ୍ରତିଶ୍ରୁତିବଦ୍ଧ ତଥା ସଂଘର୍ଷପୂର୍ଣ୍ଣ ଜୀବନ କାହାଣୀ । ଦୁର୍ଗାପୂଜା ପରେ ଆସିଛି କୁମାର ପୂର୍ଣ୍ଣିମା । ଦେବ ରାଜ୍ୟର ସୁନ୍ଦରତମ ପୁରୁଷଙ୍କୁ ଛାଡ଼ି ଲୋକମାନେ ଲକ୍ଷ୍ମୀଙ୍କର ପୂଜା ଆୟୋଜନରେ ଅଧିକ ମନୋନିବେଶ କରିଛନ୍ତି । ସାନ୍ତାଳ ବୁଢ଼ାଟି ଲକ୍ଷ୍ମୀଙ୍କର ପ୍ରିୟପୁଷ୍ପ ପଦ୍ମ ଫୁଲକୁ ବିକ୍ରି କରିବା ପାଇଁ ବଜାରକୁ ନେଇ ଯାଇଛନ୍ତି । ଅବଶ୍ୟ ଏଇଟା ତାଙ୍କ ବ୍ୟବସାୟ ନୁହେଁ । ତା’ର ପିଲା ଦୁଇଟି ଗୋରୁ ଜଗିଲା ବେଳେ ଫୁରସତ ପାଇବାରୁ ଏହାକୁ ବେକ ପାଣିରୁ ତୋଳିଥିଲେ । ଫୁଲ ତୋଳିଲା ବେଳେ ବଡ଼ପୁଅ ପଦ୍ମ ନାଡ଼ରେ ଛନ୍ଦି ହୋଇଯାଇଥିଲା ବେଳେ ସାନଟାର ବି ଦିହ ହାତ କୁଣ୍ଡେଇ ହେଉଛି । ତେବେ ଶୀତଦିନ ଆସୁଥିବାରୁ ତା’ ପୂର୍ବରୁ ପଇସା ଯୋଗାଡ଼ କରୁଛନ୍ତି ଗେଞ୍ଜିଟିଏ କିଣିବେ ବୋଲି । ଏଥିପାଇଁ ବଜାରରୁ କାଠ ଚିରିସାରି ଘରକୁ ଫେରିଥିଲେ ମଧ୍ୟ ବାରମ୍ବାର ପୁଣି ବଜାରକୁ ଯାଇଛନ୍ତି ଦୁଇ ପଇସା ଆଣିବେ ଭାବି । ଗଳ୍ପନାୟକ ଏହି ବୁଢ଼ାକୁ ରାସ୍ତାରେ ପାଇଛନ୍ତି । କାନ୍ଧରେ ଆଗପଛ ଝୁଲାଇଛି ପଦ୍ମକଡ଼ । ସେଥିରେ ରହିଛି ଗୋଟାଏ ମାତ୍ର ଫୁଟିଲା ଶ୍ୱେତପଦ୍ମ । ବୁଢ଼ାକୁ ପଚାରିଛନ୍ତି- ବିକିବୁ ? ହୁଁ ରେ ସେ ଉତ୍ତର ଦେଇ ଫେରି ଚାହିଁଛନ୍ତି । ଦର କଷାକଷି କରି ଶେଷରେ ଦଶ ପଇସାରେ ଫୁଟିଲା ଫୁଲ ଦେବାକୁ ରାଜିହେଲା ବେଳକୁ ଭିନ୍ନ ସ୍ୱରରେ ଗଳ୍ପ ନାୟକ ପଦ୍ମ ତୋଳା ଗାଇଲେ । ତେଣୁ ଗଳ୍ପ ନାୟକକୁ ରାଗରେ ଗରଗର ହୋଇ କହିଲା- “ତୁମର ଯେତେ ସବୁ ବଜାରିଆ ନୁକ ଏକା ରକମ୍ । ତୁମର କଥା ଗୁଟେ ବାଟେ, କାମ ଆର ଗୁଟେ ବାଟେ । ତର୍ କଥାରୁ ମୁଁ ଜାଣିଛି ତୁ ଫୁଲ ନବୁନି ।”( ସେହିଠାରେ ପୃ-୩୦) ତଥାପି ଗଳ୍ପ ନାୟକ ବୁଢ଼ାକୁ ଦେହ ଛୁଇଁ ଶପଥ କରାଇଛନ୍ତି ଫୁଲଟାକୁ ପଚାଶ ପଇସାରୁ କମ୍‌ରେ ବିକିବୁନି । ଯାହା ଫଳରେ ତାଙ୍କ ଫୁଲତକ ଅବିକ୍ରି ହୋଇ ରହିଯାଇଛି । ଶେଷରେ ଲକ୍ଷ୍ମୀଙ୍କ ପାଦତଳେ ଏସବୁକୁ ଅଜାଡ଼ି ଦେଇ ଫେରିଲା ବେଳକୁ ଗଳ୍ପନାୟକ ପୁଣି ଦେଖିଛନ୍ତି ଓ ନିଜ କୃତକର୍ମର ପରିଣାମକୁ ଜାଣି ପାରିଛନ୍ତି । ସେଥିପାଇଁ ଦୟାପରବଶ ହୋଇ ତାଙ୍କୁ ପାଞ୍ଚ ଟଙ୍କା ଯାଚିଛନ୍ତି । ଏଥିରେ ବୁଢ଼ାର ସ୍ୱାଭିମାନ ଆଘାତ ପାଇଛି । କ୍ରୋଧାନ୍ୱିତ ହୋଇ କହିଛନ୍ତି- “ବାବୁ ! ଆମ୍ଭର ସାନ୍ତାଳ ଜାତିରେ ମାଗିକରି କିଏ ବଞ୍ଚୁଛି ଜାଣୁ ? ଆମ୍ଭର କାମ କରୁ ଆର୍ ପଇସା ନଉଁ, ଜିନିଷ ଦଉ ପଇସା ଆଣୁ । ମାଗଣାରେ ଟାଉଟରି କରି ଯିଏ ବଞ୍ଚେ ତାକୁ ସହର ବଜାରକୁ ପଠାଇ ଦଉଁ, ଏକ ଘରକିଆ କରୁଁ । ତୁ ପଇସା ଦେଇ ବଡ଼ଲୋକୀ ଦେଖେଇ ହବୁ ? ଦେଖ୍ ତତେ ଜବାବ୍ ଦେଇଥିଲି ଜବାବ ରଖିଛି, ସାନ୍ତାଳ କେବେ ଜବାବ୍ ଭାଙ୍ଗେ ନାହିଁ, ଭୁଖ୍ ଉପାସରେ ମରିବ ପଛେ । ଅସଲ ସାନ୍ତାଳ ଗୁଳି ଖାଇ ମରିବ, ନ୍ୟାୟରେ ଲୋକ୍‌କେ ହାଣି କଇଦୀ ଖଟିବ ପଛେ ଚୋରି ଟାଉଟରି କରି ଜେଲ୍‌ଖାନା ଯିବ ନାହିଁ ।” (ସେହିଠାରେ ପୃ-୩୩) ଏଠି ଆଦିବାସୀ ସାନ୍ତାଳମାନଙ୍କର

ପ୍ରତିଶ୍ରୁତିବଦ୍ଧତା ଓ ସ୍ୱାଭିମାନକୁ ଗାଳ୍ପିକ ଦର୍ଶାଇଛନ୍ତି । ପୁନଶ୍ଚ ଏହି ଏକଜିଦିଆ ମନଭାବ ଯୋଗୁଁ ତାଙ୍କ ପରିଶ୍ରମ କିପରି ମୂଲ୍ୟହୀନ ହେବା ସହିତ ଅର୍ଥାଭାବର ସମ୍ମୁଖୀନ ହେଉଛନ୍ତି ତାହା ମଧ୍ୟ ଗଳ୍ପରେ ଉଲ୍ଲେଖ କରିଛନ୍ତି । ଅନ୍ୟ ଏକ ଗଳ୍ପ 'ଧରିତ୍ରୀ' ଗାଳ୍ପିକଙ୍କର ଆଉ ଏକ ଚମତ୍କାର ଆଦିବାସୀ ସମ୍ବଳିତ ଗଳ୍ପ । ଏହା ଶ୍ୱେତପଦ୍ମ ଗଳ୍ପ ସଂକଳନର ଅଷ୍ଟମ ଗଳ୍ପ । ଏଥିରେ ଗାଳ୍ପିକ ଦୁଇଟି ମା'ର ତୁଳନାତ୍ମକ ଚିତ୍ର ପ୍ରଦାନ କରିଛନ୍ତି । ଗୋଟିଏ ପଟରେ ସଭ୍ୟଜଗତର ନାରୀଙ୍କ ପ୍ରତିନିଧିତ୍ୱ କରୁଥିବା ଦାରୋଗାଙ୍କ ପତ୍ନୀ ଓ ଅନ୍ୟପଟରେ ଆଦିବାସୀ ନାରୀଙ୍କ ପ୍ରତିନିଧିତ୍ୱ କରୁଥିବା ଜଣେ ସାଧାରଣ ଯୁବତୀ ମାଆ । ତାଙ୍କ ରୂପ ବର୍ଣ୍ଣନା କରିବାକୁ ଯାଇ ଗାଳ୍ପିକ ଲେଖିଛନ୍ତି- "ଗୋଲ୍ ଗୋଲ୍ ଡଉଲ ଡାଉଲ ଦେହ ଉପରେ ପରସ୍ତେ ଲାଲି ଧଡ଼ିର ମସିଆ ଅଳ୍ପଦାମିଆ ସାଦା ଶାଢ଼ୀ । ସାୟା ନାହିଁ, ବ୍ଲାଉସ୍ ନାହିଁ, ଗହଣା ଗାଣ୍ଠି ନାହିଁ କି ସିନ୍ଦୁର ନାହିଁ କଜ୍ଜଳ ନାହିଁ । ଦିହରୁ ମାଟିର ମହକ, ଯିମିତି ଏଇମାତ୍ର ଲଙ୍ଗଳ ଗାରରୁ ସୀତାଙ୍କୁ ବାହାର କଲା ପରି କିଏ ଖୋଳି ଆଣିଛି ××× ପ୍ରଥମ ବର୍ଷା ପରେ ପୋଡ଼ା ଭୂଇଁର ଯେଉଁ ବାସନ ବାହାରେ, ସେଇ ମହକ ତା ଦିହରୁ ଆସୁଥାଏ ××× ଦିହ ଗଣ୍ଠି ବିବର୍ଜିତ, କଳା ମାର୍ବଲ ବା ମୁଗୁନି ପଥରରେ ବିଶ୍ୱକର୍ମା ଯିମିତି ବରାଦ ନେଇ ଝିଅଟାକୁ ଗଢ଼ି ଦେଇଛି ।" (ସେହିଠାରେ ପୃ-୬୭)ତେବେ ଏଠି ଦାରୋଗାଙ୍କ ପତ୍ନୀ ନିଜ ପିଲାଟିର ଭୋକ ମେଣ୍ଟାଇବାକୁ ଅସମର୍ଥ । କାରଣ ତା' ଥନରେ କ୍ଷୀର ଠପେ ନାହିଁ । ଅପର ପକ୍ଷରେ ମହୁଲ ନେଠା ଖାଇ ବଞ୍ଚୁଥିବା ଆଦିବାସୀ ମା' ଙ୍କ ବକ୍ଷରେ ସମଗ୍ର ଧରିତ୍ରୀର ଝରଣା ଯେପରି ସମାହିତ । ମାଂସ ମହୁଲ ନେଠାର ସତେ କି ତଫାତ୍ । ନିଜ ଶିଶୁକୁ କ୍ଷୀର ଖୁଆଇଲା ବେଳେ ଅନ୍ୟପଟର ଥନରୁ ବି କ୍ଷୀର ଆପେ ଆପେ ଝରି ଯାଇ ମା' ଛୁଆ ଦୁହିଁଙ୍କୁ ଅସମ୍ଭାଳ କରି ପକାଉଛି । ବାତ୍ସଲ୍ୟ ରସରେ ପରିପୂର୍ଣ୍ଣ ଅଯାଚିତ ଅବାରିତ ସ୍ନେହ ମମତାର ସୁଅ ଯେପରି ଛୁଟିଛି । ଏହାକୁ ଦେଖି ଗାଳ୍ପିକ ମନେ ମନେ ନିଜେ ଛୁଆ ପାଲଟି ଯାଇଛନ୍ତି । ଯଥା- "ମୁଁ କ୍ରମେ ଉଜାଣି ଯାଇ ବାର୍ଦ୍ଧକ୍ୟ, ପୌଢ଼ତ୍ୱ, ଯୌବନ, କୈଶୋର ଅତିକ୍ରମ କରି ଶିଶୁ ଅବସ୍ଥାରେ ପହଞ୍ଚିଲି । ××× ମୋର ଈର୍ଷା ହେଲା ଦୁଧ ପିଇସାରି ଶୋଇଥିବା ଟିକି ଭାଇ ପ୍ରତି । ଇଚ୍ଛା ହେଉଥିଲା ଧରିତ୍ରୀ ମାଆକୁ କହିବା ପାଇଁ "ମାଆ, ତୋର ଡାହାଣ ସ୍ତନର କେହି ଗରାଖ ନାହିଁ, ମୋତେ ନେଇ ଆଶ୍ରା ଦେ ଭାଇ ସାଙ୍ଗରେ ଦୁଇ ଥନର ନିରାପଦ ଉଷୁମ ଥାନରେ । ମୁଁ ଗୋଟାଏ ବେଣ୍ଟିକି ପାଟିରେ ପୂରାଇ ମୋ ଟିକି ହାତର ଟିକି ଟିକି ଆଙ୍ଗୁଳିରେ ତୋର ଅନ୍ୟ ବେଣ୍ଟିକି ମୋଡୁଥିବି, ଚଁ ଚଁ କରି ଦୁଧ ପିଇ ଯାଉଥିବି ।" (ସେହିଠାରେ ପୃ-୭୩) ଗାଳ୍ପିକଙ୍କ ଏହି ବର୍ଣ୍ଣନାରୁ ଆଦିବାସୀ ନାରୀଙ୍କ ମାତୃତ୍ୱ କେତେ ପବିତ୍ର ଓ ପ୍ରାକୃତିକ ତାହା ଦର୍ଶାଇଛନ୍ତି । କପଟ ବିହୀନ ଏହି ମା' ଟି ଧରିତ୍ରୀ ସହିତ ତୁଳନୀୟ । ତା' ସନ୍ତାନ ପାଇଁ ସବୁକିଛି ଦେବାକୁ ସମର୍ଥ ।

ଏହିପରି ଭାବରେ ଦେଖିଲେ ଗାଳ୍ପିକ ବସନ୍ତ କୁମାର ଶତପଥୀ ମୟୂରଭଞ୍ଜର ଆଦିବାସୀମାନଙ୍କ ଜୀବନ ଚଳଣି ଏବଂ ତାଙ୍କ ସାଂସ୍କୃତିକ ଦିଗ ପ୍ରତି ମଧ୍ୟ ଦୃଷ୍ଟି ପ୍ରଦାନ କରିଛନ୍ତି । ସେଥିପାଇଁ ସିନା ସମାଲୋଚକ ବିରାଜ ମୋହନ ଦାସ ଏ ସଂପର୍କରେ କହିଛନ୍ତି- "ଆଦିବାସୀ ସମାଜର ଯେ ଗୋଟିଏ ସ୍ୱତନ୍ତ୍ର ସ୍ଥିତି ଅଛି ଓ ସେମାନଙ୍କର ଯେ ସ୍ୱତନ୍ତ୍ର ସତ୍ତା ଅଛି ତାହା ବସନ୍ତ କୁମାର ଶତପଥୀ ପ୍ରତିପାଦନ କରିଛନ୍ତି ।" (ସାହୁ, ପୃ-୬୨)

**ସହାୟକ ଗ୍ରନ୍ଥସୂଚୀ :**


୧. ଶତପଥୀ, ବସନ୍ତ କୁମାର;

- ହାଇଦ୍ରାବାଦର ଅଙ୍ଗୁର, ୧୯୮୨
- ମାଂସାଶୀମାନଙ୍କ ଉଦ୍ଦେଶ୍ୟରେ, କଟକ, ଓଡ଼ିଶା ବୁକ୍ ଷ୍ଟୋର, ୧୯୮୨
- ଆକାଶୀ ଫୁଲ,କଟକ, ଓଡ଼ିଶା ବୁକ୍ ଷ୍ଟୋର, ୧୯୮୩
- ଗଳ୍ପ ସମଗ୍ର,କଟକ, ଅଗ୍ରଦୂତ, ୨୦୧୩

୨. ସାମଲ ରାଜକିଶୋର; ଗଳ୍ପନାୟକ ବସନ୍ତ କୁମାର ଶତପଥୀ, କଟକ, ବିଜୟିନୀ ପବ୍ଲିକେଶନ୍, ୨୦୦୮

୩. ସାହୁ, ବିଚିତ୍ର ନାଥ; ବସନ୍ତ କୁମାର ଶତପଥୀଙ୍କ କ୍ଷୁଦ୍ରଗଳ୍ପରେ ଦଳିତ ଲୋକଜୀବନ, ଭୁବନେଶ୍ୱର, ଏଥେନା ବୁକ୍‌ସ, ୨୦୧୫



ଅଧ୍ୟାପକ, ଓଡ଼ିଆ ବିଭାଗ
ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ, ଜାମଶୂଳୀ
ବାଲେଶ୍ୱର-୭୫୬୦୮୧

ISSN -2583-147X(P), **Vol.- 8, Issue No.X, January 2023**
**Bastabatara Pariprakash Prachee**
***Peer Reviewed and Referred Research Journal***

# ଯନ୍ତ୍ରଣାର ଅନ୍ୟରୂପ "ଶୋଷ' : ରୂପକାର ଜୟଦ୍ରଥ ସୁନା

**ସୁବାଷ ଚନ୍ଦ୍ର ଭୋଇ**

ଚଳିତ ଶତାବ୍ଦୀର କବିମାନଙ୍କ ମଧ୍ୟରେ କବି ଜୟଦ୍ରଥ ସୁନାଙ୍କ ନାମ ଅନନ୍ୟ । ଆଦିବାସୀ, ପୀଡ଼ିତ, ଦଳିତ, ଗରିବ ଜନତାର ସ୍ୱର ତାଙ୍କ କବିତାରେ ଝଙ୍କୃତ, ତାଙ୍କ କବିତାରେ ନଥାଏ ଶାବ୍ଦିକ କ୍ଲିଷ୍ଟତା, ଥାଏ ସାଧାରଣ ମଣିଷର କରୁଣସ୍ୱର । ଆଜିର ସମାଜ ଯାହାକୁ ଆଦିବାସୀ ଅଶିକ୍ଷିତ କହିତାକୁ ନିଜ ଜନ୍ମଭୂମିଠାରୁ ଅଲଗା କରି ଦେବାକୁ ବସିଛି, ମିଛ ସ୍ୱପ୍ନ ଦେଖାଇ ତା'ର ମାଟିର ମହକକୁ ନେଇ କିଣାବିକାର ଚେଷ୍ଟା କରୁଛି, ତାଙ୍କ ଅସ୍ତିତ୍ୱକୁ ନିଶ୍ଚିହ୍ନ କରିଦେବାର ଚକ୍ରାନ୍ତକୁ କବି ଖୋଲା ଖୋଲି ପ୍ରକାଶ କରନ୍ତି କବିତା ମାଧ୍ୟମରେ । କବି ଜୟଦ୍ରଥ ସୁନା କଳାହାଣ୍ଡି ଜିଲ୍ଲା ଅନ୍ତର୍ଗତ କର୍ଲାମୁଣ୍ଡା ବ୍ଲକର ରେଭେନ୍ୟୁ ବହିର୍ଭୂତ ଗାଁ ଭାଞ୍ଜିପଦର୍ ଠାରେ ୧୯୮୪ ଜୁଲାଇ ୧ ତାରିଖରେ ଜନ୍ମଗ୍ରହଣ କରିଥିଲେ । ସେତେବେଳେ ତାଙ୍କର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିଲା । ଦାରିଦ୍ର୍ୟ ସହ ସଂଘର୍ଷ କରି ରାଉରକେଲାଠାର ସ୍କୁଲଶିକ୍ଷା ଆରମ୍ଭ କରି ଭବାନୀପାଟଣାରେ ରାଜନୀତି ବିଜ୍ଞାନ ଓ ଓଡ଼ିଆରେ ସ୍ନାତକତ୍ତୋର ଶ୍ରେଣୀ ପାସ କରିଥିଲେ । ତାଙ୍କ କର୍ମମୟ ଜୀବନ ଏକ ଘରୋଇ ବିଦ୍ୟାଳୟ ସହକାରୀ ଶିକ୍ଷକରୁ ଆରମ୍ଭହୋଇ ପରେ ଅଧକ୍ଷ ଓ ସମ୍ପ୍ରତି ପ୍ରଗତି ମହାବିଦ୍ୟାଳୟରେ ଓଡ଼ିଆ ବିଭାଗର ଅଧ୍ୟାପକ ଭାବେ କାର୍ଯ୍ୟରତ । ଏପର୍ଯ୍ୟନ୍ତ ତାଙ୍କର ଦୁଇଗୋଟି କବିତା ସଂକଳନ 'ଶୋଷ' (୨୦୧୭) ଓ 'ନିଆଁଧରା' (୨୦୨୦) ପ୍ରକାଶ ପାଇଛି ।

ଆଲୋଚ୍ୟ କବିତା ସଂକଳନ 'ଶୋଷ' ୨୦୧୭ ମସିହାରେ ପଶ୍ଚିମା ପବ୍ଲିକେଶନସ୍ ଦ୍ୱାରା ପ୍ରକାଶିତ ଏବଂ ସଂକଳନଟି ୨୦୧୮ ବର୍ଷ ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର ପ୍ରାପ୍ତ ହୋଇଛି । କବିଙ୍କ ଜୀବନର ପ୍ରତିଫଳନ ହେଉଛି 'ଶୋଷ' କବିତା ସଂକଳନ । କବିତା ସଙ୍କଳନର ନାମକରଣ ସମ୍ପର୍କରେ କହନ୍ତି – "ପାଣ୍ଡୁଲିପି ପ୍ରସ୍ତୁତି ପରେ ମୁଁ ଯେତେବେଳେ ସଙ୍କଳନର ଶୀର୍ଷକ ଖୋଜିଲି ସେତେବେଳେ ମୋର ପିଲାଦିନର କଥା ମନେ ପଡ଼ିଗଲା । ଆମେ ଚାରି ଭାଇଭଉଣୀ ଓ ମୁଁ ସବାସାନ । ସେତେବେଳେ ଆମର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିଲା । କେବେ କେବେ ରାତିରେ ମା ବଡଭଉଣୀକୁ ପାଣି ଫୁଟାଇବା ପାଇଁ କହି ପଡୋଶୀ ଘରକୁ ଚାଉଳ ସଂଗ୍ରହ ପାଇଁ ଯାଏ, କେବେ କେବେ ଚାଉଳ ମିଳେ ଆଉ କେବେ ଖୁଦ ମଧ ମିଳେ ନାହିଁ । ଯେବେ ଚାଉଳ ମିଳୁ ନଥିଲା ସେଦିନ ବଡଭଉଣୀମାନେ କହନ୍ତି ଆମକୁ ଭୋକ ହେଉ ନାହିଁ ମା ଶୋଷ କରୁଛି ଆମେ ପାଣି ପିଇ ଶୋଇଯିବୁ । ଆମେ ପ୍ରାୟ ସେମିତି ଭୋକକୁ ଶୋଷ ଭାବି ଶୋଇପଡୁ । କବିତାରେ ଯେହେତୁ ସେଇ ଅଙ୍ଗେନିଭା ଓ ସାମ୍ପ୍ରତିକ ସମୟର ଅଭାବ ଅନଟନ ର କଥା ରହିଛି ,ତେଣୁ କବିତା ସଙ୍କଳନର ନା 'ଶୋଷ' ରଖିଲି ।"

(ଦୂରଦର୍ଶନ ସାକ୍ଷାତକାର ୨୦୧୮) ବାସ୍ତବରେ ଭୋକ, ଶୋଷ ମଣିଷର ଚିରଶତ୍ରୁ ସେ ଧନୀ, ଦରିଦ୍ର, ଛୁଆ ବୁଢ଼ା କାହାକୁ ଚିହ୍ନେନି କେବଳ ଆକ୍ରାନ୍ତ କରି ତଳିତଳାନ୍ତ କରିବା ତାର ଉଦ୍ଦେଶ୍ୟ ।

କବିତା ସଙ୍କଳନରେ ତେତିଶ ଗୋଟି କବିତା ସ୍ଥାନିତ । କବିତାରେ କବି ତାଙ୍କ ଜୀବନ ଓ ଦୃଶ୍ୟମାନ ଜଗତରେ ଘଟୁଥିବା ଘଟଣାର ପ୍ରତିଫଳନ କରିଛନ୍ତି । ସମାଜରେ ଘଟୁଥିବା ବିସ୍ଥାପନର କରୁଣ ପରିସ୍ଥିତି, ଦଳିତ ଚେତନାର ସ୍ୱର, ଆଦିବାସୀ ସଂସ୍କୃତି ପ୍ରତି ଆକ୍ଷେପ, ନାରୀବାଦର ନୂତନ ସ୍ୱର , ମାନବିକତାର ନବ ମୂଲ୍ୟାୟନ, ପ୍ରେମ, ମୃତ୍ତିକା ସମ୍ପ୍ରତି ହିଁ କବିତାର ବିଭବ ହୋଇଉଠିଛି । କବିତାର ସ୍ୱରକୁ ଲୋକାଭିମୁଖୀ କରିବା ପାଇଁ କବିତାର ଦିଗ-ବିଦିଗ ସମ୍ପର୍କରେ ଆଲୋଚନାର ପ୍ରଚେଷ୍ଟା କରାଯାଇଛି ।

ସାମ୍ପ୍ରତିକ ସମୟରେ ବିସ୍ଥାପନ ଏକ ଜଟିଳ ଓ ବିରାଟ ସମସ୍ୟା । ବିକାଶ ନାଁରେ କାରଖାନା ସ୍ଥାପନ, ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ କରିବା ଆଳରେ ସରକାର ଓ ସରକାର ସହ ସଂପୃକ୍ତ ଘରୋଇ ସଂସ୍ଥାଗୁଡ଼ିକ ମୂଳ ଅଧିବାସୀଙ୍କୁ ଥଇଥାନର ସାନ୍ତ୍ୱନା ଦେଇ ବାସହରା କରି ଦିଅନ୍ତି ଏବଂ କାରଖାନା ପ୍ରସ୍ତୁତ ହେଲାପରେ

ସେସବୁ ଭୁଲିଯାନ୍ତି । ପୁରୁଷ ପୁରୁଷ ଧରି ରହି ଆସିଥିବା ଭିଟାମାଟିକୁ ଛାଡିବାର ଅନିଚ୍ଛା ସତ୍ତ୍ୱେ ବଳପୂର୍ବକ , ମିଛ ସ୍ୱପ୍ନ ଦେଖାଇ ମାଟିର ମୋହରେ ପଡ଼ି ମାନସିକ, ଶାରୀରିକ ଅତ୍ୟାଚାର କରନ୍ତି । କବିଙ୍କ କବିତାରେ ଏପରି ସ୍ୱର ଦେଖାଯାଏ । ଯେମିତି – 'ସେମାନେ ଶୁଣି ପାରନ୍ତି / ଆମ ମାଟିର ବାସ୍ନା / ବାରି ପାରନ୍ତି / ହାଡ଼ମାଂସ, ରକ୍ତ / ସେଥି ପାଇଁ ତ / ମାଗି ଆସନ୍ତି / ଏ ଜମି ଦିଅ / ଏ ଗଛ ଦିଅ / ଆଉ ବଦଳରେ / କିଛି ସ୍ୱପ୍ନ ନିଅ ।'

(ଆମେ ଜାଣିଛୁ ପୃ -୪୯)

ସାଧାରଣ ଲୋକ ତାଙ୍କ କଥାରେ ରହି ହେଲେ ତ ଭଲ ନହେଲେ ନମାନିଲେ ଲାଠି, ବନ୍ଧୁକ, ଗୁଳି କଥା କହେ । ରାତି ଅଧରେ କମ୍ପାନୀ ଲୋକଙ୍କ ଅତ୍ୟାଚାର ସହ୍ୟକରି ନପାରି ଜୀବନ ଭିକ୍ଷା କରନ୍ତି ନେହୁରା ହୁଅନ୍ତି ଟିକେ ଆଶ୍ରା ପାଇଁ କବିଙ୍କ ମତରେ – 'କାହା ଚଟାଣ / ଖାଲି ପଡ଼ିଛି ଯେ / ଏ ରାତିଟା / ବସିବସି କଟେଇବେ / ଆମ ପିଲାମାନେ ।'

(ବିସ୍ଥାପନ ଏକ ରାତିର ପୃ -୬୨)

କବି ସୁନାଙ୍କ କବିତାରେ ନାରୀବାଦର ସ୍ୱର ବଦଳି ଯାଇଛି । ମାଟିର ମନଗହନ କଥାକୁ ଦେଖି ପାରିଛନ୍ତି । ତାଙ୍କ କବିତାରେ ନାରୀ ସହରୀ ନୁହେଁ ସେ ଗାଉଁଲି ହୋଇବି ତା ପାଖରେ ଥାଏ ନୈତିକ ମୂଲ୍ୟବୋଧ, ସହନଶୀଳତା, ଆତ୍ମସୁରକ୍ଷା ପାଇଁ ଥାଏ ସାହସ ଓ ଦୃଢ ମନୋବଳ । ସେ ପରିବାର ପାଇଁ ନିଜକୁ ଉତ୍ସର୍ଗ କରିଦିଏ । କବିଙ୍କ 'ସେଝିଅଟି' କବିତାରେ ନାରୀ କର୍ମଠ ହେବାର ଚିତ୍ର ଦେଖାଯାଏ ।

ନାରୀ ଯେତେ ସ୍ୱାଧୀନତା ପାଇଲେ ମଧ୍ୟ ସମାଜ ରୂପକ ବେଡ଼ିରୁ ନିଜକୁ ମୁକୁଳେଇ ପାରେନି । ସମାଜର ଆହ୍ୱାନରେ ଗୁରୁଜନଙ୍କ ମୁହଁରେ ହସ ଟିକେ ଦେଖିବା ପାଇଁ, ସମାଜର ଅପନିନ୍ଦାରୁ ବଞ୍ଚିବା ପାଇଁ ସ୍ୱାମୀ ଶବ୍ଦଟିଏ ଲୋଡୁଥାଏ । ତା ମନ ସହ, ତା' ରଙ୍ଗ ସହ, ତା' ଭାବନା ସହ ନ ମିଶିଲେ ବି ସର୍ବଦା ସ୍ୱାମୀ ଶବ୍ଦକୁ ସମ୍ମାନ କରେ । ନାରୀର ଏହି ଅନ୍ତର ଭାବନା ପ୍ରକାଶ କରି କହନ୍ତି– ନଥିଲେ ବି ଇଚ୍ଛା / ଅବାଟରେ ଚାଲିବାକୁ ପଡ଼େ / ଏ ଶବ୍ଦ ଆଜ୍ଞାରେ / ନଚେତ୍ / ଆଦରର ସ୍ତ୍ରୀଟିଏ ସାଜି ପାରେନି / ତା' ଶାଶୁଘର / ଲୋକଙ୍କ ନଜରେ । (ପୃ -୧୯) ସମାଜ ଯେତେ ଉନ୍ନତିର ଶୀର୍ଷରେ ପହଞ୍ଚିଲେ ମଧ୍ୟ ପ୍ରଚଳିତ ପୁରୁଷ ପ୍ରାଧାନ୍ୟ ସମାଜରେ ନାରୀ ଅତ୍ୟାଚାର, ଅବହେଳାରୁ ମୁକୁଳି ପାରିନାହିଁ । ଏଥିପାଇଁ ଆହୁରି ସମୟର ଆବଶ୍ୟକତା ଅନୁଭବ କରି ନାରୀକବି ପ୍ରତିଭା ଶତପଥୀ କହିଥିବା ପଙ୍‌କ୍ତି – 'ଫେରାଇ ନିଅ ତୁମ ସମବେଦନା / ଆହୁରି କିଛି ସମୟ ଦରକାର / ଲୋକେ ବୁଝିବାକୁ ଯେ / ନମ୍ରତା ଅର୍ଥ ଦୁର୍ବଳତା ନୁହେଁ / କି ଲଜ୍ଜା ପାପ ଢାଙ୍କିବାର ବସ୍ତୁ ନୁହେଁ / ଶ୍ରଦ୍ଧା ମାଗି ଆଣିବାର ଚିଜ ନୁହେଁ / କି ଅଧିକାର ଜନ୍ମଗତ ନୁହେଁ ।' (ଦିନେ ଦିନେ)ର ଭାବ ମଧ୍ୟ କବି ଜୟଦ୍ରଥଙ୍କ କବିତାରେ ଦେଖାଯାଏ । ଅବଶ୍ୟ ନାରୀ ଏବେ ପୂର୍ବାପେକ୍ଷା ଅଧିକ ସଂଖ୍ୟକ ଶିକ୍ଷିତା ଓ ସ୍ୱାବଲମ୍ବୀ ହୋଇଛନ୍ତି ଏବଂ ସମାଜ ଓ ପରିବାରର ନିର୍ଯାତନା ସମ୍ପର୍କରେ ସଚେତନ ହୋଇଛନ୍ତି । କବି ସୁନାଙ୍କ କବିତାରେ ନାରୀ ପ୍ରଚଳିତ ପରମ୍ପରାକୁ ବିରୋଧ କରି କହେ – କାଠ 'ଫଡ଼ାଏ ଚିରିଦିଅ ବୋଲି / କେତେଥର କହିଲିଣି / ଶୁଭୁଚି ନା ନାହିଁ / ଗୋଡ଼ହାତ କ'ଣ / ଚୁଲିରେ ପୂରାଇ / ଚା କରିବି ?' ନାରୀ ପେଟରେ ଓଦା କନା ଦେଇ ଭୋକ ଶୋଷ ମେଣ୍ଟାଇ ପାରେ କିନ୍ତୁ ନିଜ ସାମ୍ନାରେ ବାପା ଭାଇ ନିନ୍ଦା ସହ୍ୟ କରି ପାରେନି । ସବୁ ଦୁଃଖ କଷ୍ଟ ଚାପି କୁହେ – 'ମାର / ଯେତେ ପାରୁଛ ସେତେ / ହେଲେ / ବାପାମାକୁ ମୋର / ଗାଳିଗୁଲଜ କରନା ।' (ନାରୀଟିଏ-ପୃ-୬୦)

ସମାଜରେ କେଉଁ ଆବହମାନ କାଳରୁ ଉଚ୍ଚ ଓ ନୀଚ ବୋଲାଉ ଥିବା ଦୁଇଗୋଟି ଗୋଷ୍ଠୀ ମଣିଷ ସୃଷ୍ଟି କରିଛି । ସର୍ବଦା ଆଭିଜାତ୍ୟ ଗୋଷ୍ଠୀ ଦ୍ୱାରା ନୀଚ ଗୋଷ୍ଠୀର ଲୋକମାନେ ଶୋଷିତ ହୋଇଥାନ୍ତି । ସମାଜର ଏହି ଦଳିତ ଲୋକମାନେ ଆଭିଜାତ୍ୟତା ବୋଲାଉଥିବା ଗୋଷ୍ଠୀଙ୍କୁ ବିରୋଧ କରି ଆମେରିକାରେ ବ୍ଲାକ ପାନ୍ଥର ଗୋଷ୍ଠୀ ଓ ଭାରତରେ ଦଳିତ ପାନ୍ଥର ଗୋଷ୍ଠୀ ଆବିର୍ଭାବ ହୋଇଥିଲା । ସ୍ୱାଧୀନତା ପରଠାରୁ ଏ ପର୍ଯ୍ୟନ୍ତ ଦଳିତମାନଙ୍କ ଜୀବନଶୈଳୀରେ ଉନ୍ନତି ଆଣିବା ପାଇଁ ସରକାର ପରାଂମୁଖ । ଯାହା କିଛି ଯୋଜନା ହେଉଛି ତାହା ବାଟ ମାରଣା ହେଇ ଯାଉଛି । ଅଶିକ୍ଷିତ, ଭକୁଆ ଭାବି ସରକାର ଶିଳ୍ପ ଓ କାରଖାନାର ବିକାଶ ଆଳରେ ଦଳିତ, ଆଦିବାସୀମାନଙ୍କ ମୌଳିକ ଅଧିକାରକୁ ଛଡେଇ ନେବାର ପ୍ରଯତ୍ନ କରନ୍ତି । କିଛି ସ୍ୱପ୍ନର ସଉଦା କରି ଜୀବନ ଜୀବିକା ଛଡେଇ ନିଅନ୍ତି । କବିଙ୍କ ମତରେ – 'କାହିଁକି / ଲମ୍ବାଲମ୍ବା ଭାଷଣ ମାରୁଚ / ଇନ୍ଦିରା ଆବାସ, ଦି'ଟଙ୍କିଆ ଚାଉଳ / ବୃଦ୍ଧାବସ୍ଥା ପେନସନ / ଅବା ଜନନୀ ସୁରକ୍ଷାକୁ ନେଇ / ଏସବୁ ଦରକାର ପଡିନି ଆମକୁ / ନା ପଡ଼ିବ ଆଗକୁ / ଦରକାର ପଡେ ଆମ ଡଙ୍ଗର / ଆମ ଝରଣା, ସଳପ ଗଛ / ଖଜୁରୀ ଗଛ / ମାଣ୍ଡିଆ ପେଜ / ଅବା ମାଟିକାନ୍ଥ କୁଡିଆ ।' (ପଛକୁ ଥରେ ବୁଲି ଦେଖ- ପୃ-୪୩-୪୪) ଯେଉଁ ଅଞ୍ଚଳର ଖଣିଖାଦାନ, ମାଟି, ପାଣି ନେଇ ସରକାର ପ୍ରଶଂସା ପାଏ, ପୁରସ୍କାର ସାଉଁଟେ, ରୋଜଗାରକ୍ଷମ ହୁଏ, ଶେଷରେ ସେ ମାଟିକୁ ଭୁଲିଯାଏ ।

ସମ୍ପ୍ରତି ତଥାକଥିତ ଶିକ୍ଷିତ ସମାଜ ଦଳିତ, ଆଦିବାସୀ ସମାଜକୁ ଘୃଣା କରନ୍ତି । ତାଙ୍କ ଜୀବନଶୈଳୀକୁ କୁସଂସ୍କାର କହନ୍ତି, ଅନ୍ଧ ବିଶ୍ୱାସ କହନ୍ତି ତାଙ୍କ ପରମ୍ପରା, ଗୁଡ଼ି ପୂଜାକୁ, ଅସଭ୍ୟ କହନ୍ତି ତାଙ୍କ ସଲପ ରସ ପିଇବାକୁ, ମା ଛୁଆକୁ ଶାଢ଼ୀ ଦୋଳିରେ କାଖେଇବାର ଦେଖି । କବି ସୁନା ପ୍ରଚାରକ ବହୁଳ ସମାଜର ନୀତି ଆଦର୍ଶ ଆଦିବାସୀ ଦଳିତଙ୍କ ଚିନ୍ତାଧାରାଠାରୁ କେତେ ନ୍ୟୁନ ଯେ ତାଙ୍କୁ ସେ ବ୍ୟଙ୍ଗୋକ୍ତି ମାଧ୍ୟମରେ ଚେତେଇ ଦେଇଛନ୍ତି । 'ସମାଜ' କବିତାରେ କହନ୍ତି - ପରମ୍ପରାର କୋରଡାରେ / ଆମକୁ ଦିଶେ / ତମ ପିଠିରେ ଗୋଟିଏ କୁଜ/ ନା ଁଟା ତାର ସମାଜ । ( ପୃ - ୫୬) ସମ୍ପ୍ରତି ସମାଜର ଆର୍ଥିକ କ୍ଷେତ୍ରରେ ସ୍ୱଚ୍ଛଳ ଥିବା ଲୋକେ ଆଦିବାସୀଙ୍କ ଆରକ୍ଷଣ ବ୍ୟବସ୍ଥା ଉଠାଇ ଦେବା ପାଇଁ ଆନ୍ଦୋଳନ କରନ୍ତି । ପ୍ରଶ୍ନ କରନ୍ତି - ସ୍ୱାଧୀନତାର ସତୁରୀ ବର୍ଷପରେ ମଧ୍ୟ ଆରକ୍ଷଣର ଆବଶ୍ୟକତା କାହିଁକି ?" କବି ସୁନା ଆରକ୍ଷଣର ଯୁକ୍ତି ଯୁକ୍ତତା ଦର୍ଶାଇବା ପାଇଁ କହନ୍ତି - ଚାଲ... / ଗୋଟିଏ ଓଳି / ଛେଟନା ଛେଟନା ଗୋବର / ଫିଙ୍ଗିବା ଚାଲ / ଗଇଁତି ଧରି / ଭାର ଭାର / ମାଟି ବୋହିବା ଚାଲ / ଏତିକି ହେଲେ / ଚାଲ ଏଥର / ଆରକ୍ଷଣ ପାଇଁ / ରାଜଧାନୀର / ଦୁଆରେ ବସିବାଚାଲ । (ପୃ - ୮୦)

ସମୟ ଚେତନା କବିଙ୍କ ଶୋଷ କବିତାର ମୁଖ୍ୟ ବିଭବ । ସମୟ ସର୍ବଦା ଗତିଶୀଳ । ଦୁଃସମୟ ଓ ଯୁଗ ଯନ୍ତ୍ରଣାର ରୂପାୟନ ଓ ସମକାଳର ସ୍ଥିତି ଓ ଦୁଃସ୍ଥିତି ପାଇଁ ଦାୟୀ କେବଳ ସମୟ । କବିଙ୍କ ମତରେ ସତେ ଯେପରି ଗୋଟିଏ ଚରିତ୍ର ଓ ସେ ଅଦୃଶ୍ୟ । ମଣିଷ ସମୟର ଦାସ । ମଣିଷ ଯେଉଁଠି ଚାଲୁଥିବା ସମୟର ରହସ୍ୟ ଜାଣି ପାରେନି ସେ ଭବିଷ୍ୟତକୁ କେମିତି ନିୟନ୍ତ୍ରଣ କରିବ । ପାଣି, ଖତ, ସାର ଦେଇ ଅତି ଯତ୍ନରେ ପାଳିଥିବା ଗଛ ଫଳ ଦେବନା ଫୁଲ ତାହା ମଣିଷର ଆୟତ୍ତରେ ନୁହଁ । ଖରା, ବର୍ଷା ସହି ମାଟି ସହ ମାଟି ହୋଇ ଟାଙ୍ଗରା ଭୂଇଁକୁ ଫସଫସିଆ କରିଥିବା ଜମି ମଧ୍ୟ ଗୋଚର ହୋଇଯାଏ । ପାଣି ଗଳୁଥିବା ଘରେ ପାରା ଶାବକଙ୍କ ପାଇଁ ସଜାଡି ଥିବା ଠେକି ମଧ୍ୟ ଅକାମୀ ହୋଇଯାଏ ତାଙ୍କ ଠାରେ ପର ଆସିଯିବା ପରେ । ବାସ୍ତବରେ ମଣିଷ ସମୟର କରାୟତ କେହି କାହାର ନୁହନ୍ତି, ସମସ୍ତେ ନିଜ ନିଜ କର୍ତ୍ତବ୍ୟରେ କାର୍ଯ୍ୟ ସମାପନ ହେଲେ ଖସିଯିବା ଏକା ସାର । କବିଙ୍କ 'ଭାଗ୍ୟଲିପି ଓ ଭଗ୍ୟଫଳ' କବିତାରେ ଏ ଭାବ ଅନୁମେୟ - 'ଶାବଳରେ ଗାତକରି / ପୋତିଥିଲି ଗଛ / ଖତ, ସାର, ପାଣିଢ଼ାଳି / ଭାବୁଥିଲି ମୋର / ଧେତ୍‌ତେରିକା / ସେ କଣ ମୋ ଇଚ୍ଛାରେ / ଉପରକୁ ଉଠିବ ! / ଫୁଲ ହେବ / ନା ଫଳ ?' ( ଭାଗ୍ୟଲିପି ପୃ - ୭୦)

କବି ଜୟଦ୍ରଥ ସୁନାଙ୍କ ଶୋଷ କବିତା ସଙ୍କଳନର 'କିର୍ପିନି', 'ସତ କୁହ', 'ପ୍ରେମିକା', 'ଝର୍କା', 'ଭଲ ଲାଗିଥିଲା', 'ଆଜି ବି ମନେପଡେ' ଗୋଟିଏ ଗୋଟିଏ ପ୍ରେମ କବିତା । ସାବି, କିର୍‌ପିନି କବିତାର ଜଣେ ଜଣେ ନାୟିକା । ଏମାନେ ସହରୀ ସଭ୍ୟତା ଦ୍ୱାରା ଆକ୍ରାନ୍ତ ନୁହଁନ୍ତି , ଏମାନେ ନିପଟ ମଫସଲର ମହୁଲ ଫୁଲ ଗୋଟାଉ ଥିବା, ରୋଷେଇ ପାଇଁ କାଠ ଯୋଗାଡ଼ କରୁଥିବା, ବିଲରେ ତଳି ରୋଇ ପାରୁଥିବା , କୋଶ କୋଶ ଦୂରରୁ ଗରାରେ ପାଣିବୋହି ପାରୁଥିବା, ସକାଳେ ହ୍ୱାଟସପ୍ ଫେସବୁକ୍ ବଦଳରେ ଗୋବର ପାଣି ଛିଞ୍ଚୁଥିବା ଜଣେ ଜଣେ ନାରୀ । ତାଙ୍କ ସହ ଆଜୀବନ ସମୟ କାଟିବା ପାଇଁ କଥା ଦିଏ କାବ୍ୟପୁରୁଷ ରେଙ୍ଗଟା, ପ୍ରେମିକା ବି ପୁନେଇଁ ତିଥିର ଟୋକି ପର୍ବର ରାତିରେ ନିଜକୁ ରେଙ୍ଗଟା ପାଖେ ସମର୍ପି ଦେବାର କାମନା କରେ । ତଥାପି ବେଳେ ବେଳେ କାବ୍ୟନାୟକ ସନ୍ଦେହ କରି ଛଳରେ ପଚାରି ଦିଏ – 'ସତ କୁହ ହଠାତ୍ ଯଦି ମୋର ମୃତ୍ୟୁ ହୁଏ / ଦୁଃଖେ ଭାଙ୍ଗି ପଡ଼ିବନି / ନା ଅତୀତର ପୃଷ୍ଠା ସବୁ / ପଛକୁ ଠେଲି / ସେ ପୃଷ୍ଠାରେ ଲେଖିବ / ଭିନ୍ନ ଏକ ଉପନ୍ୟାସ / ଭିନ୍ନ ପରିଚୟ ନେଇ ।' (ପୃ-୧୫) କାବ୍ୟ ନାୟକ ପସନ୍ଦ କରେ ପାହାଡ଼ ତଳ ଗାଁକୁ ବୁଲି ଯିବାକୁ ଯେଉଁଠି ପେଟ ପାଇଁ ମାଟି ସହ ମାଟି ହୋଇ ଯାଉଥିବା ଲୋକଙ୍କ ପାଖକୁ, ପ୍ରକୃତିର କୋଳକୁ । ଗାଉଁଲି, ଜଂଗଲୀ ବୋଲି ନାକ ଟେକୁଥିବା ପ୍ରେମିକାକୁ ଦେଖାଏ ନଡ଼ା ଛପର ବିହୀନ ପାଣି ଗଳୁ ଥିବା ଚୁଲିମୁଣ୍ଡରେ ଓଦା ସରସର ହୋଇ ରୋଷେଇ କରୁ ଥିବାର ଦୃଶ୍ୟ । ଦେଶ ବିକାଶର ଡିଣ୍ଡିମ ପିଟୁଛି, ତଥାପି ସେହି ଗାଁ, ଅପନ୍ତରା ଅଞ୍ଚଳ ଲୋକଙ୍କ ଜୀବନକୁ ଏଯାଏଁ ଆସିନି ଆଲୋକ ମାଡ଼ି ବସିଛି ଅନ୍ଧକାର । କବି କହନ୍ତି – 'କଉଠୁ ଏତେ / ଅନ୍ଧାର ଆସିଲା / କେ ଜାନେ / ମୁଁ ବୁଝି ପାରେନି ସତେ ।' (ପୃ - ୨୪)

ମାନବ ଚରିତ୍ରର ନବ ମୂଲ୍ୟାୟନ ଘଟିଛି କବି ସୁନାଙ୍କ କବିତାରେ ପ୍ରେମିକ ଆଉ ସ୍ୱାର୍ଥପର ନୁହେଁ, ସେ ଆଉ ଶଠତା, ଛନ୍ଦ କପଟର ବଶବର୍ତ୍ତୀ ନୁହେଁ । ପ୍ରେମିକା ପାଗଳ, ବଦମାସ୍, ଚୋର କହିଲେ ବି ପ୍ରେମିକା ପାଇଁ ରାତି ସାରା ଉଜାଗର ରହିପାରେ, ନିଧଡ ଶୋଇପାରେ ରାସ୍ତା ମଝିରେ ।

ଉତ୍ତର ଆଧୁନିକ କାଳରେ କବି ସହର ଜୀବନରୁ ମୁକ୍ତ ହେବା ପାଇଁ ପ୍ରଚେଷ୍ଟା କରୁଛି । ଗାଁ ମାଟି ତାକୁ ଆକୃଷ୍ଟ କରୁଛି । ମାନବିକ ମୂଲ୍ୟବୋଧର ଯେଉଁଠି ସଉଦା ହୁଏ ସେଠାରୁ ସେ

ଦୂରେଇ ଯିବା ପାଇଁ ଚେଷ୍ଟିତ । ରାସାୟନିକ ରଙ୍ଗବୋଳା 'ଫ୍ଲାଟ୍ ଆଉ ତାକୁ ଭଲ ଲାଗେନା ଫେରି ଚାହେଁ ନିଜ ଅତୀତକୁ ଫେରିଚାଲେ ନିଜ ମାଟି, ଚାଳ, ଛପର କୁଡ଼ିଆକୁ । କବିଙ୍କୁ ଆଉ ଭଲ ଲାଗେନା ବିରିଆନି, ମଞ୍ଚୁରିଆନ ନିଜ ଅଲକ୍ଷ୍ୟରେ ପହଞ୍ଚି ଯାଏ ଗାଁକୁ ମା'ର ହାତପରସା ପଖାଳ କଂସା ମନେ ପକେଇ । ମଣିଷ ଅର୍ଥ ଯୋଗାଡ଼ ଆଶାରେ ରହେ ମାତ୍ର ତାକୁ ଭଲ ଲାଗେନା ସହର । କବିଙ୍କ କବିତାରେ ଏକଥା ଅନୁମେୟ – 'ବର୍ଷ ବର୍ଷ / ରହିଲେ ବି ଏଠି / ଜମା ଭଲ ଲାଗେ ନାହିଁ / କାହିଁକି ନା / ଏଠି ସମସ୍ତେ ବିବ୍ରତ / ନିଜ ନିଜ ସ୍ୱାର୍ଥକୁ ନେଇ । ଜମାରୁ ଇଚ୍ଛା ହୁଏନି / ଏ ହୋଟେଲ ବିରିୟାନି / ଛାଡ଼ି ମୋର କଂସାଏ ପଖାଳ ।'

(ପୃ –୩୧)

ତେଲିଆ ମୁଣ୍ଡରେ ତେଲ ନ୍ୟାୟରେ ଧନୀ ଲୋକ ଧନୀ ହୋଇ ଯାଆନ୍ତି, ସହର ମେଟ୍ରୋ ହୋଇଯାଏ, ଗାଁର ଅବସ୍ଥା ପୂର୍ବରୁ ଯାହାଥିଲା ଏବେ ବି ସେଇଆ । ଗର୍ଭବତୀ ଖଟିଆରେ ବୁହା ହେଉଛି, ଛାତ୍ରଛାତ୍ରୀ ନଦୀ ପାଣି ପହଁରି ସ୍କୁଲ ଯାଉଛନ୍ତି, ଚାଷୀ ଆତ୍ମହତ୍ୟା କରୁଛି । ଶୋଷ ସଙ୍କଳନର 'ଆସ ଥରେ ପଚାରିବା', ' କୁଡ଼ିଆ', 'ଶୀତ ଆସେ' ଏହି ଗରିବତ୍ୱର କଥା ପ୍ରକାଶ କରେ । ଶୀତ ଆସେ କବିତାରେ କବି କହନ୍ତି – 'ହେଇ ଦେଖ / ଆମକୁ ଦରକାର ପଡୁନି / ସୁଇଟର, ଟୋପି କି ହେଣ୍ଡ ଗ୍ଲୋବ / ପୁଙ୍ଗୁଳା ଦେହରେ ଥରେ / ଆଲିଙ୍ଗନ କଲେ / ଶତବି ଖୁସ୍ ହୋଇଯାଏ / ଖୁସ୍ କରାଏ ଆମକୁ ।' (ପୃ – ୩୭)

ପ୍ରୟୋଗ କରିଛନ୍ତି ଯେମିତି – କର୍ଡି (ବାଉଁଶରୁ ତିଆରି ଏକ ପ୍ରକାର ଖାଦ୍ୟ), ଟୁପୁଲି (ବାଉଁଶରେ ତିଆରି ଛୋଟ ପାତ୍ର), ପତରା ମାରିବା (ବୁଦାମୂଳ ସଫା କରିବା), ମୁନୁଗା (ସଜନା), ଖୁଚା (ମରି ଯାଇଥିବା ତଳି ସ୍ଥାନରେ ଆଉ ଏକ ତଳି ରୋଇବା), ବାଙ୍ଗରି, ଛେଟନା ଇତ୍ୟାଦି । କବି ଚୋକି ପର୍ବ, ଡଙ୍ଗର ପୂଜା, ଗୁଡ଼ି ପୂଜା, ଟାକୁ ପର୍ବ, ଝାମି ମଡା, ସେମି ପକା ଆଦି ପର୍ବ ପର୍ବାଣୀ ଓ କବାଡି, ପିତୁଖେଳ, ବାଡି ଡେଗାନି, ମାଙ୍କଡ ଖେଳ ଆଦି ମଫସଲ ଖେଳର ସୂଚନା ଦେଇଛନ୍ତି ।

ପରିଶେଷରେ ଏତିକି କୁହାଯାଇପାରେ ଯେ କବି ଜୟଦ୍ରଥ ସୁନା 'ଶୋଷ' କବିତା ସଙ୍କଳନରେ ଆଧୁନିକ ମଣିଷର ଓ ଆଦିବାସୀଙ୍କ ଜୀବନ ଜିଜ୍ଞାସା, ଜୀବନ ଶୈଳୀକୁ ଉପସ୍ଥାପନ କରିଛନ୍ତି । ସମୟଚେତନା, ମୃତ୍ତିକା ସମ୍ପୃତି, ସହର ପ୍ରତି ବୀତସ୍ପୃହତା, ଦଳିତ ଚେତନା, ପ୍ରେମର ଅର୍ଥକୁ ନୂତନ ଭାବେ ଉପସ୍ଥାପନ କରିଛନ୍ତି । ବାସ୍ତବରେ କବିଙ୍କ 'ଶୋଷ' କବିତା କ୍ଲିଷ୍ଟତା ବିହୀନ ଓ ସମାଜର ବାସ୍ତବ ଚିତ୍ର ଉପସ୍ଥାପନ କରିବାରେ ସଫଳ ହୋଇଛି ।

**ସହାୟକ ଗ୍ରନ୍ଥସୂଚୀ :**


୧. ମହତାବ, ଭର୍ତ୍ତୃହରି, ଝଙ୍କାର, କଟକ, ଅଗଷ୍ଟ, ୭୪ ବର୍ଷ ୫ମ ସଂଖ୍ୟା

୨. ସୁନା, ଜୟଦ୍ରଥ, ଶୋଷ, ଭୁବନେଶ୍ୱର, ପଶ୍ଚିମା ପବ୍ଲିକେଶନସ୍, ୨୦୧୭, ୧ମ ପ୍ରକାଶ



ଗବେଷକ

ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ

ବିଶ୍ୱଭାରତୀ, ଶାନ୍ତିନିକେତନ

ISSN -2583-147X(P), **Vol.- 8, Issue No. X, January 2023**
**Bastabatara Pariprakash Prachee**
***Peer Reviewed and Referred Research Journal***

# ସାମାଜିକ ଦାୟବଦ୍ଧତା ଓ ଫକୀରମୋହନଙ୍କ ପ୍ରବନ୍ଧ ସାହିତ୍ୟ

**ଜୟନ୍ତ କୁମାର ଦାସ**

ଫକୀରମୋହନ ସେନାପତିଙ୍କ କେବଳ ଏକ ନାମ ନୁହେଁ; ଏହା ଏକ ଜାତୀୟ ପରିଚିତି । ଆଧୁନିକ ଓଡିଆ ଭାଷା ଓ ସାହିତ୍ୟର ଗୌରବୋଜ୍ଜ୍ୱଳ ଇତିହାସର ସେ ସାର୍ଥକ ପ୍ରତିନିଧି । ଓଡିଆ ଜାତିର ଦୁର୍ଦ୍ଦିନରେ ସେ ସେନାପତିର ଭୂମିକା ନିର୍ବାହ କରି ଓଡିଆମାନଙ୍କ ପ୍ରାଣରେ ନବ ଆଶାର ସଂଚାର କରିଥିଲେ । ସାହିତ୍ୟ ସର୍ଜନାରେ ଫକୀରମୋହନଙ୍କ ପାରଦର୍ଶିତାକୁ ସମସ୍ତେ ସ୍ୱୀକାର କରନ୍ତି । କଥା-ସାହିତ୍ୟରେ ତାଙ୍କର ସଫଳତାକୁ ଏ ପର୍ଯ୍ୟନ୍ତ କେହି ଅତିକ୍ରମ କରିଛନ୍ତି ବୋଲି ମନେ ହୁଏ ନାହିଁ । କେବଳ କଥା ସାହିତ୍ୟ କ୍ଷେତ୍ରରେ ନୁହେଁ କବିତା, ପ୍ରବନ୍ଧ, ଆତ୍ମଚରିତ, ଭ୍ରମଣ ସାହିତ୍ୟ, ରମ୍ୟରଚନା ସବୁ କ୍ଷେତ୍ରରେ ସେ ଥିଲେ ପଥ ପ୍ରଦର୍ଶକ । ମାତ୍ର ଗଳ୍ପ ଉପନ୍ୟାସ ପରି ତାଙ୍କର ଅନ୍ୟ ବିଭବ ଗୁଡିକ ସର୍ବସାଧାରଣରେ ପରିଚିତ ନୁହେଁ । ବିଶେଷ କରି ସେ ବହୁ ଉଚ୍ଚକୋଟୀର ପ୍ରବନ୍ଧର ସ୍ରଷ୍ଟା, କିନ୍ତୁ ଏସବୁ ତାଙ୍କ ଗଳ୍ପ ଉପନ୍ୟାସର ଲୋକପ୍ରିୟତାକୁ ଅତିକ୍ରମ କରି ପାଠକମାନଙ୍କ ପାଖରେ ଏ ପର୍ଯ୍ୟନ୍ତ ପହଂଚି ପାରିନାହିଁ । ଏହି ପ୍ରବନ୍ଧରେ ଫକୀରମୋହନଙ୍କ ପ୍ରବନ୍ଧ ସାହିତ୍ୟ ସଂପର୍କରେ ଆଲୋଚନା କରିବାକୁ ଚେଷ୍ଟା କରାଯାଇଛି ।

ପ୍ରତ୍ୟେକ ସାହିତ୍ୟିକର ସାମାଜିକ ଦାୟବଦ୍ଧତା ରହିବା ଦରକାର, ଯାହା ଫକୀରମୋହନଙ୍କ ଲେଖାରେ ଆମେମାନେ ଉପଲବ୍ଧି କରିଥାଉ । ତାଙ୍କର ସମସ୍ତ ରଚନା ଯଥା- ଗଳ୍ପ, ଉପନ୍ୟାସ, କବିତା ଓ ପ୍ରବନ୍ଧ ଇତ୍ୟାଦିରେ ଏହା ପରିଲକ୍ଷିତ ହୋଇଥାଏ । ସମାଜ ସଂସ୍କାର ଓ ସମାଜକୁ ଏକ ନୂତନ ଦିଗ୍‌ଦର୍ଶନ ଦେବା ଉଦ୍ଦେଶ୍ୟରେ ସେ ସାହିତ୍ୟ ରଚନା କରିଛନ୍ତି, ଯାହା ତାଙ୍କ ପ୍ରବନ୍ଧ ସାହିତ୍ୟରେ ମଧ୍ୟ ଦେଖିବାକୁ ମିଳିଥାଏ । ତାଙ୍କର ପ୍ରତ୍ୟେକ ପ୍ରବନ୍ଧରେ ସମାଜ ପାଇଁ ରହିଛି ବାର୍ତ୍ତା । ଫକୀରମୋହନ ଏହି ପ୍ରବନ୍ଧ ଗୁଡିକରେ ସମାଜ ସଂସ୍କାରକର ଭୂମିକା ନିର୍ବାହ କରିବା ସହିତ ଏକ ସୁସ୍ଥ ସମାଜ ଗଠନର ସ୍ୱପ୍ନ ଦେଖିଛନ୍ତି । ଜାତିର ଦୁର୍ଦ୍ଦିନରେ ସେ ନିଜର କର୍ତ୍ତବ୍ୟ ପ୍ରତି ଅତି ମାତ୍ରାରେ ସଚେତନ ହେବା ସହିତ ଜାତୀୟ ଜୀବନକୁ ସାହିତ୍ୟ ମାଧ୍ୟମରେ ପୁନରୁଦ୍ଧାର କରିବାକୁ ଚେଷ୍ଟା କରିଥିଲେ । ସେ ଜାଣିଥିଲେ ଜାତୀୟ ଜୀବନକୁ ରକ୍ଷା କରିବାକୁ ହେଲେ ସେହି ସମୟର ଶାସନ ବ୍ୟବସ୍ଥାକୁ ପରିବର୍ତ୍ତନ କରିବାକୁ ହେବ । ଏଥିପାଇଁ ପ୍ରଥମେ ମାତୃଭୂମି ଓ ମାତୃଭାଷା ପ୍ରତି ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ସେ ଆଦ୍ୟ ପ୍ରୟାସ କରିବା ସହିତ ସମାଜରେ ରହିଥିବା ଦୋଷ ଦୁର୍ବଳତା, କୁସଂସ୍କାର, ଅନ୍ୟାୟ, ଜାତୀୟତା ବିରୋଧୀ ମାନସିକତାକୁ ବ୍ୟଙ୍ଗ କରିବା ସହିତ ଏହାକୁ ପ୍ରତିହତ କରିବାର ଉପାୟ ମଧ୍ୟ ନିର୍ଦ୍ଦେଶ କରିଛନ୍ତି ଏହି ପ୍ରବନ୍ଧଗୁଡିକ ମାଧ୍ୟମରେ ।

ସମସ୍ତେ ଜାଣିଛନ୍ତି ଫକୀରମୋହନ ଓଡିଆ ଜାତିର ଓ ଭାଷାର ରକ୍ଷାକର୍ତ୍ତା । ତାଙ୍କର ଭାଷାପ୍ରେମ, ଜାତିପ୍ରେମ, ଉପସ୍ଥିତ ବୁଦ୍ଧି, ଦୂରଦର୍ଶିତା ସବୁକିଛି ତାଙ୍କ ସାହିତ୍ୟରେ ପ୍ରତିଫଳିତ ହୋଇଥାଏ । ଏଠାରେ ତାଙ୍କର ସାହିତ୍ୟ ରଚନାର ପୃଷ୍ଠଭୂମି ସଂପର୍କରେ ସାମାନ୍ୟ ଆଲୋଚନା କରାଯାଇପାରେ । ଇଂରେଜମାନଙ୍କର ଭାରତ ଆସିବା ଓ ଉପନିବେଶ ସ୍ଥାପନ କରିବା ଫଳରେ କଲିକତା ହେଲା ସାରା ଭାରତର ପ୍ରମୁଖ ଉପନିବେଶ ସ୍ଥଳ । ଏଥିପାଇଁ ବଂଗାଳୀମାନଙ୍କର ସାର୍ବିକ ଉନ୍ନତି ସଂଭବ ହୋଇପାରିଲା । ସଂସ୍କୃତି, ସଭ୍ୟତା, ସାହିତ୍ୟ, ଶିକ୍ଷା, ଗମନାଗମନ, ବାଣିଜ୍ୟ, ଅର୍ଥନୀତି ଇତ୍ୟାଦି ସବୁ କ୍ଷେତ୍ରରେ ସେମାନେ ହେଲେ ଲାଭବାନ । ସେମାନଙ୍କର ଜୀବନଶୈଳୀ ବିଭିନ୍ନ ଭାବରେ ଉନ୍ନତ ହେବାକୁ ଲାଗିଲା । ମାତୃଭୂମି ଓ ମାତୃଭାଷାକୁ ସେମାନେ ଗୁରୁତ୍ୱ ଦେବା ସହିତ ପାଶ୍ଚାତ୍ୟ ଶିକ୍ଷା ସଭ୍ୟତା ଦ୍ୱାରା ମଧ୍ୟ ବହୁ ପରିମାଣରେ ଅନୁପ୍ରାଣିତ ହେଲେ । ବାଲେଶ୍ୱର କଲିକତାର ନିକଟବର୍ତ୍ତୀ ହୋଇଥିବାରୁ ବାଲେଶ୍ୱରରେ ମଧ୍ୟ ଏ ସବୁର ପ୍ରଭାବ ଅନୁଭୂତ ହେଲା । ଫଳରେ ଏକ ଆଧୁନିକ ଜୀବନଧାରା ଓ ଜୀବନଶୈଳୀ ବାଲେଶ୍ୱରରେ ପରିଲକ୍ଷିତ ହେଲା । ଏଠାକାର ସାଧାରଣ ଜନତା ଏହାଦ୍ୱାରା ପ୍ରଭାବିତ ହୋଇ ଏକ ଆଧୁନିକ

ଜୀବନଶୈଳୀକୁ ଆପଣେଇବାକୁ ଚେଷ୍ଟାକଲେ । ଏହି ଓଡିଆମାନେ ନିଜ ଅସ୍ମିତାକୁ ଭୁଲି ପାଶ୍ଚାତ୍ୟାଭିମୁଖୀ ହେବାକୁ ଲାଗିଲେ । ଏହା ମଧ୍ୟରେ ନ'ଅଙ୍କ ଦୁର୍ଭିକ୍ଷ ଓଡିଶାର ମେରୁଦଣ୍ଡ ଭାଙ୍ଗିଦେଲା ଏବଂ ବଂଗାଳୀମାନଙ୍କର ଓଡିଆ ଭାଷା ବିରୋଧ ଚକ୍ରାନ୍ତ ଓଡିଶାର ଆତ୍ମାକୁ ଆଘାତ କଲା । ପରାଧୀନ ଓଡିଶାର ସଂକଟମୟ ସ୍ଥିତି, ଭାଷା ବିଦ୍ୱେଷୀ ମନୋଭାବ, ବାଣିଜ୍ୟପଟୁ ଓଡିଆମାନଙ୍କର ବୀତସ୍ପୃହ ମାନସିକତା, ବିଭିନ୍ନ ପ୍ରକାର ପ୍ରାକୃତିକ ଦୁର୍ବିପାକ ଇତ୍ୟାଦି ଦ୍ୱାରା ଆତ୍ମିକ ଦୁର୍ଗତି ଘଟୁଥିବା ଗୋଟେ ଜାତିର ଏହିପରି ଦୁର୍ଦ୍ଦିନ ସମୟରେ ନିଜର ଧୈର୍ଯ୍ୟ, ସାହସ, ମାତୃଭାଷା ପ୍ରୀତି ଓ ବିଚକ୍ଷଣ ପ୍ରତିଭା ବଳରେ ଓଡିଆ ଜାତିକୁ ପୁନର୍ଜୀବନ ପ୍ରଦାନ କଲେ ସେନାପତି ଫକୀରମୋହନ । 'ଓଡିଆ ଭାଷା ଉନ୍ନତି ବିଧାୟିନୀ ସମାଜ' (୧୮୬୬), 'ପି. ଏମ୍. ସେନାପତି ଏଣ୍ଡ୍ କୋ ଉତ୍କଳ ପ୍ରେସ୍ ପ୍ରତିଷ୍ଠା' (୧୮୬୮), 'ବୋଧଦାୟିନୀ' ଓ 'ବାଲେଶ୍ୱର ସମ୍ବଦବାହିକା' (୧୮୬୮) ପାକ୍ଷିକ ପତ୍ର ପ୍ରକାଶ, ପାଠ୍ୟପୁସ୍ତକ ରଚନା, ଅନୁବାଦ ଇତ୍ୟାଦି କାର୍ଯ୍ୟ ମାଧ୍ୟମରେ ଓଡିଆ ଜନଜୀବନକୁ ସଚେତନ କରିବା ସହିତ ଓଡିଆ ଭାଷାର ସ୍ଥିତିକୁ ଓ ଓଡିଶାର ଅସ୍ମିତାକୁ ସମସ୍ତଙ୍କୁ ଅବଗତ କରାଇଲେ ଓ ଓଡିଆ ଭାଷା ସୁରକ୍ଷା ଆନ୍ଦୋଳନରେ ସେନାପତି ସାଜିଥିଲେ । ସେ ଜାଣିଥିଲେ ଭାଷା ଓ ସାହିତ୍ୟର ଉନ୍ନତି ହୋଇପାରିଲେ ଗୋଟିଏ ଜାତିର ଉତ୍‌ଥାନ ଓ ପ୍ରତିଷ୍ଠା ସଂଭବ ହୋଇପାରିବ । ମାତୃଭାଷାର ଶ୍ରେଷ୍ଠତାକୁ ସେ କବିତା ମାଧ୍ୟମରେ ବ୍ୟକ୍ତ କରି କହନ୍ତି–

"ପଢିଲି ନାନା ଦେଶ ଭାଷା / କାହିଁ ତ ନ ପୂରିଲା ଆଶା

ହେଉ ପଛେ ସେ ନିକୃଷ୍ଟ / ମୋ ମାତୃଭାଷା ମୋତେ ଶ୍ରେଷ୍ଠ ।" (ପୂଜାଫୁଲ / ପଦ୍ୟମାଳା କବିତା)

ଫକୀରମୋହନ ତାଙ୍କର ପ୍ରବନ୍ଧଗୁଡିକରେ ଓଡିଶାର ବିଭିନ୍ନ ସମସ୍ୟା, ଶିକ୍ଷା ବ୍ୟବସ୍ଥା, ଭାଷା ସମସ୍ୟା, ସଂସ୍କାର, ବ୍ରାହ୍ମଣମାନଙ୍କର ମାନସିକତା, ଧର୍ମୀୟ ଭାବନା, ଜମିଦାରୀ, ବିଜ୍ଞାନ, ଶିଳ୍ପ ଇତ୍ୟାଦି ବିଷୟରେ ବିଷଦ ବର୍ଣ୍ଣନା ଦେଇଛନ୍ତି । ଗୋଟିଏ ଦେଶ ବା ଜାତିର ଉନ୍ନତି ବିଧାନ ଶିକ୍ଷା ମାଧ୍ୟମରେ ସଂଭବ ହୋଇଥାଏ । ଏହା ଲୋକମାନଙ୍କୁ ଗୋଟିଏ ନୂତନ ଦିଗ ଆଡକୁ ଅଗ୍ରସର କରାଇଥାଏ । ଏହି ଶିକ୍ଷା ମାତୃଭାଷା ମାଧ୍ୟମରେ ହେଲେ ଗୋଟିଏ ଜାତିର ଏତ୍‌ଥାନ ସଂଭବ ହୋଇଥାଏ ବୋଲି ସେ ଆଶାବାଦୀ । ଏହି ଭାବଧାରାକୁ ନେଇ ସେ ଲେଖିଛନ୍ତି– 'ନିମ୍ନ ଶିକ୍ଷା ସମ୍ବନ୍ଧୀୟ ଗୋଟିଏ ପରାମର୍ଶ', 'ଇଂରେଜୀ ଶିକ୍ଷା', 'ଦେଶୀୟ ସାହିତ୍ୟୋନ୍ନତି', 'ଉତ୍କଳ ଭାଷାର ଭୂତ ଓ ଭବିଷ୍ୟତ' ଇତ୍ୟାଦି ପ୍ରବନ୍ଧ । ଫକୀରମୋହନଙ୍କ ମତରେ, "ଭାଷା ସମାଜର ଜନନୀ ସ୍ୱରୂପା ଅଟନ୍ତି । ଲୋକମାନେ ଆପଣା ପିତୃମାତୃ ନାମ ଉଲ୍ଲେଖ କରି ଆତ୍ମ ପରିଚୟ ଦେବା ପରି ଜାତିମାନେ ଆପଣା ମାତୃଭାଷାର ନାମ ଉଲ୍ଲେଖ କରି ଆତ୍ମ ପରିଚୟ ଦେଇଥାନ୍ତି ।" (ଫକୀରମୋହନ ଗ୍ରନ୍ଥାବଳୀ, ପୃଷ୍ଠା–୩୨୮) ସେ ଆହୁରି ମଧ୍ୟ ସୂଚନା ଦେଇଛନ୍ତି ଯେ, ବହୁତ ଲୋକ ଅଛନ୍ତି ସେମାନେ ଇଂରାଜୀ ଶିକ୍ଷାର ପ୍ରଲୋଭନ ଏଡାଇ ପାରନ୍ତି ନାହିଁ । ଦେଶ ବିଦେଶ ସଂପର୍କରେ ଜାଣିବା ପାଇଁ ଇଂରାଜୀ ଭାଷାର ପ୍ରୟୋଜନ ଅଛି; ମାତ୍ର ମାତୃଭାଷା ପଢିଲେ ଜାତୀୟ ଜୀବନ ଓ ପଦ ମର୍ଯ୍ୟାଦା ରକ୍ଷା ହୋଇପାରିବ । ଏକମାତ୍ର ମାତୃଭାଷା ହିଁ ଜାତୀୟ ଜୀବନ ପ୍ରତିଷ୍ଠା ଓ ଆତ୍ମପ୍ରତ୍ୟୟ ସୃଷ୍ଟିରେ ସହାୟକ ହୋଇଥାଏ । ଯଦି ମାତୃଭାଷା ଓ ସାହିତ୍ୟର ଉନ୍ନତି ସାଧନ ନହୁଏ ତାହେଲେ ସେ ଜାତିର ସମସ୍ତ ଉନ୍ନତିର ପଥ ସଂକୀର୍ଣ୍ଣ ହୋଇଯାଏ । ସେଥିପାଇଁ ଉତ୍କଳୀୟମାନଙ୍କୁ ଆହ୍ୱାନ ଦେଇ ସେ ଲେଖିଛନ୍ତି– "ହେ ଉତ୍କଳବାସୀ ମହାଶୟଗଣ, ଆପଣମାନେ ମନେରଖନ୍ତୁ, ମାତୃଭାଷାର ଉନ୍ନତି ବିନା ଦେଶୋନ୍ନତିର ଅନ୍ୟ ଉପାୟ ନାହିଁ । xxx ହେ ଶିକ୍ଷିତ ସଂପ୍ରଦାୟ, ଆପଣା ଆପଣା କର୍ତ୍ତବ୍ୟ ବୁଝ, ହେଳାରେ ରତ୍ନ ହରାଅ ନାହିଁ । ବର୍ତ୍ତମାନ ସର୍ବପ୍ରକାର ସୁଯୋଗ ମିଳିଅଛି, ଯଦି ଆଳସ୍ୟ ବା ତାଚ୍ଛଲ୍ୟରେ ମାତୃଭାଷା ପ୍ରତି ଅନାଦର କର, ଚିରକାଳ ଅନ୍ୟ ଜାତିଠାରେ ଅନାଦୃତ, ଅବଜ୍ଞାତ ହୋଇରହିବ । (ଫକୀରମୋହନ ଗ୍ରନ୍ଥାବଳୀ, ପୃଷ୍ଠା–୩୩୧)

ପ୍ରାବନ୍ଧିକ ଫକୀରମୋହନ ସର୍ବଦା ପ୍ରତ୍ୟେକ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଆଶାପୋଷଣ କରିଛନ୍ତି ଓ ଚେଷ୍ଟା କରିଛନ୍ତି । ଓଡିଶାର ଶିକ୍ଷା ବ୍ୟବସ୍ଥାର ଉନ୍ନତି ସାଧନ ପାଇଁ ସେ ନିମ୍ନ ଶିକ୍ଷା ବା ପ୍ରାଥମିକ ସ୍ତରରୁ ଶିକ୍ଷା ବ୍ୟବସ୍ଥାକୁ ସଜାଡିବାକୁ ପରାମର୍ଶ ଦେଇଛନ୍ତି । ଗ୍ରାମ୍ୟ ଶିକ୍ଷାରେ ଉନ୍ନତି ନହେବା ଆମ ଶିକ୍ଷା ବ୍ୟବସ୍ଥା ପାଇଁ ଚିନ୍ତାର ବିଷୟ । ସରକାରଙ୍କ ତରଫରୁ ଅର୍ଥ ବ୍ୟୟ ହେଉଥିଲେ ହେଁ ନିୟମ ଓ ଶୃଙ୍ଖଳା ପାଳନରେ ଶୈଥିଲ୍ୟ ପାଇଁ ସମସ୍ତ ଉଦ୍ଦେଶ୍ୟ ବୃଥା ହେଉଅଛି । ଏହାର ମୁଖ୍ୟ କାରଣ ଶିକ୍ଷା ବିଭାଗର କର୍ମଚାରୀମାନଙ୍କର ଅମନଯୋଗିତା ଓ ଅପରିଣାମଦର୍ଶିତା । ପଦସ୍ଥ ଅଫିସରମାନେ କେବଳ ରିପୋର୍ଟରେ ଗ୍ରାମ୍ୟ ଶିକ୍ଷାର ଶ୍ରେଷ୍ଠତା ପ୍ରମାଣ କରିବାରେ ଲାଗିଛନ୍ତି । ଆହୁରି ମଧ୍ୟ ଯେଉଁ ଦେଶୀୟ ଭାଇମାନେ ଶିକ୍ଷିତ ସେମାନେ ଚାକିରୀ ପ୍ରଲୋଭନରେ ବିଦେଶୀମାନଙ୍କୁ ତୁଷ୍ଟ କରିବାରେ ନିଜର ସାମର୍ଥ୍ୟ ଦେଖାଉଛନ୍ତି । ଏଥିପାଇଁ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି । ଶିକ୍ଷିତ ଯୁବକମାନଙ୍କର ଏହି କାର୍ଯ୍ୟକଳାପକୁ ବ୍ୟଙ୍ଗାତ୍ମକ ଭାବରେ ପ୍ରକାଶ କରି ପ୍ରାବନ୍ଧିକ ଲେଖିଛନ୍ତି– "ଦେଶୀୟ ଭାଇମାନେ ଶିକ୍ଷିତ; ସେମାନେ ଜାତୀୟ ଡାମରାକୁଆ ଦଳ ଛାଡିଦେଇ, ବିଜାତୀୟ ମୟୂରମାନଙ୍କ ନିକଟରେ ଅପଦସ୍ଥ ହୋଇ, ସଂପ୍ରତି ଦୁନଶଳା ହୋଇ ପଡିଅଛନ୍ତି । ସେମାନେ ନା ସମାଜର– ନା ରୀତିନୀତିର–

ନା ଜାତୀୟ ଖାଦ୍ୟର- ନା ଧର୍ମର, କାହାରି ଧାର ଧାରନ୍ତି ନାହିଁ । x x x କାହାରି ପ୍ରତି ଦୃକ୍‌ପାତ ନାହିଁ । କେବଳ-

ପିତାମାତା ପରିଜନେ ଛଳିଣ କୌଶଳେ,
ନିରେଖିବୁଁ ପ୍ରିୟାମୁଖ ବସିଣ ବିରଳେ ।"

(ଫକୀରମୋହନ ଗ୍ରନ୍ଥାବଳୀ, ପୃଷ୍ଠା-୨୮୭)

ଅର୍ଥାତ୍ ଯେଉଁମାନେ ଦେଶୀୟ ଶିକ୍ଷିତ ସେମାନେ ଏହିପରି ନିଜ ଚିନ୍ତାରେ ବିଭୋର । ଏମାନେ ଦେଶୀୟ ଉନ୍ନତି ବଦଳରେ ଜାତୀୟ ଅବନତିର ମୂଳ କାରଣ ହୋଇ ବସିଲେ । ଫଳରେ ଆମର ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ଏହିପରି ଭାବରେ ବିପର୍ଯ୍ୟସ୍ତ ହୋଇପଡିଲା ।

ମାତୃଭାଷା ପ୍ରତି ସଚେତନ କରାଇବା ସହିତ ଇଂରାଜୀ ଶିକ୍ଷା ପ୍ରବନ୍ଧରେ ଇଂରାଜୀ ଭାଷା ଶିଖିବାକୁ ପରାମର୍ଶ ଦେଇଥିଲେ ହେଁ ଇଂରାଜୀ ଭାଷା ମାଧ୍ୟମରେ ଅନ୍ୟ ବିଷୟ ଶିକ୍ଷା କରିବାକୁ ସଂପୂର୍ଣ୍ଣ ବିରୋଧ କରିଛନ୍ତି । ତାଙ୍କ ଉକ୍ତି ଅନୁସାରେ- "ସମସ୍ତ ବିଦ୍ୟାର୍ଥୀମାନଙ୍କୁ ଇଂରାଜୀ ଭାଷାରେ ଇତିହାସ, ଭୂଗୋଳ, ବୀଜଗଣିତ ଶିକ୍ଷାଦେବାର କି ପ୍ରୟୋଜନ ? ଅନର୍ଥକ ଏହି ବିଷୟ ଘୋଷଣାରେ ସମୟ ନଷ୍ଟ କରିବାର ବା କି ପ୍ରୟୋଜନ ? ଶିକ୍ଷିତ ଲୋକଙ୍କର ଯେତେବେଳେ ଏହା ପ୍ରୟୋଜନ ପଡିବ ସେତେବେଳେ ସେମାନେ ସହଜରେ ଏହା ଶିକ୍ଷା କରିପାରିବେ । ଅନର୍ଥକ ସମସ୍ତଙ୍କୁ ବାଲ୍ୟକାଳରୁ ଏହା ଶିକ୍ଷାଦେବା ସମୟ ନଷ୍ଟ ବିନା ଅନ୍ୟ କିଛି ବୋଧହୁଏ ନାହିଁ ।" (ଫକୀରମୋହନ ଗ୍ରନ୍ଥାବଳୀ, ପୃଷ୍ଠା-୩୦୨) ଉପରୋକ୍ତ ଉକ୍ତି ଗୁଡିକରୁ ତାଙ୍କର ମାତୃଭାଷା ଓ ମାତୃଭୂମି ପ୍ରତି ଶ୍ରଦ୍ଧା ଓ ଭଲପାଇବା ସ୍ପଷ୍ଟ ରୂପେ ପ୍ରତୀୟମାନ ହୋଇଥାଏ । ଏହା କେବଳ ତାଙ୍କର ପ୍ରବନ୍ଧ ମାଧ୍ୟମରେ ପ୍ରକାଶିତ ହୋଇଛି ତାହା ନୁହେଁ ତାଙ୍କ କବିତାରେ ମଧ୍ୟ ଏହି ଭାବଧାରା ବହୁ ପରିମାଣରେ ପରିଲକ୍ଷିତ ହୋଇଅଛି ।

ଊନବିଂଶ ଶତାବ୍ଦୀରେ ଦେଖା ଦେଇଥିବା ନାନା କୁସଂସ୍କାର, ଅନ୍ଧବିଶ୍ୱାସ ବିରୋଧରେ ଲେଖିବା ନିଶ୍ଚିତ ଭାବରେ ଏକ ସ୍ରଷ୍ଟା ପାଇଁ ଦୁଃସାହସିକ ପଦକ୍ଷେପ । ଏହାକୁ ଚ୍ୟାଲେଞ୍ଜ ଭାବେ ନେଇ ଜଣେ ସମାଜ ସଂସ୍କାରକ ହିସାବରେ ଫକୀରମୋହନ ଏହି ସବୁ ସମସ୍ୟାକୁ ଦୂର କରିବାକୁ ଲେଖନୀ ଚାଳନା କରିଛନ୍ତି । ତତ୍କାଳୀନ ସମାଜରେ ଘଟୁଥିବା ପ୍ରତ୍ୟେକ ସମସ୍ୟାକୁ ସେ ଗୁରୁତ୍ୱ ଦେଇଛନ୍ତି ଯାହା ତାଙ୍କ ପ୍ରବନ୍ଧରେ ପ୍ରତିଫଳିତ ହୋଇଛି । ଫକୀରମୋହନ ଗ୍ରନ୍ଥାବଳୀରେ ସ୍ଥାନିତ ତାଙ୍କର ୪୨ଟି ଲେଖା ପ୍ରସ୍ତାବ ଓ ପ୍ରବନ୍ଧ ନାମରେ ପ୍ରକାଶିତ ହୋଇଛି । ପ୍ରତ୍ୟେକ ଲେଖାରେ ସେ ସମାଜର କିଛି ନା କିଛି ସମସ୍ୟା ଉତ୍‌ଥାପନ କରିଛନ୍ତି ଯାହା ତାଙ୍କୁ ବ୍ୟଥିତ କରିଛି । ବାସ୍ତବରେ ସେ ଥିଲେ ଜଣେ ତ୍ରୀକାଳ ଦ୍ରଷ୍ଟା ପ୍ରଜ୍ଞା ପୁରୁଷ । ସ୍ୱଳ୍ପ ଶିକ୍ଷିତ ହୋଇ ମଧ୍ୟ ତାଙ୍କର ବିଚକ୍ଷଣ ପ୍ରତିଭା, ବିଶାଳ ଅଭିଜ୍ଞତା, ବହୁ ଶାସ୍ତ୍ର ଅଧ୍ୟୟନରେ ପାରଦର୍ଶିତା ସର୍ବୋପରି ତାଙ୍କର ପ୍ରଶାସନିକ ଦକ୍ଷତା ତାଙ୍କର ପ୍ରବନ୍ଧଗୁଡିକରେ ଅନୁଭବ କରିହୁଏ । ଉତ୍କଳର ଦୁର୍ଦ୍ଦଶା, ମାତୃଭାଷାର ଶଂକଟମୟ ପରିସ୍ଥିତି, ଧାର୍ମୀୟ ବ୍ୟଭୀଚାର, ଶିକ୍ଷା ବ୍ୟବସ୍ଥାରେ ଦେଖାଦେଇଥିବା ଅଧୋଗତି, ଇଂରାଜୀ ଶିକ୍ଷା ପ୍ରତି ମୋହ, ରାଜା ଓ ଜମିଦାରମାନଙ୍କର ଶୋଷଣ, ସମାଜରେ ବ୍ରାହ୍ମଣମାନଙ୍କର ଦୌରାତ୍ମ୍ୟ ଏବଂ ନାରୀମାନଙ୍କ ପ୍ରତି ହେଉଥିବା ସାର୍ବିକ ଅତ୍ୟାଚାର ବିରୋଧରେ ସେ ଏହି ପ୍ରବନ୍ଧଗୁଡିକ ମାଧ୍ୟମରେ ନିଜସ୍ୱ ମତ ପ୍ରକାଶ କରିଛନ୍ତି । ତାଙ୍କ କେବଳ ଏକମାତ୍ର ଉଦ୍ଦେଶ୍ୟ ଏକ ସୁସ୍ଥ, ଶିକ୍ଷିତ ଓ ଉନ୍ନତ ସମାଜ ଗଠନ ।

'କୀରମୋହନ ଭଲଭାବରେ ଉପଲବ୍‌ଧି କରିଥିଲେ ଯେ ସମାଜରେ ନାରୀର ଉନ୍ନତି ବିନା ଗୋଟିଏ ଜାତିର ଉନ୍ନତି ଅସଂଭବ । ତେଣୁ ସେ 'ବାହାବିବାଦ' ପ୍ରବନ୍ଧରେ ସେ ବିବାହ ସଂପର୍କିତ ତିନୋଟି ସମସ୍ୟା ଉତ୍‌ଥାପନ କରିଛନ୍ତି । ଯଥା- କନ୍ୟାସୁନା, ବାଲ୍ୟ ବିବାହ ଓ ବିଧବା ବିବାହ । ଏହି ପ୍ରବନ୍ଧରେ ସେ ଏହି ସମସ୍ତ ଘୃଣିତ ପ୍ରଥାର କାରଣ ଓ ପ୍ରତିକାର ବ୍ୟବସ୍ଥା କରିଛନ୍ତି । ବାପା ଝିଅର ସୁବିଧା ଅସୁବିଧା କଥା ଚିନ୍ତା ନକରି ଅର୍ଥ ଉପାର୍ଜନ ଓ ଦାୟିତ୍ୱରୁ ମୁକ୍ତିପାଇବା ପାଇଁ ଗୋଟିଏ ଛୋଟ ଝିଅକୁ ବୁଢା ବର ସହିତ ବାହା ଦେଇଦେବା ନିଶ୍ଚୟ ଏକ ନିନ୍ଦନୀୟ ଘଟଣା । ଏ ସଂପର୍କରେ ପ୍ରାବନ୍ଧିକ ଲେଖିଛନ୍ତି- "ବର ବୁଢା ବା ରୋଗା ହେତୁରୁ ଝିଅ ମାସକ ଉତାରେ ପଛକେ ରାଣ୍ଡ ହେଉ, ସେଥିରେ ଚିନ୍ତା ନାହିଁ; କେବଳ କନ୍ୟାକର୍ତାର ଲାଭ ହେଲେ ହାଲା ।" ସେହିପରି ବାଲ୍ୟବିବାହ ବିରୋଧରେ ସେ ମତପୋଷଣ କରିଛନ୍ତି । କାରଣ ଶୀଘ୍ର ବିବାହ କରିବା ଦ୍ୱାରା ଆୟୁ ହ୍ରାସ ହୋଇଥାଏ ଓ ସେମାନଙ୍କର ସନ୍ତାନମାନେ ମଧ୍ୟ ଦୁର୍ବଳ ଓ କ୍ଷୀଣଜୀବୀ ହୋଇଥାନ୍ତି । ଫଳରେ ଗୋଟିଏ ଜାତିର ଭବିଷ୍ୟତ ଅନ୍ଧକାରାଛନ୍ନ ହୋଇଯାଇଥାଏ । ବିଧବା ବିବାହ ସପକ୍ଷରେ ଯୁକ୍ତି ଦେଇ ଫକୀରମୋହନ ପଶ୍ଚିମବଙ୍ଗର ଉଦାହରଣ ଦୃଷ୍ଟାନ୍ତ ଦେଇଛନ୍ତି । କାରଣ ପଶ୍ଚିମବଙ୍ଗର କୁଳୀନ ବ୍ରାହ୍ମଣ ବିଧବା କନ୍ୟାମାନେ ପୁନର୍ବାର ବିବାହ କରି ସୁଖ ଶାନ୍ତିରେ ଜୀବନ ନିର୍ବାହ କରୁଛନ୍ତି । ଆହୁରି ମଧ୍ୟ ସେ ହିନ୍ଦୁ ଶାସ୍ତ୍ରରେ ବିଧବାବିବାହ ସପକ୍ଷରେ ଥିବା ଯୁକ୍ତି ଉପସ୍ଥାପନ କରିଛନ୍ତି । ତାଙ୍କ ମତରେ ପୁରୁଷମାନେ ସ୍ତ୍ରୀର ମୃତ୍ୟୁପରେ ବହୁ ପତ୍ନୀ ଗ୍ରହଣ କରିପାରିବାର ବିଧି ଥିଲେ ନାରୀମାନଙ୍କ କ୍ଷେତ୍ରରେ ଏଥିରୁ ବ୍ୟତିକ୍ରମ ହେବା ଶାସ୍ତ୍ର ବିରୁଦ୍ଧ । ଏଥିପାଇଁ ସେ ସମାଜକୁ ଦାୟୀ କରିବା ସହିତ ସମାଜ ପରିବର୍ତନ ପାଇଁ ଆହ୍ୱାନ ଦେଇ ଲେଖିଛନ୍ତି-

"ଆମ୍ଭମାନଙ୍କ ଘରର ଗୋଟିଏ ବିଧବା ଦଶଥର ଭ୍ରୂଣହତ୍ୟା କରୁ ସେଥିରେ ଲାଜ ନାହିଁ; ଲୋକରେ ଅପବାଦ ନାହିଁ; ଯେବେ ସେହି ବିଧବା ନିୟମାଦିର ଅଧୀନ ହୋଇ ପତ୍ୟନ୍ତର ଗ୍ରହଣ କଲା, ତେବେ ବିଷମ ଲାଜ, କୁଳରେ କଳଙ୍କ! ହାୟ! ଯାହା ଲାଜର କଥା ନୋହେ, ଯାହା କଳଙ୍କର ହେତୁ ନୋହେ ସେଥିକି ଆମ୍ଭେମାନେ ଡରିଲୁଁ, ଯହିଁରେ ଯଥାର୍ଥ ଲଜ୍ଜା ଓ ଯଥାର୍ଥ ପାପ ଅଛି ସେଥିକୁ ନ ଡରିଲୁଁ!!! ପାଠକେ! ଆମ୍ଭମାନଙ୍କ ତୁଲ୍ୟ କାପୁରୁଷ ପୃଥିବୀରେ ଆଉ କେଉଁ ଜାତି ଅଛି ?" (ଫକୀରମୋହନ ଗ୍ରନ୍ଥାବଳୀ, ପୃଷ୍ଠା-୨୯୭) ଆମର ଏହି ସଂସ୍କାରବିରୋଧୀ ମାନସିକତା ପାଇଁ ପ୍ରବନ୍ଧିକ ଗୋଟିଏ ଜାତିକୁ କାପୁରୁଷ କହିବାକୁ ମଧ୍ୟ ଶଂକାପ୍ରକାଶ କରିନାହାନ୍ତି । ଏଥିରୁ ସମାଜର ଏହି ସବୁ ଘୃଣିତ ପ୍ରଥା ବିରୋଧରେ ତାଙ୍କର ବିଦ୍ରୋହାତ୍ମକ ମାନସିକତା ସ୍ପଷ୍ଟ ବାରିହୋଇପଡେ ।

ଓଡିଶାର ଲୋକମାନେ ଆଧ୍ୟାତ୍ମିକ ଭାବଧାରାକୁ ବହୁତ ବିଶ୍ୱାସ କରନ୍ତି । ଫକୀରମୋହନ ମଧ୍ୟ ଧର୍ମ ବିଶ୍ୱାସୀ ଥିଲେ । ସେ ନିଜ ଜୀବନରେ ବ୍ରାହ୍ମଧର୍ମକୁ ଗ୍ରହଣ କରିଥିଲେ ହେଁ ଅନ୍ୟ ଧର୍ମର ବିରୋଧୀ ନଥିଲେ । ମାତ୍ର ଆମ ଓଡିଶାର ଲୋକମାନେ ଧର୍ମକୁ ନେଇ ଯେଉଁ ଅନ୍ଧବିଶ୍ୱାସ ଓ କୁସଂସ୍କାରରେ ବଶବର୍ତ୍ତୀ ହୋଇଥିଲେ ସେ ତାର ଘୋର ବିରୋଧ କରୁଥିଲେ । ବିଶେଷକରି ଅଧିକାଂଶ କୁସଂସ୍କାର ବ୍ରାହ୍ମଣମାନଙ୍କ ଦ୍ୱାରା ସୃଷ୍ଟ ବୋଲି ସେ ବିଶ୍ୱାସ କରୁଥିଲେ । ତେଣୁ ସେ ତାଙ୍କର ପ୍ରବନ୍ଧରେ ବ୍ରାହ୍ମଣମାନଙ୍କୁ ଘୋର ସମାଲୋଚନା କରିଛନ୍ତି । ସଂପ୍ରତି ବିଭିନ୍ନ ପୂଜା ପଦ୍ଧତି ଓ ଅନ୍ୟାନ୍ୟ କର୍ମ ସମୟରେ ବ୍ରାହ୍ମଣମାନଙ୍କର ଖାଦ୍ୟ ଲୋଭ ଓ ଅର୍ଥ ଲୋଭକୁ ସେ ବିଦ୍ରୂପ କରିଛନ୍ତି । ଏହା ସହିତ ଦିନକୁ ଦିନ ହେଉଥିବା ହିନ୍ଦୁମାନଙ୍କର ଅଧଃପତନ ସଂପର୍କରେ ମଧ୍ୟ ସେ ଚିନ୍ତା ପ୍ରକଟ କରିଛନ୍ତି । ଏହି ବିଷୟକୁ ଆଧାର କରି ସେ ଲେଖିଛନ୍ତି- 'ଜାତି ସଂସ୍କାର ଆନ୍ଦୋଳନ', 'ଓଡିଶ୍ୟାର ଦହିଚୂଡାଖିଆ ବ୍ରାହ୍ମଣେ!' ଓ 'ହିନ୍ଦୁମାନଙ୍କର ଉପନିଷଦ' ଇତ୍ୟାଦି ପ୍ରବନ୍ଧ । ଏହି ପ୍ରବନ୍ଧ ଗୁଡିକରେ ଧର୍ମକୁ ନେଇ ସୃଷ୍ଟି ହୋଇଥିବା ବିଭିନ୍ନ ସମସ୍ୟା, ନାନା କୁସଂସ୍କାର ଓ ମାନବୀୟ ସ୍ଖଳନକୁ ସୁନ୍ଦର ଭାବେ ଉପସ୍ଥାପନ କରିଛନ୍ତି ।

'ଜାତି ସଂସ୍କାର ଆନ୍ଦୋଳନ' ପ୍ରବନ୍ଧରେ ସେ ଆମ ଜାତିର ସଂସ୍କାର ପାଇଁ ସମସ୍ତେ ଯେ ତତ୍ପର ହେଲେଣି ତାହା ସେ ବ୍ୟକ୍ତ ସମସ୍ତଙ୍କୁ ଧନ୍ୟବାଦ ଦେଇଛନ୍ତି । ପ୍ରବନ୍ଧିକଙ୍କ ମତରେ ଆମେ କେବଳ ବ୍ରାହ୍ମଣମାନଙ୍କର ଦୋଷଗୁଣ ଦେଖୁଛନ୍ତି । କ'ଣ କରିବା ଉଚିତ୍, ଶିଷ୍ଟାଚାର, ବ୍ୟବହାର, ସ୍ଥାନ-କାଳର ନିୟମ ସବୁ ବିଷୟରେ ସେମାନଙ୍କୁ ଉପଦେଶ ଦେଉଛନ୍ତି; ମାତ୍ର ଆପଣା ଦୋଷ କେହି ଦେଖୁ ନାହାନ୍ତି । ଅନୁପଯୁକ୍ତ ବ୍ରାହ୍ମଣଙ୍କୁ ଆସ୍ଥା ନ କରାଯିବା ଉଚିତ୍, କିନ୍ତୁ ଅନର୍ଥକ କାହାରି ନିନ୍ଦା, ପ୍ରଶଂସା ନକରି ଯାହା ପ୍ରକୃତ ତାହା ନିରପେକ୍ଷ ଭାବରେ ବିଚାର କରି ଏବଂ ଦୂରଦର୍ଶିତାର ସହିତ ଦୋଷର ପ୍ରତିକାର କରିବାକୁ ସମସ୍ତେ ପ୍ରୟାସ କରିବା ଫଳରେ ସଂସ୍କାର ଆସିପାରିବ । ସମସ୍ତଙ୍କୁ ଜାତିର ଉନ୍ନତି ପାଇଁ ପ୍ରତ୍ୟେକ ବିଷୟରେ ଗଭୀର ଜ୍ଞାନ ଗ୍ରହଣ କରିବା ଆବଶ୍ୟକ । ଫଳରେ ଭଲ ମନ୍ଦର ବିଚାର ବିବେଚନା ସଂଭବ ହୋଇପାରିବ ଓ ଏକ ଜାତିର ସାର୍ବିକ ଉନ୍ନତି ସଂଭବ ହୋଇପାରିବ । ନଚେତ୍ ଏହା ଏକ ଜାତିକୁ ଧ୍ୱଂସ ମୁଖକୁ ନେଇଯିବ । ଏ ସଂପର୍କରେ ଫକୀରମୋହନ ଯଥାର୍ଥରେ କହିଛନ୍ତି- "ଅଧିକ ବୋଲିବା ନିରର୍ଥକ; ମାତ୍ର ଯଦି କେହି ପ୍ରକୃତ ବିଷୟାଦି ଜାଣିବାକୁ ଶ୍ରଦ୍ଧାନ୍ୱିତ ହୁଅନ୍ତି; ତେବେ ନିବେଦନ ଯେ ସେମାନେ ଶ୍ରୀମଦ୍ ଭାଗବତ ଗୀତାଦି ଶାସ୍ତ୍ର ପାଠ କରନ୍ତୁ, କେବଳ ପାଠ ନକରି ମାର୍ଗ ମର୍ମ୍ମ ଗ୍ରହଣ କରନ୍ତୁ । କେବଳ ଗ୍ରହଣ ନକରି ଅନ୍ତର ମଧ୍ୟେ ଅଆଲୋଚନା ଓ ରକ୍ଷା କରିବାକୁ ଚେଷ୍ଟା କରନ୍ତୁ, ତେବେ ଯଥାର୍ଥ ବିଷୟ ଯେ କିସ, ତାହା ହୃଦୟଙ୍ଗମ ହେବ; ନଚେତ୍ ଅହଂମନ୍ୟ ଜ୍ଞାନରେ କିଛି ହେବ ନାହିଁ । ବରଂ ସର୍ବନାଶ ହେବ ଓ ହେଉଅଛି ।"

(ଫକୀରମୋହନ ଗ୍ରନ୍ଥାବଳୀ, ପୃଷ୍ଠା-୨୯୭)

ଫକୀରମୋହନ ନିଜ ଭାଷାର ଉନ୍ନତି ପାଇଁ ଯେତେ ଚିନ୍ତା କରିଛନ୍ତି ଆମ ଜାତୀୟ ଜୀବନର ଉତ୍ଥାନ ପାଇଁ ମଧ୍ୟ ସେହିପରି ଆହ୍ୱାନ ଜଣାଇଛନ୍ତି । ଗୌରବମୟ ଓଡିଶାର ଇତିହାସକୁ ସ୍ମରଣ କରିବା ସହିତ ମୋହାନ୍ଧ ଓ ନିଦ୍ରିତ ଓଡିଶାବାସୀଙ୍କୁ ଜାଗ୍ରତ ହେବାକୁ ସେ ଲେଖନୀ ଚାଳନା କରିଛନ୍ତି । ଓଡିଶାର ଉନ୍ନତି ପାଇଁ ସ୍ୱାର୍ଥତ୍ୟାଗୀ ଓ ଆତ୍ମତ୍ୟାଗୀ ବୁଦ୍ଧିଜୀବୀମାନଙ୍କୁ ସେ ସ୍ମରଣ କରିଛନ୍ତି । ଯେଉଁମାନଙ୍କ ତ୍ୟାଗ ଫଳରେ ଦରିଦ୍ର ଓଡିଶା ଲାଭବାନ ହେବ ବୋଲି ସେ ଆଶାପୋଷଣ କରିଛନ୍ତି । ଉତ୍କଳୀୟମାନେ ତ୍ୟାଗ ଓ ଦାୟିତ୍ୱ ସଚେତନ ହେଲେ ଏବଂ ନିଜର କର୍ତବ୍ୟ ପ୍ରତି ଧ୍ୟାନ ଦେଲେ ଓଡିଶାର ବିଷଣ୍ଣତା ପ୍ରସନ୍ନତାରେ ପରିଣତ ହୋଇପାରିବ । ତେଣୁ ଉତ୍କଳୀୟମାନଙ୍କ ପ୍ରତି ସମ୍ବୋଧନ କରି ସେ ଲେଖିଛନ୍ତି- "ହେ ଉତ୍କଳୀୟ କୃତବିଦ୍ୟ ମହାତ୍ମାଗଣ ! ତୁମ୍ଭେମାନେ ଆଉ କେତେ କାଳ ମୋହାନ୍ଧ ହୋଇ ନିଦ୍ରା ଯିବ । ସେହି ଶେଷ ଦିନ- ଶେଷ ଶଯ୍ୟା- ଶେଷ ଆଶା ଏବଂ ଶେଷ ପ୍ରାପ୍ତି ଚିନ୍ତା କରି ସ୍ୱ ସ୍ୱ କର୍ତ୍ତବ୍ୟ ନିର୍ଦ୍ଧାରଣ କର । ଆଉ ଅପେକ୍ଷା କରିବାର ସମୟ ନାହିଁ, ପ୍ରତି ମୁହୂର୍ତ୍ତରେ ମୃତ୍ୟୁ ନିକଟବର୍ତ୍ତୀ ହେଉଅଛି । ଆଉ କିମ୍ବା; ବଦ୍ଧପରିକର ହୁଅ, କାର୍ଯ୍ୟ କ୍ଷେତ୍ରରେ ଅବତରଣ କର, ଏହି ନିଷ୍କାମ ଧର୍ମାଚରଣ ପାଇଁ ଅକ୍ଷୟ ସ୍ୱର୍ଗଦ୍ୱାର ସତତ ଉନ୍ମୁକ୍ତ ।" (ଫକୀରମୋହନ ଗ୍ରନ୍ଥାବଳୀ, ପୃଷ୍ଠା-୨୯୨) ଆହୁରି ମଧ୍ୟ ସେ ସମସ୍ତଙ୍କୁ ଆତ୍ମନିର୍ଭରଶୀଳ ହେବାକୁ ପରାମର୍ଶ ଦେଇଛନ୍ତି ।

ଆତ୍ମନିର୍ଭର ନୀତିରେ ସମସ୍ତେ ଦୀକ୍ଷିତ ହୋଇପାରିଲେ ଅତୀତର ଉନ୍ନତ ଓ ସମୃଦ୍ଧ ଜାତି ପୁଣି ଥରେ ଯେ ତା'ର ପୂର୍ବ ଅବସ୍ଥାକୁ ଫେରିପାଇବ ଏହା ଅସମ୍ଭବ ନୁହେଁ ବୋଲି ସେ ଆଶାବାଦୀ । ଓଡିଶାର ଅତୀତର ଗୌରବ, ସଂପ୍ରତି ଦେଖାଦେଉଥିବା ବିବିଧ ସମସ୍ୟା, ଅଧଃପତନ, ଉତ୍କଳୀୟମାନଙ୍କର ହୀନ ମାନସିକତା, କର୍ମଭୀରୁତା ଇତ୍ୟାଦିକୁ ସେ 'ଗଡଜାତର ରାଜାମାନେ', 'ଉଡିଶ୍ୟାର ଆଧୁନିକ ଅବସ୍ଥା', 'ଆୟ ଦେଖି କର ବୟେ, ପଛକୁ କାଳେ ଟାଣଟୁଣ ହୁଏ', 'ଓଡିଶ୍ୟାର ବର୍ତ୍ତମାନ ଅବସ୍ଥା' ଇତ୍ୟାଦି ପ୍ରବନ୍ଧରେ ସେ ତର୍କ ଓ ଯୁକ୍ତି ମାଧ୍ୟମରେ ଉପସ୍ଥାପନ କରିଛନ୍ତି । ସେହିପରି 'ସୂର୍ଯ୍ୟ', 'ବ୍ରହ୍ମାଣ୍ଡ' ଓ 'ଧୂମକେତୁ' ପ୍ରବନ୍ଧରେ ସୃଷ୍ଟିର ବିଭିନ୍ନ ରହସ୍ୟ ସଂପର୍କରେ ସୂଚନା ଦେଇଛନ୍ତି ।

ଓଡିଶାର ଉନ୍ନତ ଭବିଷ୍ୟତ ସଂପର୍କରେ ପ୍ରାବନ୍ଧିକ ଆଶାବାଦୀ । ଆମ ପଡୋଶୀ ବଙ୍ଗପ୍ରଦେଶ ତୁଳନରେ ଆମ ରାଜ୍ୟ କୌଣସି ଗୁଣରେ ନ୍ୟୁନ ନୁହେଁ; ମାତ୍ର ଏଥିପାଇଁ ରାଜା, ଜମିଦାର, ବିଦ୍ୱାନ, ଧନବାନମାନଙ୍କ ସହଯୋଗ ଆବଶ୍ୟକ । ଦୁଃଖ ଓ ପରିତାପର ବିଷୟ ଏହି ଯେ, ଆମ ରାଜ୍ୟରେ ରାଜା ଓ ଜମିଦାରମାନେ ଶାସନ ସହିତ ଅନ୍ୟ ସବୁଥିରେ ମଧ୍ୟ ନିଜର ପରାକାଷ୍ଠା ପ୍ରଦର୍ଶନ କରିଥାନ୍ତି, କିନ୍ତୁ ବିଦ୍ୱାନ ଓ ଧନବାନ୍‌ମାନେ ଆମ ଜାତିର ଉନ୍ନତି ପାଇଁ ଆଗ୍ରହ ପ୍ରକାଶ କରନ୍ତି ନାହିଁ । ତେଣୁ ଓଡିଶା ଉନ୍ନତିରେ ପ୍ରଜାମାତୃକ ନହୋଇ ରାଜମାତୃକ ହେବା ଫଳରେ ସାଧାରଣ ଜନତା ଆତ୍ମନିର୍ଭରେ ନୀତିରେ ଦୀକ୍ଷିତ ହୋଇପାରୁ ନାହାନ୍ତି । ଓଡିଶାର ସେହି ବିଦ୍ୱାନମାନେ ସେମାନଙ୍କର ଶିକ୍ଷାକୁ ଉଚିତ୍ ମାର୍ଗରେ ବିନିଯୋଗ ନକରି ନିଜର ବ୍ୟକ୍ତିଗତ ସ୍ୱାର୍ଥରେ ପ୍ରୟୋଗ କରିବା ଫଳରେ ଆମେ ଆଶାନୁରୂପ ସଫଳତା ପାଇପାରୁ ନାହାନ୍ତି । ଆମର ସାମଗ୍ରିକ ଉନ୍ନତି ପାଇଁ ସ୍ୱାର୍ଥ ଓ ଆତ୍ମତ୍ୟାଗୀ କତିପୟ ବିଦ୍ୱାନମାନଙ୍କର ଏକାନ୍ତ ପ୍ରୟୋଜନ ରହିଛି; ମାତ୍ର ତାହା ଓଡିଶାରେ ବିରଳ । କେବଳ ଚାକରୀ କରିବା ସମସ୍ତଙ୍କ ଶିକ୍ଷାର ମୂଳ ଉଦ୍ଦେଶ୍ୟ । ସ୍ୱଦେଶୋନ୍ନତି, ସ୍ୱାର୍ଥତ୍ୟାଗ ଓ ଆତ୍ମତ୍ୟାଗକୁ ଜୀବନରେ ବ୍ରତକରି ଶିକ୍ଷାଗ୍ରହଣ କରୁଥିବା ଛାତ୍ରଛାତ୍ରୀଙ୍କୁ ଏହି ପ୍ରବନ୍ଧରେ ଆହ୍ୱାନ କରିଛନ୍ତି ପ୍ରାବନ୍ଧିକ । ଓଡିଶାର କୃତବିଦ୍ୟ ମହାତ୍ମାମାନଙ୍କ ଉଦ୍ଦେଶ୍ୟରେ ମାତୃଭୂମି ପ୍ରତି ସକରାତ୍ମକ ମନୋଭାବ ପୋଷଣ କରିବା ପାଇଁ ଫକୀରମୋହନ ଲେଖିଛନ୍ତି- "ତଥାଚ ଆମ୍ଭମାନଙ୍କ ଦେଶରେ ଯେଉଁମାନେ ବର୍ତ୍ତମାନ ଅଛନ୍ତି, ସେମାନଙ୍କୁ ଆଶା ନେତ୍ରରେ ଦେଖିବାକୁ ଇଚ୍ଛା କରୁଁ । ସେମାନେ ଟିକିଏ ଆତ୍ମତ୍ୟାଗ ନ କରନ୍ତୁ, ଟିକିଏ ସ୍ୱାର୍ଥତ୍ୟାଗ କଲେ ଦରିଦ୍ର ଓଡିଶା ଅନେକ ଲାଭ କରିବ । ଏମାନଙ୍କ ନିକଟରେ ବିନୀତ ପ୍ରାର୍ଥନା, ଏମାନେ ଆତ୍ମବିଚ୍ଛେଦ ପରିତ୍ୟାଗ କରି ଆପଣା ଦାୟିତ୍ୱ ଏବଂ ପ୍ରକୃତ କର୍ତ୍ତବ୍ୟ ଚିନ୍ତାକରି ଓଡିଶ୍ୟାର ବିଷଣ୍ଣ ମୁଖକୁ ପ୍ରସନ୍ନ କରନ୍ତୁ, ଧର୍ମ ସାଧନ ହେବ ।" (ଫକୀରମୋହନ ଗ୍ରନ୍ଥାବଳୀ, ପୃଷ୍ଠା-୨୯୨)

ବିଜ୍ଞାନ ସଂପ୍ରତି ମାନବ ସମାଜକୁ ଯୋଗାଇଛି ନୂତନ ଆଲୋକ । ବିଜ୍ଞାନର ଉପଯୋଗ କରି ମଣିଷ ବ୍ରହ୍ମାଣ୍ଡକୁ ନିଜ ନିୟନ୍ତ୍ରଣରେ ଆଣିବାକୁ ଚେଷ୍ଟା କରୁଛି । ମଣିଷର ଏହି ବୃଥା ପ୍ରୟାସକୁ ଉପହାସ କରିଛନ୍ତି ଫକୀରମୋହନ । ପ୍ରାବନ୍ଧିକଙ୍କ ଅନୁସାରେ ଆମେ ଯାହାକୁ ବ୍ରହ୍ମାଣ୍ଡ ବୋଲି ବୁଝୁ ତାହା ଜ୍ୟୋତିର୍ବିଦମାନଙ୍କ ଠାରେ ସଂପୂର୍ଣ୍ଣ ଭିନ୍ନ । ପରମେଶ୍ୱରଙ୍କ ସୃଷ୍ଟିର ଏହି ବ୍ରହ୍ମାଣ୍ଡର ଆୟତନ ଯେ କେତେ ପ୍ରକାଣ୍ଡ ତାହା ଏହି ସାଧାରଣ ମାନବର ବୋଧଶକ୍ତିର ବାହାରେ । ମନୁଷ୍ୟ ଯାହା ଜାଣିପାରିଛି ବୋଲି ଭାବୁଛି ତାହା ଅତି ସାମାନ୍ୟ ବା ନଗଣ୍ୟ । ସଂପ୍ରତି ଆମେ ଏକବିଂଶ ଶତକରେ ପଦାର୍ପଣ କରି ବିଜ୍ଞାନର ଅଗ୍ରଗତି ମାଧ୍ୟମରେ ଯେଉଁ 'ଏଲିଅନ୍' ସଂପର୍କରେ ଧାରଣା ପାଇଛନ୍ତି ତାହା ଫକୀରମୋହନ ତାଙ୍କ ପ୍ରବନ୍ଧ ସାହିତ୍ୟରେ ବହୁ ପୂର୍ବରୁ ସୂଚନା ଦେଇ ସାରିଛନ୍ତି । ଫକୀରମୋହନଙ୍କ ମତରେ- "ନକ୍ଷତ୍ରମାନଙ୍କରେ ଯେ ଜୀବମାନଙ୍କର ବାସ ଅଛି ଏଥିରେ କିଛି ସନ୍ଦେହ ନାହିଁ । ସେହି ଜୀବମାନେ ଯେ କେମନ୍ତ ବୁଦ୍ଧିଜୀବୀ, କେମନ୍ତ ମହାନ୍ ଗୁଣ ସଂପନ୍ନ ଓ ସେମାନେ ବ୍ରହ୍ମାଣ୍ଡ ବିଷୟ ଚିନ୍ତା କରନ୍ତି କି ନା, ବ୍ରହ୍ମାଣ୍ଡ କର୍ତ୍ତା ସେହି ଅଚିନ୍ତନୀୟ ଈଶ୍ୱରଙ୍କୁ ତାହା ଗୋଚର ।" (ଫକୀରମୋହନ ଗ୍ରନ୍ଥାବଳୀ, ପୃଷ୍ଠା-୨୭୪)

ବାସ୍ତବରେ ବ୍ୟାସକବି ଜଣେ ବିଚକ୍ଷଣ ଓ ଦିବ୍ୟଦ୍ରଷ୍ଟା ପୁରୁଷ । ଭବିଷ୍ୟତ ସଂପର୍କରେ ସେ ଜାଣି ପାରୁଥିଲେ ଓ ବିଶ୍ୱବ୍ରହ୍ମାଣ୍ଡର ଗତିବିଧିକୁ ମଧ୍ୟ କିଛି ପରିମାଣରେ ଉପଲବ୍ଧି କରିପାରୁ ଥିଲେ । ଫଳରେ ବିଜ୍ଞାନ ଓ ବ୍ରହ୍ମାଣ୍ଡ ସଂପର୍କରେ ମଣିଷର ଗର୍ବ, ଅହଂକାର, ଅହମିକା ଓ ଅଜ୍ଞତାକୁ ସେ ବିଦ୍ରୂପ କରିଛନ୍ତି ଏହି ପ୍ରବନ୍ଧ ମାଧ୍ୟମରେ । ବିଜ୍ଞାନର ଅଗ୍ରଗତିକୁ ନେଇ ମଣିଷର ବୃଥା ଅହମିକାକୁ ସେ ସୂଚେଇଦେବାକୁ ଯାଇ ସେ ଲେଖିଛନ୍ତି- "ହେ ମାନବ । xxx କ୍ଷୁଦ୍ର ମାନବ ! ମୂଢ ମାନବ ! ତୁମ୍ଭେ ବ୍ରହ୍ମାଣ୍ଡ ସମ୍ବନ୍ଧରେ କିସ ? କୀଟାଣୁ, କୀଟାଣୁର ସହସ୍ରାଂଶରୁ ଏକ ଅଂଶ । ତୁମ୍ଭର ଏହି ଧରିତ୍ରୀ ଗୋଟିଏ ବଦରି ସଙ୍ଗରେ ତୁଳି ହୋଇପାରେ କି ? ବ୍ରହ୍ମାଣ୍ଡ ବିଶାଳ, ବ୍ରହ୍ମାଣ୍ଡ ସ୍ରଷ୍ଟା ତହିଁରୁ ବିଶାଳ ।"

(ଫକୀରମୋହନ ଗ୍ରନ୍ଥାବଳୀ, ପୃଷ୍ଠା-୨୭୪)

ସେହିପରି 'ଧୂମକେତୁ' ପ୍ରବନ୍ଧରେ ଆମମାନଙ୍କର କୁସଂସ୍କାର ଓ ଅନ୍ଧବିଶ୍ୱାସ ଦୂର କରିବା ପାଇଁ ପ୍ରୟାସ କରିଛନ୍ତି ପ୍ରାବନ୍ଧିକ । ସାଧାରଣତଃ ଧୂମକେତୁକୁ ସମସ୍ତେ ଅଶୁଭ ଶଂକେତ ବୋଲି ଭାବିଥାନ୍ତି । ଧୂମକେତୁ ଦେଖିବା ମାତ୍ରେ ଆମ ଭିତରେ ନାନା ଆଶା ଓ ଆଶଙ୍କା ସୃଷ୍ଟି ହୋଇଥାଏ ଯାହାକୁ ଫକୀରମୋହନ

ବିଭିନ୍ନ ଯୁକ୍ତି ଓ ତର୍କ ମାଧ୍ୟମରେ ଦୂର କରିବାକୁ ଚେଷ୍ଟା କରିଛନ୍ତି । ଏହା ସୌରଜଗତର ଏକ ପ୍ରକ୍ରିୟା, ଏହା ସହିତ ଅଶୁଭ ବା ଅମଙ୍ଗଳର କୌଣସି ସମ୍ବନ୍ଧ ନାହିଁ, ତେଣୁ ଏହାକୁ ଆଧାର କରି କାହାକୁ ଆକ୍ଷେପ କରିବା ବା କାହାକୁ ଦଣ୍ଡ ବିଧାନ କରିବା ଆଦୌ ଯୁକ୍ତିସମ୍ମତ ନୁହେଁ ବୋଲି ସେ ମତପୋଷଣ କରିଛନ୍ତି ।

ଫକୀରମୋହନ ତାଙ୍କ ପ୍ରବନ୍ଧରେ ଓଡିଶାର ତଥା ସମଗ୍ର ଭାରତବର୍ଷର ବିଭିନ୍ନ ସମସ୍ୟା, ବିଶ୍ୱ ବ୍ରହ୍ମାଣ୍ଡ ସଂପର୍କରେ ଧାରଣା ଏବଂ ବିଜ୍ଞାନର ଅଗ୍ରଗତି ସଂପର୍କରେ ବିଷଦ ବର୍ଣ୍ଣନା ଦେଇଛନ୍ତି ମାତ୍ର; ଏସବୁ ପରେ ବି ଛତ୍ରେଛତ୍ରେ ମହାପୁରୁଷମାନଙ୍କର ଉଚ୍ଚାଙ୍ଗ ଓ ନିରଳସ ଜୀବନ ଶୈଳୀକୁ ସ୍ମରଣ କରିବାକୁ ଭୁଲିନାହାନ୍ତି । ସେ ଅନୁଭବ କରିଛନ୍ତି ଏହି ମହାପୁରୁଷମାନେ ହିଁ ବାସ୍ତବରେ ଆମ ଜାତିର ଓ ଅସ୍ମିତାର ପରିଚୟ । ଏମାନଙ୍କୁ ଯଥାର୍ଥ ସମ୍ମାନ ମିଳିବା ଉଚିତ୍ ଓ ଭବିଷ୍ୟତର ବଂଶଧରମାନେ ଏମାନଙ୍କ ତ୍ୟାଗ, ମହତ ଜୀବନ ଦର୍ଶନ ଓ ଉତ୍ସର୍ଗୀକୃତ ଜୀବନଶୈଳୀ ଦ୍ୱାରା ଉଦ୍‌ବୁଦ୍ଧ ହେବା ଉଚିତ୍ । ଫଳରେ ମହାନ୍ ଉତ୍କଳୀୟ ଓ ଭାରତୀୟ ସଂସ୍କୃତି ଋଦ୍ଧିମନ୍ତ ହୋଇପାରିବ ଓ ସମଗ୍ର ବିଶ୍ୱରେ ଏଥିପାଇଁ ଉଦାହରଣ ସୃଷ୍ଟି କରିପାରିବ । ସେଥିପାଇଁ ଫକୀରମୋହନ 'ଶ୍ରୀକ୍ଷେତ୍ରରେ ଚୈତନ୍ୟ ମହାପ୍ରଭୁ', 'କବି ଗୋପାଳକୃଷ୍ଣ ପଟ୍ଟନାୟକ', 'କବି ମାଇକେଲ ମଧୁସୂଦନ ଦତ୍ତ ଏବଂ ମେଘନାଥ ବଧ କାବ୍ୟ', 'ତୁକାରାମ', 'ଶାକ୍ୟସିଂହଙ୍କ ସ୍ତ୍ରୀ ଗୋପା', 'ଆମ୍ଭମାନଙ୍କର କବିରାଜ' ଇତ୍ୟାଦି ଜୀବନୀମୂଳକ ପ୍ରବନ୍ଧ ରଚନା କରି ମହାପୁରୁଷମାନଙ୍କର ମହତ ଜୀବନଚର୍ଯ୍ୟାକୁ ବ୍ୟାଖ୍ୟା କରିବା ସହିତ ସେମାନଙ୍କର ଶୃଙ୍ଖଳିତ ଜୀବନ ଧାରା ଦ୍ୱାରା ପ୍ରଭାବିତ ହେବାକୁ ଆହ୍ୱାନ ଦେଇଛନ୍ତି । ଏହି ମହାନ୍ ଆତ୍ମାଙ୍କ ଯୋଗୁଁ ଆମ ସଂସ୍କୃତି ଓ ଐତିହ୍ୟ ବିଶ୍ୱ ଦରବାରରେ ପରିଚିତ ହୋଇପାରିଛି ।

ଫକୀରମୋହନ ଦେଶୀୟ ଜୀବନ ଶୈଳୀକୁ ଗୁରୁତ୍ୱ ଦେଉଥିଲେ । ଯେହେତୁ ଓଡିଶା ଏକ କୃଷି ପ୍ରଧାନ ରାଜ୍ୟ କୃଷି ଦ୍ୱାରା ଆମର ଉନ୍ନତି ବିଧାନ ସଂଭବ ବୋଲି ସେ ଆଶାବାଦୀ । ତେଣୁ ଏ ସଂପର୍କରେ ସେ ଲେଖିଛନ୍ତି କୃଷି ବାଣିଜ୍ୟ ଦ୍ୱାରା ଦେଶର ଉନ୍ନତି ହୁଏ- ଚାକିରୀ ଦ୍ୱାରା ନୁହେଁ ପ୍ରବନ୍ଧ । ସେ ଏଥିରେ ଚାକିରୀ ଲୋଭରେ ସମସ୍ତଙ୍କର ଚାକର ହେବାର ମାନସିକତା ଦର୍ଶାଇବାକୁ ଚେଷ୍ଟା କରିଛନ୍ତି । ତାଙ୍କ ମତରେ- "ଆମ୍ଭମାନଙ୍କର ପୂର୍ବପୁରୁଷମାନେ ଅଶିକ୍ଷିତ ଅବସ୍ଥାରେ ଯେଉଁ ପ୍ରକାର କୃଷିର କୃଷକ ଥିଲେ, ଆମ୍ଭେମାନେ ଶିକ୍ଷିତ ହୋଇ ସେଥିରୁ କିଛି ଅଧିକ କରିପାରିଲୁ ନାହିଁ । କରିପାରିବାର ଭୂମି ଅଛି, କ୍ଷମତା ଅଛି, କେବଳ ମନଯୋଗ ନାହିଁ; xxx କୃଷିର ଅବସ୍ଥା ସେହି ପରିମାଣରେ ପରିବର୍ତ୍ତନ ହେଉନାହିଁ । ପରିବର୍ତ୍ତନ ହେବ କାହୁଁ, ଯେଉଁମାନେ ଜ୍ଞାନ ଅର୍ଜନ କଲେ ସେମାନେ ଦିନରାତି କେବଳ ଚାକିରୀ ନିମନ୍ତେ ଲାଳାୟିତ ହେଲେ, ମୂର୍ଖ ଓ ଅଶିକ୍ଷିତ ଲୋକଙ୍କ ଯୋଗେ କି କୃଷିର ଉନ୍ନତି ହୋଇପାରିବ ?"

(ଫକୀରମୋହନ ଗ୍ରନ୍ଥାବଳୀ, ପୃଷ୍ଠା-୨୮୨)

ଏଥିରୁ କୃଷି ପ୍ରତି ତାଙ୍କର ସମର୍ଥନ ଓ ସହାନୁଭୂତି ସ୍ପଷ୍ଟ ଜଣାପଡେ । ଚାକିରୀ ଚାକର ବନାଏ ମାତ୍ର କୃଷି ସ୍ୱାଧୀନତା ଦିଏ ବୋଲି ବକ୍ତବ୍ୟ ଦେଇଛନ୍ତି ଫକୀରମୋହନ । ଆହୁରି ମଧ୍ୟ ତାଙ୍କ ମତରେ ଚାକିରୀ ଜଣଙ୍କୁ ସୁଖୀ କରେ ମାତ୍ର; କୃଷି ଦ୍ୱାରା କୃଷକ ଉପକୃତ ହେବା ସହିତ ଅନେକଙ୍କର ଉପକାର ସାଧିତ ହୋଇଥାଏ । ଯେଉଁଥିରେ ଆୟ ଓ ପରୋପକାର ଉଭୟ ସାଧିତ ହୋଇଥାଏ ତାହା କରିବାକୁ କୁଣ୍ଠା ପ୍ରକାଶ କରିବା ନିତ୍ୟାନ୍ତ ବୁଦ୍ଧିହୀନ କାର୍ଯ୍ୟ ଓ ପରିତାପର ବିଷୟ ।

ପରିଶେଷରେ ଏତିକି କୁହାଯାଇପାରେ ଯେ, ତାଙ୍କର ସମସ୍ତ ପ୍ରବନ୍ଧରେ ଫକୀରମୋହନ ସମାଜରେ ଦେଖା ଦେଇଥିବା ସମସ୍ତ ଦୋଷ ଦୁର୍ବଳତାକୁ ସୂଚେଇ ଦେବା ସହିତ ତାହାର ସମାଧାନର ରାସ୍ତା ଯୁକ୍ତିସମ୍ମତ ଭାବରେ କରିବାକୁ ପ୍ରୟାସ କରିଛନ୍ତି ।

**ସହାୟକ ଗ୍ରନ୍ଥସୂଚୀ :**


୧) କବି, ଡ. ଅସିତ- ଫକୀରମୋହନଙ୍କ କୃତିରେ ସମକାଳୀନ ସମାଜଚିତ୍ର, ଗ୍ରନ୍ଥମନ୍ଦିର, କଟକ ।

୨) କର, ଡ. ବାଉରୀବନ୍ଧୁ- ସାରସ୍ୱତ ପରିକ୍ରମା , ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଗଞ୍ଜାମ ।

୩) ଦାଶ, ଦେବେନ୍ଦ୍ର କୁମାର (ସଂ), ଫକୀରମୋହନ ଗ୍ରନ୍ଥାବଳୀ, ଗ୍ରନ୍ଥମନ୍ଦିର, କଟକ-୨

୪) ମହାନ୍ତି,ଶ୍ରୀ ସୁରେନ୍ଦ୍ର- ଫକୀରମୋହନ ସାହିତ୍ୟ ସମୀକ୍ଷା, ନିଉ ଷ୍ଟୁଡେଂଟ୍‌ସ ଷ୍ଟୋର୍, କଟକ ।

୫) ମହାରଣା, ଡ. ସୁରେନ୍ଦ୍ର କୁମାର- ଓଡିଆ ସାହିତ୍ୟର ଇତିହାସ, ଓଡିଶା ବୁକ୍ ଷ୍ଟୋର- କଟକ ।



ଭାଷା ଓ ସାହିତ୍ୟ ବିଭାଗ, ଫକୀରମୋହନ ବିଶ୍ୱବିଦ୍ୟାଳୟ,
ବ୍ୟାସବିହାର, ବାଲେଶ୍ୱର, ୭୫୬ ୦୮୯, ଓଡ଼ିଶା,
ସଂପର୍କ- ୯୫୫୬୫୯୭୭୭୩

ISSN -2583-147X(P), **Vol.- 8, Issue No. X,January 2023**
**Bastabatara Pariprakash Prachee**
***Peer Reviewed and Referred Research Journal***

# କେନ୍ଦୁଝରର କାଠି କଣ୍ଢେଇ ନାଟ ଓ ଯଶସ୍ୱୀ କଳାକାର ମାଗୁଣି ଚରଣ କୁଅଁର

**ପ୍ରଜ୍ଞା ପ୍ରଣତି ସିଂହ**

ପୃଥିବୀରେ କଣ୍ଢେଇ ନାଟର ପରମ୍ପରା ଅତି ପ୍ରାଚୀନ । ଚୀନ୍, ମିଶର, ଭାରତ ଏବଂ ଗ୍ରୀସ୍ ଆଦି ଦେଶରେ କଣ୍ଢେଇ ନାଟର ବିସ୍ତୃତ ପରମ୍ପରା ଦେଖିବାକୁ ମିଳିଥାଏ । ବିଶେଷତଃ ପ୍ରାଚୀନ କାବ୍ୟ, କିମ୍ବଦନ୍ତୀ, ଦର୍ଶନ, ଲୋକକଥାକୁ କେନ୍ଦ୍ର କରି କଣ୍ଢେଇ ନାଚର ରୂପରେଖ ବିସ୍ତାର ଲାଭ କରିଥାଏ । ସମାଲୋଚକଙ୍କ ମତରେ କଣ୍ଢେଇ ନାଟର ଆରମ୍ଭ କେବେ ଏବଂ କି ପରିପ୍ରେକ୍ଷୀରେ ହୋଇଥିଲା, ତାହା ନିର୍ଦ୍ଧାରଣ କରାଯାଇ ନ ପାରିଲେ ମଧ୍ୟ ଏହା ସାଧାରଣତଃ ମନୋରଞ୍ଜନ ନିମିତ୍ତ ଉଦ୍ଦିଷ୍ଟ ଥିଲା । ଇଣ୍ଡୋନେସିଆ, କାମ୍ବୋଡିଆ, ମଳୟ, ଥାଇଲାଣ୍ଡ ଆଦି ଦେଶରେ ରାମାୟଣ, ମହାଭାରତ, କିମ୍ବଦନ୍ତୀ ଆଧାରରେ କଣ୍ଢେଇ ନାଟ କରାଯାଉଥିବା ବେଳେ ବର୍ତ୍ତମାନ ସମୟରେ ପ୍ରାୟ ସବୁ ଦେଶରେ ସାମାଜିକ ସମସ୍ୟା ଓ ଇତିହାସ ଆଧାରରେ କଣ୍ଢେଇଗୁଡ଼ିକୁ ନଚା ଯାଉଅଛି । ଭାରତରେ ରାଜସ୍ଥାନ, ଉତ୍ତରପ୍ରଦେଶ, ବିହାର, କର୍ଣ୍ଣାଟକ, କେରଳ, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, ମହାରାଷ୍ଟ୍ର, ଓଡ଼ିଶା ଏବଂ ପଶ୍ଚିମବଙ୍ଗ ଆଦି ରାଜ୍ୟରେ କଣ୍ଢେଇ ନାଟର ସୁଦୃଢ଼ ପରମ୍ପରା ରହିଅଛି ।

ଓଡ଼ିଶାରେ ସାଧାରଣତଃ ଚାରି ପ୍ରକାରର କଣ୍ଢେଇ ନାଟ ଦେଖିବାକୁ ମିଳିଥାଏ । ସେଗୁଡ଼ିକ ହେଉଛି (୧) ସୂତା କଣ୍ଢେଇ ନାଟ, (୨) ସଖୀ କଣ୍ଢେଇ ନାଟ ବା ହସ୍ତଚାଳିତ କଣ୍ଢେଇ ନାଟ, (୩) କାଠି କଣ୍ଢେଇ ନାଟ ଓ (୪) ଛାୟା କଣ୍ଢେଇ ନାଟ ବା ରାବଣ ଛାୟା । ସୂତା କଣ୍ଢେଇ ନାଟ ସାଧାରଣତଃ ଗଞ୍ଜାମର ଘୁମୁସୁର ଅଞ୍ଚଳରେ ପ୍ରଦର୍ଶିତ ହେଉଥିବା ବେଳେ, ସଖୀ କଣ୍ଢେଇ ନାଟ କଟକ, ଗଞ୍ଜାମ, ଜଗତସିଂହପୁର ଜିଲ୍ଲାରେ ଦେଖିବାକୁ ମିଳିଥାଏ । ସେହିପରି କାଠି କଣ୍ଢେଇ ନାଟ କେନ୍ଦୁଝର ଅଞ୍ଚଳର ସୁଦୃଢ଼ ପରମ୍ପରା ହେବା ବେଳେ, ଢେଙ୍କାନାଳ ଓ ଯାଜପୁରରେ ରାବଣ ଛାୟା ନାଟ ଦେଖିବାକୁ ମିଳିଥାଏ । କଣ୍ଢେଇ ନାଟରେ ସାଧାରଣତଃ ଏକ ନିର୍ଜିବ ପିତୁଳାଟିଏ ମଞ୍ଚରେ ନିଜର ନାଟ ପ୍ରଦର୍ଶନ କରିଥାଏ । କଣ୍ଢେଇ ଗୁଡ଼ିକୁ ଯିଏ ମଞ୍ଚର ପ୍ରଚ୍ଛଦ ପଟରେ ଥାଇ ନଚାଇଥାନ୍ତି ତାଙ୍କୁ ସୂତ୍ରଧର ବୋଲି କୁହାଯାଇଥାଏ । କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ କେନ୍ଦୁଝର ଗଡରେ ଲକ୍ଷ୍ମୀନାରାୟଣ ଗଡସାହିର ତଳି ଅଞ୍ଚଳରେ ବାସ କରୁଥିବା 'ଝରା' ବା 'ମାଛୁଆ' ସମ୍ପ୍ରଦାୟର ଲୋକେ ବଂଶ ପରମ୍ପରା କମେ କାଠି କଣ୍ଢେଇ ନାଟକୁ ଦେଖାଉଥିଲେ । ଏହି ସମ୍ପ୍ରଦାୟର ଲୋକେ ସାଧାରଣତଃ ନିମ୍ନବର୍ଗର ଅଟନ୍ତି । ମାଛ ଧରିବା, ସାପଖେଳ ଦେଖାଇବା ଓ ନଈବାଲିରୁ ସୁନା ସଂଗ୍ରହ କରିବା ସେମାନଙ୍କର କୌଳିକ ବୃତ୍ତି ରହିଥିଲେ ମଧ୍ୟ କାଠି କଣ୍ଢେଇ ନାଟରୁ ଦୁଇ ପଇସା ରୋଜଗାର କରିପାରୁ ଥିଲେ । କେନ୍ଦୁଝର ଜିଲ୍ଲାର ଆଖପାଖ ଗାଁ ଗଣ୍ଡାରେ ବିଭିନ୍ନ ପୂଜାପାର୍ବଣ, ଯାନିଯାତ୍ରା, ବିବାହ ବ୍ରତ ଆଦି ମାଙ୍ଗଳିକ କାର୍ଯ୍ୟକ୍ରମରେ ଏହି ନାଟ ପ୍ରଦର୍ଶିତ ହେଉଥିଲା । ଗଡର ଝରା ବସ୍ତିର ସ୍ୱର୍ଗତଃ ଗୋପୀ ଝରା (ବେହେରା) ତାଙ୍କ ପୁଅ ସ୍ୱର୍ଗତଃ ମକରଧ୍ୱଜ ଝରା ପରମ୍ପରା କ୍ରମେ ଏହି ନାଟକୁ ପ୍ରଦର୍ଶନ କରି ଆସୁଥିଲେ । ମକରଧ୍ୱଜ ଅନ୍ତେ ତାଙ୍କର ବଂଶରେ ପରବର୍ତ୍ତୀ ଦାୟାଦମାନେ ଆଉ ଏହି ପରମ୍ପରାକୁ ବଜାଇ ରଖିବା ପାଇଁ ଉପଯୁକ୍ତ ହୋଇପାରିଲେ ନାହିଁ । ମାତ୍ର ମକରଧ୍ୱଜଙ୍କ ଉପଯୁକ୍ତ ଶିଷ୍ୟ ମାଗୁଣି ଚରଣ କୁଅଁର ପ୍ରଥମେ ଗୁରୁଙ୍କ ସହଯୋଗୀ ଭାବରେ କାର୍ଯ୍ୟ କରି ପରବର୍ତ୍ତୀ ସମୟରେ

ତାଙ୍କ ନିର୍ଦ୍ଦେଶରେ କାଠି କଣ୍ଢେଇ ନାଟକୁ ପେଶା ଭାବରେ ଗ୍ରହଣ କଲେ । ବର୍ତ୍ତମାନ ସମୟରେ ୮୬ ବର୍ଷ ବୟସରେ ପଦାର୍ପଣ କରିଥିବା ଏହି ଦକ୍ଷ ବିନ୍ଧାଣୀଙ୍କ ଜନ୍ମ ହୋଇଥିଲା ୧୯୩୭ ମସିହା ଫେବୃୟାରୀ ୧୨ କେନ୍ଦୁଝର ଗଡ ପୁରୁଣା ବଜାରରେ । ପିଲାଦିନରୁ କଳା ପ୍ରତି ତାଙ୍କର ଅଦମ୍ୟ ଆଗ୍ରହ ଥିଲା । ଏଗାର-ବାର ବର୍ଷ ବୟସରେ ପଞ୍ଚମ ଶ୍ରେଣୀରେ ପଢୁଥିବା ସମୟରେ ସେ ପାଠ ପଢା ଛାଡି ଦେଇ ବିଖ୍ୟାତ ରାମଲୀଳା ଦଳରେ ଯୋଗ ଦେଇ ଅନ୍ୟତମ ସଫଳ ଅଭିନେତା ଭାବରେ ସ୍ୱୀକୃତି ପାଇଲେ । ସମକାଳର କେନ୍ଦୁଝର ଗଡର ବିଶିଷ୍ଟ କଳାକାର ଦାଶରଥି ମହାରଣାଙ୍କର କାଠ ଖୋଦେଇ ମୂର୍ତ୍ତିର ଆକର୍ଷଣ ତାଙ୍କ ଜୀବନରେ ଏକ ନାଟକୀୟ ପରିବର୍ତ୍ତନ ଆଣି ଦେଲା । ଦାଶରଥି ମହାରଣା ସ୍ଥାନୀୟ ସରକାରୀ ସ୍କୁଲ ଶିକ୍ଷକ ଥିଲେ ଏବଂ ମକରଧ୍ୱଜ (ଝରା) ଯେଉଁ କଣ୍ଢେଇଗୁଡିକ ନାଟ ନିମନ୍ତେ ପ୍ରସ୍ତୁତ କରୁଥିଲେ, ସେଗୁଡିକୁ ସେ ତିଆରି କରୁଥିଲେ । ମାଗୁଣି କୁଅଁର ତାଙ୍କ ଠାରୁ ତାଲିମ୍ ନେଇ କାଠର ମୂର୍ତ୍ତି ତିଆରି କରିବାକୁ ଲାଗିଲେ । ମାଗୁଣିଙ୍କ କଣ୍ଢେଇଗୁଡିକ ଅତି ଜୀବନ୍ତ ଲାଗୁଥିବାରୁ ତାଙ୍କ କଣ୍ଢେଇଗୁଡିକ ପ୍ରତି ସମସ୍ତଙ୍କର ଆକର୍ଷଣ ବଢିଲା । ତାଙ୍କ ଅଞ୍ଚଳର ପଥର ମୂର୍ତ୍ତି ନିର୍ମାତା ଭଗବାନ ଜେନାଙ୍କ ଠାରୁ ସେ ପଥରରେ ମୂର୍ତ୍ତି ତିଆରି କରିବା ତାଲିମ୍ ନେଲେ । ଏହିଭଳି ଭାବେ ମାଗୁଣି ଚରଣ କାଠ, ସିମେଣ୍ଟ ଓ ପଥରରେ ମୂର୍ତ୍ତି ତିଆରି କରିବାରେ ସିଦ୍ଧହସ୍ତ ହେଲେ ।

କାଠି କଣ୍ଢେଇ ନାଟକୁ ପ୍ରଥମ କରି ଶ୍ରୀ ମାଗୁଣି ଚରଣ ସମ୍ପୂର୍ଣ୍ଣ ବ୍ୟବସାୟିକ ରୀତିରେ ୧୯୫୫ ମସିହାରେ ପାଞ୍ଚଜଣ ସହଯୋଗୀଙ୍କୁ ନେଇ 'ଉତ୍କଳ ବିଶ୍ୱକର୍ମା କଳାକୁଞ୍ଜ' ନାମକ ଏକ ଅନୁଷ୍ଠାନ ଗଢି ଜିଲ୍ଲାର ବିଭିନ୍ନ ସ୍ଥାନରେ ନାଟ ପ୍ରଦର୍ଶନ କରିବାକୁ ଲାଗିଲେ । ଏହି ଅନୁଷ୍ଠାନ ଯୁବକକମାନଙ୍କୁ କାଠି କଣ୍ଢେଇ ନାଟ ପ୍ରଦର୍ଶନ କରିବାକୁ ତାଲିମ୍ ମଧ୍ୟ ଦେଉଥିଲା । କାଠି କଣ୍ଢେଇ ନାଟରେ କଣ୍ଢେଇଗୁଡିକ ସାଧାରଣତଃ ଗମ୍ଭାରୀ ଛଳନା ପରି ଶକ୍ତ ଓ ହାଲୁକା କାଠରେ ତିଆରି । ମାଗୁଣି କୁଅଁର କଣ୍ଢେଇଗୁଡିକୁ ତିଆରି କଲା ବେଳେ ପ୍ରଥମେ ସରୁ ସରୁ ଲମ୍ୱ କାଠଗୁଡିକୁ ଚଉଦ-ପନ୍ଦର ଲମ୍ୱର ଛୋଟ ଛୋଟ ଖଣ୍ଡ କରି ଦିଅନ୍ତି । ସେ ପ୍ରତ୍ୟେକ ଖଣ୍ଡକୁ ତିନୋଟି ଭାଗରେ ବିଭକ୍ତ କରନ୍ତି । ପ୍ରଥମଟି ମୁଣ୍ଡ ଠାରୁ ବେକ ପର୍ଯ୍ୟନ୍ତ, ଦ୍ୱିତୀୟ ଭାଗଟି ବେକ ଠାରୁ ଅଣ୍ଟା ଓ ତୃତୀୟ ଭାଗଟି ଅଣ୍ଟା ଠାରୁ ଜଙ୍ଘ ପର୍ଯ୍ୟନ୍ତ ଶରୀରାନୁପାତ ଦୂରତାରେ ଭାଗ କରି, କଣ୍ଢେଇ ତିଆରି କରନ୍ତି । ସାଧାରଣତଃ କଣ୍ଢେଇର ହାତଗୁଡିକ ଗୋଟିଏ କାଠରେ ତିଆରି ହେଲେ ମଧ୍ୟ ଆବଶ୍ୟକ ସ୍ଥଳେ ଛୋଟ ଛୋଟ କାଠଗୁଡିକୁ ନେଇ ମଧ୍ୟ କଣ୍ଢେଇର ହାତ ତିଆରି କରାଯାଏ । ଶେଷରେ କଣ୍ଢେଇଗୁଡିକୁ ନାଟକର ଚରିତ୍ର ଅନୁସାରେ ଆଖି, ନାକ, କାନ ତିଆରି କରି ଏକ ଜୀବନ୍ତ ମଣିଷ ପରି ଗଢି ତୋଳାଯାଏ । ଏହି କଣ୍ଢେଇଗୁଡିକର ଓଜନ ଏକରୁ ଦେଢ କିଲୋଗ୍ରାମ ମଧ୍ୟରେ ହୋଇଥିବାରୁ ଏହାକୁ ସଞ୍ଚାଳକ ଦଣ୍ଡ ସାହାଯ୍ୟରେ ସଞ୍ଚାର କରିଥାଏ । କାଠ କଣ୍ଢେଇ ନାଟରେ କାଠରେ ତିଆରି ପୁତ୍ତଳିକା ନାଟ ପ୍ରଦର୍ଶନ କରାଯାଉ ଥିବାରୁ ଏହାର ଏପରି ନାମକରଣ କରାଯାଇଅଛି ।

କାଠ କଣ୍ଢେଇ ନାଟର ମଞ୍ଚସଜ୍ଜା ପୂର୍ବରୁ ଝରା ସମ୍ପ୍ରଦାୟର ବ୍ୟକ୍ତିମାନେ କାଠ ଓ ବାଉଁଶ ସାହାଯ୍ୟରେ କରୁଥିଲେ । ଏଥିରେ ଚାରିଖଣ୍ଡ ଶକ୍ତ ବାଉଁଶକୁ ମାଟିରେ ଦୃଢ଼ କରି ପୋତି, ସେଥିରେ ଆଉ କେତେଖଣ୍ଡ ସରୁ ବାଉଁଶ କାଠିକୁ ମଞ୍ଚର ଚାରି ପାଖରେ ରଶି ସାହାଯ୍ୟରେ ବାନ୍ଧି ରଙ୍ଗମଞ୍ଚ ତିଆରି କରାଯାଉଥିଲା । ଛାଞ୍ଚରେ ଚାରିପଟେ ପୁରୁଣା ଲୁଗା ଗୁଡା ଯାଉଥିଲା । ମଞ୍ଚ ସମ୍ମୁଖରେ ଖାଲି ସ୍ଥାନ ରଖା ଯାଉଥଲା । ମଞ୍ଚର ପରରେ କଳା ବା ନୀଳ ରଙ୍ଗର କନାଟିଏ ବାନ୍ଧି ଦିଆଯାଉଥିଲା । ସଞ୍ଚାଳକ ରଙ୍ଗମଞ୍ଚରେ ତଳେ ବସି କାଠି କଣ୍ଢେଇଗୁଡିକୁ କଳା ପରଦା ଆଗରେ ନଚାଉ ଥିଲେ । ଦୂରରେ ଦର୍ଶକ କଣ୍ଢେଇ ନାଟକୁ ଉପଭୋଗ କରୁଥିଲେ । ଫଳରେ ନାଟ ଦେଖାଉଥିବା ସଞ୍ଚାଳ ଦର୍ଶକମାନଙ୍କୁ ଆଦୌ ଦୃଶ୍ୟମାନ ହୁଏ ନାହିଁ । ମଞ୍ଚକୁ ଆଲୋକିତ କରିବା ନିମନ୍ତେ ପ୍ରଥମେ ଛୋଟ ଛୋଟ ଶିଶୁ କାଠକୁ ଗୋଛା ଆକାରରେ ବାନ୍ଧି କିମ୍ବା ମାଟି ଖପରାରେ ପାଉଁଶ ରଖି ତା ଉପରେ ତେଲ ଢାଳି ସେଥିରେ ନିଆଁ ଧରାଇ ଦିଆଯାଉଥିଲା । ନାଟ ଆରମ୍ଭରେ ଶ୍ରୀ କୁଅଁର ଏହି ପାରମ୍ପରିକ ରୀତିକୁ ଅନୁସରଣ କଲେ ମଧ୍ୟ ପରବର୍ତ୍ତୀ କାଳରେ ସେ ଆଧୁନିକ ରଙ୍ଗମଞ୍ଚ ତିଆରି ନାଟ ପ୍ରଦର୍ଶନ କରିବା ସହିତ ବିଜୁଳି ଆଲୁଅକୁ ମଞ୍ଚ ଆଲୋକିତ କରିବା ନିମନ୍ତେ ବ୍ୟବହାର କଲେ । ତା'ସହିତ ବିଜୁଳି ନଥିବା ସ୍ଥାନରେ ପେଟ୍ରୋମାକ୍ସ ଲାଇଟ୍‌କୁ ମଧ୍ୟ ବ୍ୟବହାର କରାଯାଇଥାଏ । ଶ୍ରୀ କୁଅଁର ଅଭିନୟକୁ ଅଧିକ ଜୀବନ୍ତ କରିବା ନିମନ୍ତେ ମଞ୍ଚ ପରରେ କଳା ପରଦା ପରିବର୍ତ୍ତେ ରଙ୍ଗବେରଙ୍ଗ ପରଦା ଟାଙ୍ଗିବାକୁ ଲାଗିଲେ ।

ଅତୀତରେ ଝରା ସମ୍ପ୍ରଦାୟର ବ୍ୟକ୍ତିମାନେ କେବଳ ଦୁଇଜଣ ବାଦ୍ୟକାରଙ୍କ ସାହାଯ୍ୟରେ ନାଟ ପ୍ରଦର୍ଶନ କରୁଥିଲେ । ମାତ୍ର ଶ୍ରୀ କୁଅଁର ନାଟ ପ୍ରଦର୍ଶନ କାଳରେ ବଂଶୀ, କ୍ଲାରିଓନେଟ୍, ବେହେଲା, ହାରମୋନିୟମ୍, ଡୁବିତାବଲା, ଯୋଡିନାଗରା, ମୃଦଙ୍ଗ, ପଖୌଜ, ଝାଞ୍ଜ, କୁବ୍‌ଜି ଆଦି ଆଧୁନିକ ଯନ୍ତ୍ରପାତି ବ୍ୟବହାର କଲେ ।

କାଠି କଣ୍ଢେଇ ନାଟରେ ସାଧାରଣତଃ ହରିବଂଶ, ରାମାୟଣ, ଭାଗବତର କଥା ଭାଗକୁ ଆଧାର କରି ହରିଙ୍କ ଜନ୍ମ ଠାରୁ ଆରମ୍ଭ କରି କଂସାସୁରର ନିଧନ ପର୍ଯ୍ୟନ୍ତ ଶ୍ରୀକୃଷ୍ଣଙ୍କ ଲୀଳାକୁ ସଙ୍ଗୀତ ମାଧ୍ୟମରେ ଉପସ୍ଥାପନା କରୁଥିଲେ । ପରବର୍ତ୍ତୀ ସମୟରେ ଲୋକମାନଙ୍କର ରୁଚିକୁ ଆଖିରେ ରଖି ଶ୍ରୀ କୁଅଁର କାଠି କଣ୍ଢେଇ ନାଟରେ 'ସୀତା ବିବାହ', 'ସୀତା ଚୋରି', 'କୃଷ୍ଣ-ସୁଦାମା', 'ନଳ-କୁବେର', 'ଶ୍ରୀକୃଷ୍ଣ ଜନ୍ମ', 'ରଙ୍ଗସଭା', 'ରଘୁ ଅରକ୍ଷିତ', 'ବନ୍ଧୁ ମହାନ୍ତି', 'କର୍ଣ୍ଣବଧ', 'ହରିଶ୍ଚନ୍ଦ୍ର', 'କୀଚକ ବଧ' ଆଦି ପ୍ରସଙ୍ଗକୁ ପ୍ରଦର୍ଶନ କଲେ । ନାଟ ଆରମ୍ଭରେ ମଙ୍ଗଳାଚରଣ ଓ‌ଟ ପରେ ପରେ ଦ୍ୱାରୀ ମୁଖରେ ସମଗ୍ର ନାଟକର କାହାଣୀର ସଂକ୍ଷିପ୍ତ ସୂଚନା ପରେ ନାଟକର ଆରମ୍ଭ ହୋଇଥାଏ ।

ମାଗୁଣି କୁଅଁରଙ୍କ ରଚିତ 'ରାମ ବନବାସ' ନାଟକରେ ରାମ ବେଳେ ବେଳେ ସୀତାଙ୍କ ଘରଣୀପଣକୁ ପରିହାସ କରି କହୁଥିଲେ-

"ତୋ'ଠୁ ଘରଣୀ ନାଇଁଲେ / ସୀତା / ତୋଠୁ ଘରଣୀ ନାଇଁ । // ଡୋଲିଏ ଚାଉଳ - ଓଳିଏ କଲୁ / ତିନି ପରାଣୀଙ୍କ ପାଇଁ ଗୋ ସୀତେ, // ତିନିପରାଣୀଙ୍କ ପାଇଁ ।"

ସେହିପରି ରାଧାଙ୍କ ଆକଟକୁ କାନ ନ ଦେଇ କୃଷ୍ଣ ରସିକତା କରି କହନ୍ତି -

"ଝୁଲି ଝୁଲି ଆସୁଅଛି ନାଗରୀ ନୂଆ,/ ନୟନେ ରଞ୍ଜିଛି କଳା, ପାଦରେ ବାଜେଣି ବଳା, // ଝମଝମ ଝମକୁଛି ପାଦ ଝୁଣ୍ଟିଆ, / ଝୁଲି ଝୁଲି ଆସୁଅଛି ନାଗରୀ ନୂଆ ।// ଓଟାରି ବାନ୍ଧିଛି ଜୁଡା, ମିଶାଇ ମଲ୍ଲୀ ପାଖୁଡା / ଚାପରେ ଦେଇଛି ବେଢା କେତକୀ କିଆ // ଝୁଲି ଝୁଲି ଆସୁଅଛି ନାଗରୀ ନୂଆ ।"

(ଲୋକନାଟ୍ୟ ପରମ୍ପରା ଓ କଣ୍ଢେଇନାଟ)

ପୂର୍ବରୁ କାଠି କଣ୍ଢେଇ ନାଟରେ ଅଶି ପ୍ରତିଶତ ଗୀତ ସାଙ୍ଗକୁ ସମାନ୍ୟ ସଂଳାପ ରହୁଥିଲା । ପରବର୍ତ୍ତୀ ସମୟରେ ଶ୍ରୀ କୁଅଁର ଏହି ରୀତିକୁ ଭାଙ୍ଗି ନାଟରେ ଅଧିକରୁ ଅଧିକ ସଂଳାପ ପ୍ରୟୋଗ କଲେ । ପୂର୍ବରୁ ଚିରାଚରିତ ପୌରାଣିକ, କିମ୍ବଦନ୍ତୀମୂଳକ ଘଟଣା ସହିତ କାଠି କଣ୍ଢେଇ ନାଟରେ ପ୍ରଥମଥର ସାମାଜିକ ଘଟଣାବଳୀ ଓ ସମସ୍ୟାକୁ ପ୍ରଦର୍ଶନ କରି ଜନସଚେତନତା ସୃଷ୍ଟି କଲେ । ଶ୍ରୀ କୁଅଁରଙ୍କ ଏକ ବିଶେଷତ୍ୱ ହେଉଛି ସେ ଏକାଥରେ ଅନେକ ଗୁଡିଏ କଣ୍ଠସ୍ୱରରେ ସଂଳାପ ପରିବେଷଣ କରି ପାରନ୍ତି । ନାଟ ପ୍ରଦର୍ଶନ କାଳରେ ସେ ଉଭୟ ପୁରୁଷ, ମହିଳା, ହାତି, ସାପ, ଘୋଡା, କୋଇଲି ପରି ବିଭିନ୍ନ ପଶୁପକ୍ଷୀଙ୍କ ସ୍ୱରକୁ କ୍ରମାନ୍ୱୟର ପରିବେଷଣ କରିଥାଆନ୍ତି ।

ଶ୍ରୀ କୁଅଁର ଏହି କଳାକୁ ନୟାଗଡର ବିଖ୍ୟାତ ଅଭିନେତା ବାଞ୍ଛାନିଧି ଶତପଥୀଙ୍କ ଠାରୁ ଶିକ୍ଷା କରିଥିଲେ । ଏକଦା ବାଞ୍ଛାନିଧି କେନ୍ଦୁଝରରେ ଆପଣା ଅଭିନୟ ପ୍ରଦର୍ଶନ କାଳରେ ତାଙ୍କ କଥନଭଙ୍ଗୀରେ ଶ୍ରୀ କୁଅଁର ବିଶେଷ ଭାବରେ ପ୍ରଭାବିତ ହୋଇଥିଲେ । ଉକ୍ତ କଳାକୁ ଶ୍ରୀ କଅଁର ଶିଖି କାଠି କଣ୍ଢେଇ ନାଟ ପ୍ରଦର୍ଶନ କାଳରେ ପ୍ରୟୋଗ କରି ସଫଳ ହେଲେ । ଶ୍ରୀ କୁଅଁର କେନ୍ଦୁଝରର ବିଭିନ୍ନ ସ୍ଥାନରେ କାଠିକଣ୍ଢେଇ ନାଟ ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି । ଜାତିରେ ଖଣ୍ଡାୟତ ହୋଇ ମଧ୍ୟ ନିଜ ଜାତିର କୌଳିକ ବୃତ୍ତିକୁ ଆପଣାଇ ଥିବାରୁ ବହୁ ନିନ୍ଦା, ଅପବାଦର ଶିକାର ହୋଇଥିଲେ ହେଁ, ସେ କୌଣସି କଥାକୁ କର୍ଣ୍ଣପାତ କରି ନାହାନ୍ତି । ସେ କେନ୍ଦୁଝରର ଆନନ୍ଦପୁର, ଘସିପୁରା, ଝୁମ୍ପୁରା, ପଣ୍ଡାପଡା, ତେଲକୋଇ, ଚମ୍ପୁଆ, ଢେଙ୍କିକୋଟ, ପାଟଣା, କେନ୍ଦୁଝରଗଡ (ଟାଉନ୍) ଆଦି ସ୍ଥାନଗୁଡିକରେ କାଠିକଣ୍ଢେଇ ନାଟ ପ୍ରଦର୍ଶନ କରିଛନ୍ତି । ଓଡ଼ିଶାର ବିଭିନ୍ନ ଜିଲ୍ଲା ତଥା ରାଜ୍ୟ ବାହାରେ ତାଙ୍କ ନାଟକୁ ବିପୁଳ ପ୍ରଶଂସା ମଳଛି । ଓଡ଼ିଶାରେ କାଠି କଣ୍ଢେଇ ଭଳି ବିଲୁପ୍ତ ସାଂସ୍କୃତିକ ନୃତ୍ୟକୁ ଜନମାନସରେ ବଞ୍ଚାଇ ରଖିଥିବାରୁ ଶ୍ରୀ କୁଅଁରଙ୍କୁ ୨୦୨୩ ମସିହାରେ ଭାରତର ସର୍ବୋଚ୍ଚ ସମ୍ମାନ 'ପଦ୍ମଶ୍ରୀ' ସମ୍ମାନରେ ସମ୍ମାନିତ କରାଯାଇଅଛି । ଏହାଛଡା ସେ ୨୦୦୪ ମସିହାରେ କେନ୍ଦ୍ରୀୟ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ଏବଂ ୨୦୧୨ ମସିହାରେ ଉପେନ୍ଦ୍ରଭଞ୍ଜ ସମ୍ମାନରେ ସମ୍ମାନିତ ।

ଧରିତ୍ରୀର ଏକ ସାକ୍ଷାତକାରରେ ଶ୍ରୀ କୁଅଁର ବର୍ତ୍ତମାନ ସମୟରେ କାଠି କଣ୍ଢେଇର ସ୍ଥିତିକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି । ଅପେରା ପାର୍ଟିର ଚାକଚମକ, ଲାଇଟ୍, ଡିସ୍କୋଡାନ୍ସ ଆଗରେ କଣ୍ଢେଇ ନାଟ ଫିକା ପଡିଯାଇଛି ବୋଲି ସେ କୁହନ୍ତି । ସେହିପରି ପୃଷ୍ଠପୋଷକତାର ଅଭାବ ଓ ପରପୁରୁଷଙ୍କର ଅନାଗ୍ରହ ଯୋଗୁଁ ଏହି କଳାଟି ଲୋପ ପାଇଯିବାର ଆଶଙ୍କା ରହିଛି । ବର୍ତ୍ତମାନ ସମୟରେ କାହିଁ କେତେ ବର୍ଷରୁ ସୃଷ୍ଟି ହେଇଥିବା ଏହି ନୀର୍ଜବ କଳାକୁ ବଞ୍ଚାଇ ରଖିବା ଆଜିର ଉତ୍ତର ପିଢିର କର୍ତ୍ତବ୍ୟ । ଏକଦା କେନ୍ଦୁଝରଗଡ଼ର ଆକର୍ଷଣର କେନ୍ଦ୍ରବିନ୍ଦୁ ଥିବା ବାଡି କଣ୍ଢେଇ ନାଟ ଆଜି ଅଲୋଡା ହୋଇପଡିଛି । କଳାକାରମାନେ ଦର୍ଶକ ଅଭାବରେ ନାଟ ଦେଖାଇବା ଧିରେ ଧିରେ ବନ୍ଦ କରି ଦେଲେଣି । ଯଦି ସରକାର ବେଳ ଥାଉ ଥାଉ ଏ ଦିଗରେ ଦୃଷ୍ଟିନିକ୍ଷେପ ନ କରନ୍ତି, ତେବେ ଏହି କଳାଟି ବିଲୁପ୍ତ ହେବାର ଆଶଙ୍କା କରାଯାଉଛି । ଶ୍ରୀ କୁଅଁରଙ୍କ ଦଳ କିମ୍ବା ଅନ୍ୟ କୌଣସି କଣ୍ଢେଇ ନାଟସଂସ୍ଥା ଦଳ ସରକାରଙ୍କ ଠାରୁ ଅନୁଦାନ ପାଇପାରି ନାହାନ୍ତି । ତାଙ୍କର ଦୁଇ ପୁଅ କାଠି କଣ୍ଢେଇ ନାଟ ପ୍ରତି ଅନୁରକ୍ତ ହେଲେ ମଧ୍ୟ ନାଟ ପ୍ରତି ଲୋକଙ୍କ ବିମୁଖତା ତାଙ୍କୁ ଭବିଷ୍ୟତରେ ଏହି କଳାଠାରୁ ଦୂରେଇ ନଦେବ ଏହା କିଏ କହିପାରିବ । ତେଣୁ ଯଥାଶୀଘ୍ର ଏହାର ପ୍ରତିକାର ଆବଶ୍ୟକ ।

**ସହାୟକ ଗ୍ରନ୍ଥସୂଚୀ :**


୧. ଦାଶ, ଡ. ଗୌରାଙ୍ଗ ଚରଣ : ଲୋକନାଟ୍ୟ ପରମ୍ପରା ଓ କଣ୍ଢେଇ ନାଟ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ, ୧୯୯୩ ।

୨. ଦାସ, ଧୀରେନ୍ : ଓଡ଼ିଶାର ଯାତରା, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ଭୁବନେଶ୍ୱର, ୧୯୮୧ ।

୩. ପଟ୍ଟନାୟକ, ଧୀରେନ୍ : ଓଡ଼ିଶାର କଣ୍ଢେଇ ନାଟ, ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର, ୧୯୮୨ ।

୪. ପାଣି, ପ୍ରଫୁଲ୍ଲ କୁମାର : ଓଡ଼ିଶାରେ କଣ୍ଢେଇ ନାଟର ପରମ୍ପରା, ଓଡ଼ିଶାର ଲୋକସଂସ୍କୃତି, ଜାତୀୟ ସମ୍ମାନ ସ୍ମାରକୀ ପ୍ରାପ୍ତର, ଓଡ଼ିଆ ବିଭାଗ, ବୁର୍ଲା, ୧୯୮୮ ।

(୫) ସାହୁ, ନାରାୟଣ : ଓଡ଼ିଶା, ଆସାମ ଓ ବଙ୍ଗଳାର ଲୋକନାଟ୍ୟ, ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ଭୁବନେଶ୍ୱର, ୨୦୧୮ ।

(୬) ଧରିତ୍ରୀ ସାକ୍ଷାତକାର : ୧୯ ମାର୍ଚ୍ଚ, ବୁଧବାର, ପୃଷ୍ଠା- ୧୧, ୨୦୧୪ ।



ଗବେଷିକା, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ,
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

ISSN -2583-147X(P), Vol.- 8, Issue No. X, January 2023
Bastabatara Pariprakash Prachee
*Peer Reviewed and Referred Research Journal*

# ଗାଳ୍ପିକ ରଜନୀକାନ୍ତ ମହାନ୍ତିଙ୍କ ଗଳ୍ପରେ ସାମ୍ୟବାଦୀ ପ୍ରସଙ୍ଗ

ଡ. ଶାନ୍ତନୁ କୁମାର ନାୟକ

ଊନବିଂଶ ଶତାବ୍ଦୀର ଶେଷାର୍ଦ୍ଧ ବେଳକୁ ବିଶ୍ୱ ସାହିତ୍ୟକୁ ବିଶେଷ ଭାବେ ପ୍ରଭାବିତ କରିଥିବା ମତବାଦ ହେଉଛି କାର୍ଲମାର୍କ୍ସଙ୍କ ସାମ୍ୟବାଦ । ଏହାର ପ୍ରଭାବ ଭାରତୀୟ ଅର୍ଥନୀତି, ଧର୍ମ, ସମାଜ ଉପରେ ପଡ଼ିଥିଲା । ବିଶେଷକରି ଏକଛତ୍ରବାଦୀ ବୁର୍ଜୁଆ ଗୋଷ୍ଠୀ ଉପରେ ଏହାର ପ୍ରଭାବ ବଳବତ୍ତର ଥିଲା ଏବଂ ସାଧାରଣ ଶୋଷିତବର୍ଗ ହୋଇଥିଲା ନିଜର ଅଧିକାରକୁ ନେଇ ସଚେତନ, ପ୍ରତିବାଦ ପାଇଁ ଏକ ଦୃଢ଼ ଭିତ୍ତିଭୂମିର ନିର୍ମାଣ ଆରମ୍ଭ ହୋଇ ସାରିଥିଲା ।

ସମାଜର ଆବାହମାନ କାଳକୁ ଲକ୍ଷ୍ୟ କଲେ ଦେଖାଯାଏ, ଶ୍ରେଣୀହୀନ ସମାଜ ଓ ଗୋଷ୍ଠୀବଦ୍ଧ ଜୀବନଯାପନ ପ୍ରଣାଳୀ । ଗୋଟିଏ ସଂସ୍କୃତି ମଧ୍ୟରେ ସମସ୍ତ ଆଦିମାନବ ବନ୍ଧାହୋଇ ସମୂହ ଉପରେ ହୋଇଥିଲେ ଆଶ୍ରିତ । କୌଣସି ଗୁରୁତ୍ୱପୂର୍ଣ୍ଣ ଜଟିଳ କାର୍ଯ୍ୟ କଲାବେଳେ ସାମୂହିକ ଭାବେ ଗୋଷ୍ଠୀଗତ ସିଦ୍ଧାନ୍ତକୁ ଉତ୍ସାହର ସହିତ ଆପଣେଇ ନେଉଥିଲେ । ଏଠି ଶୋଷକର ନଥିଲା ପ୍ରାଧାନ୍ୟ । କାଳକ୍ରମେ ଯେତେବେଳେ ମଣିଷ ନିଜର ଜୀବନ ଶୈଳୀକୁ ଆରାମଦାୟକ କରିବା ନିମନ୍ତେ ତଥା ସମସ୍ତ ଉତ୍ପାଦନ ସରଞ୍ଜାମ, ଖାଦ୍ୟଶସ୍ୟ ଆଦିର ଗୁରୁତ୍ୱକୁ ଉପଲବ୍ଧି କଲା, ସେତେବେଳେ ଆବଶ୍ୟକ ମୁତାବକ ଉଦ୍ଭାବନ ଏବଂ ଆବିଷ୍କାର କଲା ନୂଆ ନୂଆ ସାମଗ୍ରୀ । ଯିଏ ଯେତେ ଜ୍ଞାନ ଓ ଶ୍ରମ ବିନିଯୋଗ କରିପାରିଲା ସେ ସେତକ ପରିମାଣରେ ଉତ୍ପାଦନ ସାମଗ୍ରୀ ପାଇପାରିଲା । ସୃଷ୍ଟିହେଲା ଆର୍ଥନୀତିକ ତାରତମ୍ୟ । ଆର୍ଥନୀତିକ ତାରତମ୍ୟରୁ କ୍ରମଶଃ ବଳିଷ୍ଠ ହେଲା ରାଜନୀତି ।

ରାଜନୀତି ଓ ଅର୍ଥନୀତିକୁ ନେଇ ମୁଣ୍ଡଟେକିଲା ସାମନ୍ତପ୍ରଥା । ଏ କ୍ଷେତ୍ରରେ ସମାଲୋଚକ ଡକ୍ଟର ବିଜୟ କୁମାର ଶତପଥୀ କହନ୍ତି, "ଆଦିମ ଶ୍ରେଣୀହୀନ ସମାଜ ଧୀରେଧୀରେ ବିକଶିତ ହୋଇ ଯେତେବେଳେ ଶ୍ରେଣୀ ବିଭକ୍ତ ସମାଜରେ ପରିଣତ ହେଲା, ସେତେବେଳେ ଜ୍ଞାନ ଓ ଅନୁଭୂତି କ୍ଷେତ୍ରରେ ପାର୍ଥକ୍ୟ ଦେଖାଦେଲା । ଏହି ପାର୍ଥକ୍ୟର ପରିଣାମ ସ୍ୱରୂପ ବିଜ୍ଞାନ, ଇତିହାସ, ନ୍ୟାୟ, ଧର୍ମନୀତି, ଅର୍ଥଶାସ୍ତ୍ର ଆଦି କାବ୍ୟ ମଧ୍ୟରୁ ସ୍ୱତନ୍ତ୍ର ଅସ୍ତିତ୍ୱ ନେଇ ଜନ୍ମଲାଭ କଲା ।"

(ଓଡ଼ିଆ ସାହିତ୍ୟରେ ପ୍ରଗତିବାଦୀ ଧାରା, ପୃଷ୍ଠା-୬୩)

କାଳକ୍ରମେ ସମାଜ ଯେତେବେଳେ ସାମନ୍ତବାଦୀ ଯୁଗରେ ପାଦ ଥାପିଲା, ସେତେବେଳେ ରାଜା ଓ ସାମନ୍ତ ହେଲେ ଶ୍ରେଷ୍ଠ କର୍ତ୍ତା । ସାଧାରଣ ଜନତା ତଥା ପ୍ରଜାମାନେ ହେଲେ ଭୃତ୍ୟ, ଆଶ୍ରିତ । ଅନୁଗତ ପ୍ରଜାମାନଙ୍କୁ ସାମନ୍ତ ଶ୍ରେଣୀର ବ୍ୟକ୍ତିମାନେ ନିଜର ସ୍ୱାର୍ଥ ସାଧନ ନିମନ୍ତେ ଦାସ ଭାବରେ ଅମାନୁଷିକ ଭାବେ ଖଟାଇ ଚାଲିଲେ । ରାଜାଙ୍କ କର୍ତ୍ତବ୍ୟ କରିବା ନିମନ୍ତେ ଆର୍ଥନୀତିକ, ରାଜନୀତିକ ବୋଝ ପ୍ରଜାମାନଙ୍କ ମୁଣ୍ଡରେ ଲଦି ଦିଆ ଯାଉଥିଲା । ସାଧାରଣ ପ୍ରଜାଟି ଖଟିବା ପାଇଁ ବାଧ୍ୟ ହେଉଥିଲା ପରିବାର ଚଳାଇବା ନିମନ୍ତେ କେବଳ ମୁଠାଏ ଦାନା ପାଇଁ । ଏହି ସମୟରେ ସାହିତ୍ୟ କ୍ଷେତ୍ରରେ ଦେଖା ଯାଉଥିଲା ରାଜା ବା ସାମନ୍ତର ଜୟ ଜୟକାର । ରାଜକୁମାର ରାଜକୁମାରୀଙ୍କର ପ୍ରେମ, ବିଚ୍ଛେଦ, ମିଳନର କଥା କେବଳ କହୁଥିଲା ସାହିତ୍ୟ, ଶୃଙ୍ଗାର, ହାସ୍ୟ, ବୀରରସରେ ମତୁଆଲା ହେଉଥିଲା ରାଜଦରବାର । ସାଧାରଣ ଜନତାଙ୍କ ପାଇଁ ସାହିତ୍ୟ ଚର୍ଚ୍ଚାର ଅବସର ନ ଥିଲା ଓ ରସଚର୍ଚ୍ଚା ଥିଲା ବାମନ ହୋଇ ଚାନ୍ଦକୁ ହାତ ବଢ଼ାଇବା ସଦୃଶ ବିଡ଼ମ୍ବନା । ସାହିତ୍ୟିକଙ୍କର ମଧ୍ୟ ସାହସ ନ ଥିଲା ଦରିଦ୍ର ପ୍ରଜାଙ୍କର କଥା ଲେଖିବା ପାଇଁ । ରାଜାଙ୍କର ପ୍ରଶସ୍ତିଗାନରେ ଲେଖକ ପାଉଥିଲା ପାରିତୋଷିକ । କିନ୍ତୁ ସମାଜ

ମଣିଷର କଥା ଲେଖିଥିଲେ ସେ ରାଜଦ୍ରୋହରେ ପାଇଥାନ୍ତା ମୃତ୍ୟୁଦଣ୍ଡ । ସେଥିପାଇଁ ସାହିତ୍ୟରେ ସାଧାରଣ ଜନତାଙ୍କ ଅଭିବ୍ୟକ୍ତି ପ୍ରକାଶ ପାଉ ନ ଥିଲା । ଆସ୍ତେ ଆସ୍ତେ ସାମନ୍ତବାଦର ବିଲୋପ ହେଲା, ବଳିଷ୍ଠ ହେଲା ପୁଞ୍ଜିବାଦ । ପୁଞ୍ଜି ଓ କ୍ଷମତାର ବିକେନ୍ଦ୍ରୀକରଣ କରି ସାମ୍ରାଜ୍ୟବାଦ ପ୍ରତିଷ୍ଠା କରିବା ପାଇଁ ଦେଖାଦେଲା ନା ନା ପ୍ରଜାମେଳି ଓ ଜନଆନ୍ଦୋଳନ । ଏହାର ପାର୍ଶ୍ୱ ପ୍ରତିକ୍ରିୟା ଭାବେ ପେଶିହେଲେ ସାଧାରଣ ଜନତା ଆଉ ଲାଭବାନ ହେଲେ ପୁଞ୍ଜିପତି । ଉଚ୍ଚ ନୀଚ ମଧ୍ୟରେ ତାରତମ୍ୟ, ଧନୀ ଗରୀବ ମଧ୍ୟରେ ପାର୍ଥକ୍ୟର ନାରକୀୟ ରୂପ ଦେଖାଗଲା ଶ୍ରେଣୀ ସଂଘର୍ଷ ଭାବରେ । ରାଜନୀତି ଅର୍ଥନୀତିର ଅମାନବିକ ଦୃଶ୍ୟ ସାହିତ୍ୟରେ ହେଲା ପ୍ରତିଫଳିତ ।

ଓଡ଼ିଆ ସାହିତ୍ୟର ବିକାଶକ୍ରମକୁ ଦେଖିଲେ, ଯଥା ସାରଳା ଦାସଙ୍କ ଠାରୁ ଆଧୁନିକ କାଳ ପର୍ଯ୍ୟନ୍ତ ଧର୍ମର ଆଧିପତ୍ୟ ମଧ୍ୟରେ ଥିଲା ରାଜାରାଜୁଡ଼ାଙ୍କ ପ୍ରଶସ୍ତିଗାନ । ସାହିତ୍ୟ ଦରବାରୀ ଆଡ଼ମ୍ବରରୁ ମୁକୁଳି ସାଧାରଣ ଜନତାଙ୍କ କରୁଣ କାହାଣୀକୁ ପ୍ରକାଶ କରିନାହିଁ; କେବଳ ରାଜାରାଣୀଙ୍କ ପ୍ରେମ, ପ୍ରଣୟ, ଯୁଦ୍ଧ ମଧ୍ୟରେ ରାଜାମାନଙ୍କର ଶୌର୍ଯ୍ୟ, ବୀର୍ଯ୍ୟର କାହାଣୀ ଉପସ୍ଥାପନ ହୋଇଛି । ଏଥିରେ ଥିଲା କେବଳ କଳ୍ପନାର ଅତିରଞ୍ଜନ ଓ ବିଳାସିତାର ବିଭିନ୍ନ ଆୟାମ । ସେଥିରେ ନାହିଁ ବାସ୍ତବ କାହାଣୀ । ଯେଉଁ କେତେକ ସ୍ଥାନରେ ସଂସ୍କୃତି ଓ ପରମ୍ପରାକୁ ଦେଖିହୁଏ ତାହା ମଧ୍ୟ ସ୍ୱଚ୍ଛ ହୋଇ ରହିଯାଇଛି । ସାଧାରଣ ଜନତା ସହିତ ତାର କୌଣସି ପ୍ରତ୍ୟକ୍ଷ ସଂପର୍କ ନାହିଁ କିନ୍ତୁ ପରବର୍ତ୍ତୀ ସମୟରେ ଅର୍ଥାତ୍: "୧୯୩୫ ମସିହା ବେଳକୁ ଯେକୌଣସି ସଚେତନ ପାଠକ ଲକ୍ଷ୍ୟ କରିବ ଯେ ଓଡ଼ିଆ ସାହିତ୍ୟର ସ୍ଥିତିଶୀଳତାରେ ଆସିଛି ଏକ ଚାଞ୍ଚଲ୍ୟ ଓ ଦୋଳନ । ୧୯୨୦ ପରବର୍ତ୍ତୀ କାଳରେ ଉଗ୍ର ଜାତୀୟତାବାଦ, ଉଦାର ନୈତିକ ମାନବତାବାଦ ଓ ବାସ୍ତବବାଦୀ ଦୃଷ୍ଟିକୋଣ ମାର୍କସ୍‌ଙ୍କର ସାମ୍ୟବାଦୀ ସିଦ୍ଧାନ୍ତ ସହ ମିଶ୍ରିତ ହୋଇ ସାହିତ୍ୟର ରୂପାୟିତ ହେବାକୁ ଆରମ୍ଭ କରିଛି ୧୯୩୦ ପରବର୍ତ୍ତୀକାଳରେ । ଉତ୍କଳ ସାହିତ୍ୟ, ନବ ଭାରତ, ସହକାର ପ୍ରଭୃତି ପତ୍ରପତ୍ରିକାରେ କାଁ ଭାଁ ପ୍ରକାଶିତ ପ୍ରବନ୍ଧ, କବିତା, ଗଳ୍ପଗୁଡ଼ିକୁ ଅନୁଧ୍ୟାନ କଲେ ଆମେ ଏହାର ସତ୍ୟତା ଉପଲବ୍ଧି କରିବା । କିନ୍ତୁ ଏକ ସଂଗଠନ ମାଧ୍ୟମରେ ବିଧିବଦ୍ଧ ଭାବରେ ସାମ୍ୟବାଦୀ ଦର୍ଶନକୁ ଆବାହନ କରି ସମାଜ ଓ ଜୀବନର ପଚମାନ ସ୍ଥିରତା ବିରୁଦ୍ଧରେ ସଂଗ୍ରାମ କରିବା ପାଇଁ ଆଗେଇ ଆସିଛନ୍ତି ଭଗବତୀ ଓ ତାଙ୍କର ସତୀର୍ଥଗଣ ୧୯୩୫-୩୬ ମସିହାରେ ନବଯୁଗ ସାହିତ୍ୟ ସଂସଦ ଓ ତା'ର ମୁଖପତ୍ର ଆଧୁନିକ ମାଧ୍ୟମରେ ।"

(ଓ. ସା. ପ୍ର. ଧା, ପୃଷ୍ଠା-୧୭୩-୭୭)

"ଓଡ଼ିଆ ସାହିତ୍ୟରେ ପ୍ରଗତୀବାଦର ମୂଳଉତ୍ସ ଥିଲା ଋଷୀୟ ଦୃଷ୍ଟିଭଙ୍ଗୀ । ଓଡ଼ିଆ ପ୍ରଗତୀବାଦୀ ସାହିତ୍ୟ ହେଉଛି ମାର୍କସୀୟ ଦର୍ଶନର ଭିତ୍ତିଭୂମି ଉପରେ ପ୍ରତିଷ୍ଠିତ ଋଷୀୟ ପ୍ରୋଗ୍ରେସିଭ୍ ଲିଟ୍‌ରେଚରର ନାମାନ୍ତର । ଊନବିଂଶ ଶତାବ୍ଦୀର ପ୍ରତିଷ୍ଠିତ ତିନିଗୋଟି ବିଶିଷ୍ଟଧାରାର ସମନ୍ୱୟନରେ ଏକ ନୂତନ ମାର୍ଗ ପ୍ରଦର୍ଶନ କରି ମାର୍କସୀୟ ଦର୍ଶନ ସମଗ୍ର ବିଶ୍ୱ ସାହିତ୍ୟ ପ୍ରତି ଏକ ସ୍ୱତନ୍ତ୍ର ଆକର୍ଷଣ ସୃଷ୍ଟି କରିପାରିଲା । ତାଙ୍କୁ ଏଦିଗରେ ସହାୟତା କରିଥିଲା କ୍ଲାସିକାଲ ଜର୍ମାନ ଦର୍ଶନ, କ୍ଲାସିକାଲ୍ ଇଂଲିଶ ରାଜନୈତିକ ଅର୍ଥନୀତି ଏବଂ ଫ୍ରେଞ୍ଚ୍ ସମାଜବାଦ ତଥା ଫ୍ରେଞ୍ଚ ବିପ୍ଳବର ଯୁଗାନ୍ତକାରୀ ଆହ୍ୱାନ । ମାର୍କସ୍ ଏହି ଅବସରରେ ଏକ ପୃଥିବୀ ବ୍ୟାପୀ ସଚେତନତା ସୃଷ୍ଟି କରିଥିଲେ ।" (ସୀମାବଦ୍ଧତା ଓ ମୁକ୍ତିର ସ୍ୱପ୍ନ, ପୃ-୭୪) । ମାର୍କସ୍‌ଙ୍କ ତତ୍ତ୍ୱ ବା ସିଦ୍ଧାନ୍ତ, ଦର୍ଶନ, ଅର୍ଥନୀତି ଓ ସମାଜ ବିଜ୍ଞାନ ଉପରେ ଛିଡ଼ା ହୋଇଥାଏ । ଯେଉଁଥିରେ ଦର୍ଶନ, ରାଜନୀତି ଏବଂ ଆର୍ଥନୀତିକ ସମନ୍ୱୟତା ପ୍ରକାଶ ପାଏ । "ମାର୍କସ୍‌ବାଦ ଏକ ବସ୍ତୁବାଦୀ ଦର୍ଶନ । ଏହାର ବ୍ୟାଖ୍ୟାନୁଯାୟୀ ସାହିତ୍ୟ ଓ କଳା ମନୁଷ୍ୟ ଜୀବନର ଭୌତିକ ବିକାଶ ସହ ସଂପର୍କ ରକ୍ଷା କରିଥାଏ । ପୁନଶ୍ଚ ମନୁଷ୍ୟର ଏହି ଭୌତିକ ବିକାଶ ସମାଜର ଉତ୍ପାଦନ ପଦ୍ଧତି ଦ୍ୱାରା ନିୟନ୍ତ୍ରିତ । ପ୍ଲେଖାନୋଭ କହନ୍ତି - କଳା ମନୁଷ୍ୟ ଜାତିର ମନସ୍ତତ୍ତ୍ୱ ମଧ୍ୟରୁ ଉତ୍ପତ୍ତି ଲଭିଥାଏ । ଏହି ମନସ୍ତତ୍ତ୍ୱ ତା'ର ସ୍ଥିତି ମଧ୍ୟରୁ ନିଷ୍ପନ୍ନ ଏବଂ ଏହି ସ୍ଥିତି ତା'ର ଉତ୍ପାଦନ ଶକ୍ତି ଓ ଉତ୍ପାଦନ ସମ୍ବନ୍ଧ ଦ୍ୱାରା ନିଶ୍ଚିତ ହୋଇଥାଏ ।" (ଓ.ସା.ପ୍ର.ଧା, ପୃ- "୫୯)

ସେହିପରି ଓଡ଼ିଆ ସାହିତ୍ୟର ସମାଲୋଚକ ପ୍ରଫେସର ବୈଷ୍ଣବଚରଣ ସାମଲ ପ୍ରଗତୀବାଦୀ ସାହିତ୍ୟ ସଂପର୍କରେ ମତ ରଖନ୍ତି, "ଯେଉଁ ସାହିତ୍ୟ ମଣିଷକୁ ଶୁଣାଏ ଧୂଳିଧୂସରୀତ ଧରଣୀର ମହତ୍ତ୍ୱ, ମାଟିର ମଣିଷକୁ ଯାହା ସଂଗ୍ରାମଶୀଳ କରାଇ ଛିଡ଼ା କରାଏ, ଯାହା ପ୍ରେରଣା ଦିଏ ସୃଷ୍ଟିମୟ ପରାଙ୍ଗପୁଷ୍ଟ ବୁର୍ଜୁୟା ଗୋଷ୍ଠୀର ଦାନବିକ ପ୍ରବୃତ୍ତିକୁ ଧ୍ୱଂସ କରିବା ପାଇଁ, ଯାହା ଇଙ୍ଗିତ ଦିଏ ପର୍ଶୁରାମ ଭଳି ଅପମାନର ପ୍ରତିଶୋଧ ନେବାକୁ, କେବଳ ଇଭୋଲ୍ୟୁସନ୍ ନୁହେଁ, ରକ୍ତ ରଞ୍ଜିତ ସେହି ରିଭୋଲ୍ୟୁସନ୍ ମଧ୍ୟ ଦେଇ ଯାହା ଜୀବନର ତୂର୍ଯ୍ୟନାଦ କରେ- ତାହା ହିଁ ପ୍ରଗତି ସାହିତ୍ୟ । ପ୍ରଗତିବାଦୀ ଶିଳ୍ପୀର ସତ୍ୟ ସନ୍ଧିତ୍ସୁ ଦୃଷ୍ଟି ସମାୟିକ ଗ୍ଲାନି, ବ୍ୟଥା, ବେଦନା ଓ ଯନ୍ତ୍ରଣାର କରୁଣ ରାଗିଣୀ ଶୁଣାଇବା ପରିବର୍ତ୍ତେ ଶୁଣାଏ ଯନ୍ତ୍ରଣାର ବିନାସ ପାଇଁ ପ୍ରଳୟର ଧ୍ୱନି, ଧ୍ୱଂସର ଦୁନ୍ଦୁଭି । ସେ ସ୍ୱାଗତ ଜଣାଏ ମହାକାଳର ତାଣ୍ଡବ ନୃତ୍ୟକୁ ।"

(ଓଡ଼ିଆ ଗଳ୍ପର ଉନ୍ମେଷ ଓ ଉତ୍ତରଣ, ପୃ- ୬୦)

ଓଡ଼ିଆ ସାହିତ୍ୟରେ ଏହି ତାଣ୍ଡବ ନୃତ୍ୟ ଭଗବତୀ ଚରଣ ପାଣିଗ୍ରାହୀଙ୍କ ପାଖରୁ ଦେଖା ଦେଇ ତନ୍ମଧରେ ସଚ୍ଚିଦାନନ୍ଦ ରାଉତରାୟ, ଅନନ୍ତ ପଟ୍ଟନାୟକ, ସୁରେନ୍ଦ୍ର ମହାନ୍ତି, ଶାନ୍ତନୁ କୁମାର ଆଚାର୍ଯ୍ୟ, ପୂର୍ଣ୍ଣାନନ୍ଦ ଦାନୀ, ସଦାଶିବ ଦାଶ, ପ୍ରସନ୍ନ କୁମାର ପାଟ୍ଟଶାଣୀ, ଜଗଦିଶ ମହାନ୍ତି ତଥା ଗାଳ୍ପିକ ରଜନୀକାନ୍ତ ମହାନ୍ତିଙ୍କ ପର୍ଯ୍ୟନ୍ତ ସମୟ କାଳକୁ ଦେଖିଲେ ଚାରି ପାଞ୍ଚ ଦଶନ୍ଧି ମଧରେ ହୋଇଛି ବହୁ ପରିବର୍ତ୍ତନ । ଜଣ ଶାସନରୁ ଆସି ପହଞ୍ଚିଛି ଗଣ ଶାସନରେ । ଏକଛତ୍ରବାଦ ଶାସନ ନାହିଁ ସତ କିନ୍ତୁ ଗଣତନ୍ତ୍ର ଶାସନରେ ପୁଞ୍ଜିପତିର ରହିଛି ଶୋଷଣର ଅହମିକା । ସେଥିପାଇଁ କଥାକାର ରଜନୀକାନ୍ତ ମହାନ୍ତି ସରକାରୀ କଳରେ କାର୍ଯ୍ୟରତ ଧନୀ ବା ପୁଞ୍ଜିପତି ଶ୍ରେଣୀର ବ୍ୟକ୍ତିଙ୍କୁ ପ୍ରତୀକିତ କରି ରାହାଜଗାଳୀ ଗଳ୍ପରେ କହନ୍ତି ; "ତମେ ପ୍ରାଚୁର୍ଯ୍ୟ ଭିତରେ ଜଡ଼ସଡ଼ ଏବଂ ମାନବିକତା ଓ କର୍ତ୍ତବ୍ୟ ଭଳି ମହାନ ବସ୍ତୁକୁ ତମେ ଗ୍ରହଣ କରିଛ ଅତି ଶସ୍ତା ଚଉତରାରେ । ସେହି ଆଳରେ ତମେ ଫୋପାଡ଼ି ଦିଅ ରୁଟିର ଟୁକୁଡ଼ା ଖଣ୍ଡେ ଆମ ଆଡ଼କୁ ଖୁବ୍ ସଚେତନ ଭାବରେ । କାରଣ ତମେ ବୁଝିଯାଇଛ, ଏମିତି ଟୁକୁଡ଼ା ଖଣ୍ଡେ ଫିଙ୍ଗିଦେଇ ଆମମାନଙ୍କୁ ଅଟକେଇ ହୁଏ । ନହେଲେ, ଆମେ ତୁମ ପ୍ରାଚୁର୍ଯ୍ୟର ଭାଣ୍ଡକୁ ଭାଙ୍ଗିଦେବାକୁ ତିଆର ହୋଇଯିବୁ ଯେ ! ଏ ସଂପର୍କରେ ତମେବି ସଚେତନ । ଯେଉଁ ଟୁକୁଡ଼ା ଖଣ୍ଡକ ଆମ ଆଡ଼କୁ ଫିଙ୍ଗିଦିଅ ସେଥି ପ୍ରତି ବି ତୁମର ନଥାଏ ଆନ୍ତରିକତା, ଥାଏ କୌଶଳ ଚାଲାକି ! ଆମେବି ଭୋକିଲା, ସେ ଟୁକୁଡ଼ାଟିକୁ ପାଇ ବାଛବିଚାର ନ ବୁଝି ଗିଳିପକାଉ । ଜଳନ୍ତା ଖାଦ୍ୟନଳୀକୁ ଶାନ୍ତ କରିବା ଉଦ୍ଦେଶ୍ୟରେ । ସେହି ଟୁକୁଡ଼ାଟି ତୁମ ପାଖରୁ ପାଉଚେ ବୋଲି ଆମ ମନର ଭାଷା ମୁହଁର କଥା ରୂପରେ ପଦାକୁ ବାହାରି ଆସିବାରୁ ବେଳେବେଳେ ତଣ୍ଟି ଲାଗି ଯାଉଛି । ଦାସ ମାନଙ୍କର ମୁହଁରେ କଥା କାହିଁ, ଯାହା ଅଛି ତୁମ କଥା ଉପରେ ମୁଣ୍ଡ ଟୁଙ୍ଗାରିବା, ତାଳିମାରିବା ! ଦାସତ୍ୱର ଭାଷା ଦୁର୍ବଳ ! ମନର ଭାଷା, ମୁହଁ କଥା ଯେ ଯାବତ୍ ଗୋଟିଏ ହୋଇନାହିଁ, ସ୍ୱାଧୀନତା ସେଠି ଚାରଟି ଅକ୍ଷର ମାତ୍ର । ଶବ୍ଦ ନୁହେଁ । ତମେବି ତ ଚାହଁ ଆମେ ପେଟପୁରା ନ ଖାଉଁ, କି ପୁରା ଉପାସ ନ ରହୁ, ଅଳ୍ପ ଖାଉଁ କାରଣ ପୁରାପୁରି ଖାଇବାଟା ଆମ ଲାଗି ଚିରନ୍ତନ ସ୍ୱପ୍ନ ହୋଇ ରହିବ, ଯାହାକୁ ଆମେ ପ୍ରତି ମୁହୂର୍ତ୍ତରେ ପ୍ରତିକ୍ଷା କରି ରହୁଛୁ, ମଲା ଯାଏଁ । ଆମେ ପୁରା ନ ବଞ୍ଚୁ, କିନ୍ତୁ ପୁରା ନ ମରୁ, ଶୁକୁଶୁକୁ ହେଇ ଦରମରା ହୋଇ ବଞ୍ଚୁ ! ନହେଲେ ତୁମର ରାଜୁଡି କାହିଁ ? ଆମକୁ ଅଡ଼େଇବାର ଲୌଲୁପ ତେରଛା ଚାହାଣି କାହିଁ ?" (ମାଟିଆ ପୁଅ, ପୃ-୬୯) ରାହାଜଗାଳୀ ଗଳ୍ପର ସାଧାରଣ ଖଟିଖିଆ ଦୀନ ମଜୁରୀଆ ଶୋଷିତ ଗୟା ଚରିତ୍ର ମନରେ ପୁଞ୍ଜିପତିମାନଙ୍କର ପ୍ରତି ଆକ୍ଷେପୋକ୍ତିଟି କଥାକାର ରଜନୀକାନ୍ତ ମହାନ୍ତିଙ୍କର ସାମ୍ୟବାଦୀ ଚିନ୍ତାଧାରାକୁ ବାରି ହୋଇଯାଏ । ସ୍ୱାଧୀନତାର ତିରିଶ ଚାଳିଶ ବର୍ଷପରେ ମଧ ସାମନ୍ତପ୍ରଥା ଭିନ୍ନ ରୂପରେ ଶୋଷଣକୁ ଇଙ୍ଗିତ କରୁଛି ଉପସ୍ଥାପିତ ଉକ୍ତିରେ ।

ସଂପ୍ରତି ଶୋଷଣ କରିବାର ପଦ୍ଧତିରେ ଆସିଛି ଭିନ୍ନତା । ଅଧୁନା ମଣିଷ ଜ୍ଞାତ କେଉଁ କାର୍ଯ୍ୟ ଠିକ୍ କେଉଁ କାର୍ଯ୍ୟ ଭୁଲ, କିନ୍ତୁ ପୁଞ୍ଜିପତି ସାଧାରଣ ମଣିଷ ପାଇଁ ଏପରି ପରିସ୍ଥିତି ତିଆରି କରୁଛି ସେଥିରୁ ମୁକ୍ତ ହେବା କାଠିକର ପାଠ । ମନୋରଞ୍ଜନ, ଖାଦ୍ୟ, ପ୍ରସାଧନ ସାମଗ୍ରୀ ଆଦିର ପ୍ରଲୋଭନ ସହ ନାନା ବସ୍ତୁର କ୍ରୟ ନିମନ୍ତେ ଆକର୍ଷଣୀୟ ବିଜ୍ଞାପନ କରି ମଣିଷର ବ୍ୟକ୍ତି ସତ୍ତାକୁ ହାତ ମୁଠାରେ ରଖୁଛନ୍ତି ପୁଞ୍ଜିପତିମାନେ । ପୂର୍ବେ ଆର୍ଥନୀତିକ, ସାମାଜିକ ଓ ରାଜନୀତିକ ସ୍ତରରେ ଶ୍ରେଣୀ ପାର୍ଥକ୍ୟ ଦେଖାଦେଲା ଭଳି ଅଧୁନା ଏ ତିନିସ୍ତର ବ୍ୟତିତ ବୌଦ୍ଧିକ ଶ୍ରେଣୀ ପାର୍ଥକ୍ୟ ଏବଂ ସବୁସ୍ତରରେ ଜୀବୀ ପାର୍ଥକ୍ୟ ଅର୍ଥାତ୍ ସମସ୍ତ କର୍ମଜୀବୀ ବ୍ୟକ୍ତିସତ୍ତାର ପାର୍ଥକ୍ୟ ଭଳି ବ୍ୟାପକ ଶ୍ରେଣୀ ସଂଘର୍ଷ ମୁଣ୍ଡ ଟେକିଛି । ଏଭଳି ସ୍ତରର ସଂଘର୍ଷକୁ ସାହିତ୍ୟରେ ପ୍ରକାଶ କରିବା, ନ୍ୟାର୍ଯ୍ୟ ସାବ୍ୟସ୍ତ କରିବା ଆଦିକୁ ନୂତନ ସାମ୍ୟବାଦ (Neo Communism) କୁହାଯାଇପାରେ । କଥାକାର ରଜନୀକାନ୍ତ ମହାନ୍ତିଙ୍କର 'ନିଶୀଥ ସଂଗମ', 'ଶତାଂଡ଼ି ପୁରୁଷ', 'ଫକୀର ମୋହନୀୟ', 'ଅନ୍ଧାରକୁ ପାଦେ', 'ହଡ଼ିକାଠ', 'ନାରାଚ ଉବାଚ', 'ରାହାଜଗାଳୀ', 'ସୂର୍ଯ୍ୟରଂଗ', 'ବିପ୍ଳବ', 'ଗଣନାୟକ', 'ମହାସ୍ନାନ' ଆଦି ଗଳ୍ପରେ ଶୁଣାଯାଏ ସାମ୍ୟବାଦର ଦୁନ୍ଦୁଭି । ଏ ସମସ୍ତ ଗଳ୍ପରେ ପୁଞ୍ଜିପତି ସମାଜର ନିକ୍ଷେପିତ, ଶୋଷିତ, ଦଳିତ ଓ ନିଃସ୍ୱ ଶ୍ରମଜୀବୀମାନଙ୍କର ଦୁଃଖକୁ କେବଳ ଗାଳ୍ପିକ ଦେଖାଇ ନାହାନ୍ତି ସେହି ଚରିତ୍ରମାନଙ୍କ ଦ୍ୱାରା ସ୍ୱରଉତ୍ତୋଳନ ମଧ କରିଛନ୍ତି ପୁଞ୍ଜିପତି, ସାମନ୍ତଗୋଷ୍ଠୀ ତଥା ସାମ୍ରାଜ୍ୟବାଦ ବିରୋଧରେ ।

ନଭେମ୍ବର ୧୯୭୯ ମସିହାର 'ସୌରଭ' ପତ୍ରିକାରେ ଶ୍ରୀ ମହାନ୍ତିଙ୍କ 'ନିଶିଥ ସଂଗମ' ଗଳ୍ପଟି ପ୍ରକାଶ ପାଏ । ସ୍ୱାଧୀନତାର ଠିକ୍ ତିନିଦଶନ୍ଧି ଅତିବାହିତ ହୋଇଥିଲେ ମଧ ବସ୍ତୁବାଦୀ ସମାଜର ଚିକ୍କାର ବାବୁଭାୟାମାନଙ୍କର ଶୋଷଣ, ଅତ୍ୟାଚାରର ଚିତ୍ର ବେଶ୍ ପ୍ରସ୍ଫୁଟିତ ହୁଏ ଏ ଗଳ୍ପରେ "ରାତି ଜାଣେ ଦିନର ଫଗୁଣଟା

କେତେ ଚଞ୍ଚଳ ଥିଲା, ଅଥଚ ମଣିଷମାନେ କେଡ଼େ ନିରୀହ ଭାବରେ ଆତ୍ମ ସମର୍ପଣ କରିଥିଲେ ନିଜର ଅସହାୟତା ଓ ଜଞ୍ଜାଳ ଭିତରେ ।" (ସତାଂଢ଼ି ପୁରୁଷ; ନିଶିଥ ସଂଗମ, ପୃ-୦୧) ଯେଉଁଠି ଅସୀମ ଆକାଶ ତଳେ  ବିସ୍ତିର୍ଣ୍ଣ ବସୁଧା ଉପରେ କୋକିଳର କୁହୁତାନକୁ ଆପଣେଇ ସାଧାରଣ ଜନତା ପ୍ରାପ୍ତ ସକାଳର ସୁନେଲି ସ୍ୱପ୍ନ ଦେଖେ ସ୍ୱାଧୀନତାର । ସେହି ସ୍ୱାଚ୍ଛନ୍ଦ୍ୟ ପରିଣତ ହୋଇଛି ଦୟା ଭାବରେ । ସାଂପ୍ରତିକ ସମୟରେ ସ୍ୱେଚ୍ଛାଚାରୀ ବା ବୁର୍ଜୁଆ ଗୋଷ୍ଠୀ ଭାବରେ ଅର୍ଥାନ୍ୱେଷୀ ଚିକିତ୍ସକ, ଦୁର୍ନୀତିଗ୍ରସ୍ତ ଆରକ୍ଷୀ ତଥା ଗଣତାନ୍ତ୍ରିକ ରାଷ୍ଟ୍ରରେ କଳୁଷିତ ରାଜନେତା ଏବଂ ରାଜନେତାମାନଙ୍କର ବୋଲହାକ କରୁଥିବା କୁଜୀନେତାଙ୍କୁ ଆଲୋଚ୍ୟ ଗଳ୍ପରେ କରାଯାଇଛି ଭର୍ତ୍ସନା । ତତ୍‌ସହିତ ଯେଉଁ ବ୍ୟକ୍ତି ଭାଷଣ ମାଧ୍ୟମରେ ବା ଶବ୍ଦ ମାଧ୍ୟମରେ ଲୋଭ ଦେଖାଇ ମୋହଗ୍ରସ୍ତ କରୁଛି ଜନସାଧାରଣଙ୍କୁ ସେହି ବ୍ୟକ୍ତିକୁ ଗାଳ୍ପିକ ଶ୍ରୀ ମହାନ୍ତି ହତ୍ୟା କରାଇଛନ୍ତି ଜଣେ ଶିକ୍ଷିତ ବ୍ୟକ୍ତି ରଣଜିତ ହାତରେ । ଏ ହତ୍ୟା ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ନୁହେଁ ସାମୂହିକ ସ୍ୱାର୍ଥ ନିମନ୍ତେ ହତ୍ୟା । ପୁଞ୍ଜିପତି ବୁର୍ଜୁଆ ଗୋଷ୍ଠୀ ସ୍ୱାର୍ଥର ହତ୍ୟା । ଟଙ୍କା ନେଇ ପୁଞ୍ଜିପତିଙ୍କ ଦ୍ୱାରା ନିୟନ୍ତ୍ରିତ ହୋଇ ଭାଷଣ ଦେବାକୁ ଆସୁଥିବା ସୁକୁମାର ଚୌଧୁରୀକୁ ହତ୍ୟା କରିଛି ଜଣେ ବୁଦ୍ଧିଜୀବୀ ଶ୍ରେଣୀୟ ବ୍ୟକ୍ତିତ୍ୱ ରଣଜିତ । ସ୍ୱାର୍ଥାନ୍ୱେଷୀ ବଡ଼ ବାବୁଭାୟାଙ୍କ ସୁକୁମାର ଜୀବନ ଶୈଳୀର ହତ୍ୟା କରିଛି । କଥାକାର ଶ୍ରୀ ମହାନ୍ତି ସୁକୁମାର ଚୌଧୁରୀକୁ ଧନୀକ ଶ୍ରେଣୀୟ ଏକ ବିଳାସୀ ବ୍ୟକ୍ତିତ୍ୱ ଭାବେ ପ୍ରତୀତିତ କରିଛନ୍ତି । ତେଣୁ ରଣଜିତ ମନୁଷ୍ୟର ଆନ୍ତରିକ ଆବେଗକୁ ହତ୍ୟା କରିନି କେବଳ ଶ୍ରେଣୀହୀନ, ଶୋଷିତ ବ୍ୟକ୍ତିତ୍ୱର ରକ୍ଷା କରିଛି । ଶ୍ରେଣୀହୀନ ସମାଜ ତିଆରି କରିବା ପାଇଁ ଚେଷ୍ଟା କରିଛି । ସେଥିପାଇଁ ଗାଳ୍ପିକ ରଣଜିତ ମୁଖରେ କହନ୍ତି, "ମୁଁ ଶବ୍ଦମାନଙ୍କୁ ହତ୍ୟା କରିଛି, ଯେଉଁ ଶବ୍ଦମାନେ ମୋତେ ହତ୍ୟା କରୁଥିଲେ, ମୋ ସହିତ ଅନ୍ୟମାନଙ୍କୁ ବି ହତ୍ୟା କରୁଥିଲେ । ମୁଁ ଆତ୍ମରକ୍ଷା କରିଛି କେବଳ । ମୁଣ୍ଡଟି ମଣିଷର ହେଉ କି ନ ହେଉ, ତାହା ଶବ୍ଦର ମୁଣ୍ଡ ନିଶ୍ଚିତ ।"(ଶତାଂଢ଼ି ପୁରୁଷ; ନିଶିଥ ସଂଗମ, ପୃ-୦୬)

ରଣଜିତ ଜଣେ ଶିକ୍ଷିତ ବ୍ୟକ୍ତି, ତା ପାଖରେ ଅଛି ବୁଦ୍ଧି ବିବେକ, ଅଛି ମଧ୍ୟ ସମ୍ବେଦନଶୀଳତା । ଆଲୋଚ୍ୟ ଗଳ୍ପର ଭାବବସ୍ତୁ ଓ କଥା ପ୍ରସଂଗକୁ ଲକ୍ଷ୍ୟକଲେ ଗାଳ୍ପିକ ଭଗବତୀ ଚରଣ ପାଣୀଗ୍ରାହୀଙ୍କ 'ଶିକାର' ଗଳ୍ପକୁ କରିହୁଏ ହୃଦୟଙ୍ଗମ । ଭଗବତୀ ଚରଣଙ୍କ 'ଘିନୁଆ' ଚରିତ୍ର ଏବଂ କଥାକାର ରଜନୀକାନ୍ତଙ୍କ 'ରଣଜିତ' ଚରିତ୍ର ଉଭୟଙ୍କ ପାଖରେ କିଛି ସାମଞ୍ଜସ୍ୟ ଦେଖାଯାଏ, କିନ୍ତୁ ଘିନୁଆ ଅଶିକ୍ଷିତ, ହୁଣ୍ଡା । ସେ ଜଣେ ଜଙ୍ଗଲି ମଣିଷ ହୋଇଥିଲା ବେଳେ ରଣଜିତ ଶିକ୍ଷିତ, ସହରର ଚାକଚକ୍ୟ ପରିବେଶକୁ ସେ ତନ୍ନତନ୍ନ କରି ପରଖିଛି । "ଘିନୁଆ ଚରିତ୍ର ଜମିଦାରର ଶୋଷଣ ବିରୁଦ୍ଧରେ ସ୍ୱରଉତ୍ତୋଳନ କରିବାକୁ ଯାଇ (ସେଟା ତା ପାଇଁ ଉପଲକ୍ଷ୍ୟ ମାତ୍ର) ଏକ ଭାବପ୍ରବଣତା (ବକ୍‌ସିସ୍ ପାଇଁ) ଓ କ୍ଷୋଭ ମିଶ୍ରଣରେ ହତ୍ୟାଟି କରୁଛ, ସେତେବେଳେ ରଣଜିତ ଚରିତ୍ରଟି ହତ୍ୟା କାଣ୍ଡ ଘଟଉଛି (ସୁକୁମାର ବାବୁଙ୍କର) ଖୁବ୍ 'ଆନ୍ତରିକ' ସଚେତନତା ସହିତ ଓ ଦାବୀ କରୁଛି- 'ଏଣୁ, ସୁକୁମାର ଚୌଧୁରୀଙ୍କ ହତ୍ୟା ପୃଥିବୀର ପ୍ରଥମ ହତ୍ୟା ରଣଜିତର ଫାଶି ପୃଥିବୀର...' ଏଇଠି ଗଳ୍ପଟି ଶେଷ ହୋଇଯାଇଛି ।"

(ଶତାଂଢ଼ି ପୁରୁଷାକାର, ପୃ-୬୯) ।

ଗାଳ୍ପିକ ସଚେତନ ଭାବରେ ରଣଜିତର ଫାଶିର ନିଷ୍ପତ୍ତିକୁ କାଠଗଡ଼ାରେ ରଖି, ପାଠକକୁ ବିଚାରକ ଆସନରେ ବସାଇ ତା'ର ସମାଧାନ ପାଇଁ ଛାଡ଼ି ଦେଇଛନ୍ତି । କାରଣ ସେ ହୃଦୟଙ୍ଗମ କରିଛନ୍ତି ସାଧାରଣ ଲୋକଙ୍କ ମଣିଷପଣିଆକୁ । ସଚରାଚର ଜଗତରେ ସବୁ ମଣିଷ ପାଖରେ ସହାନୁଭୂତି କାଣିଚାଏ ଥାଏ, ତାହା ସମୟ ସ୍ରୋତରେ ଲୀନ ହୋଇଯାଏ । ଯେଉଁଠି ଆନ୍ତରିକତା ବିଲୁପ୍ତ ହୁଏ ସେଠି ହିଂସାର ବୀଜ ରୋପଣ ହୁଏ । ସେହି ବୀଜ ଅଙ୍କୁରୋଦ୍‌ଗମ ହୋଇ ଆବଦ୍ଧ କରେ ମଣିଷର ଅନ୍ତଃନିହିତ ଆବେଗକୁ । ସେଥିପାଇଁ ଗାଳ୍ପିକ ଶ୍ରୀ ମହାନ୍ତି କହନ୍ତି, "ଯେଉଁ ହସରେ ଆନ୍ତରିକତା ନାହିଁ ସେ ହସ ହସ ନୁହେଁ । ଯେଉଁ କାନ୍ଦରେ ଆନ୍ତରିକତା ନାହିଁ ସେ କାନ୍ଦ କାନ୍ଦ ନୁହେଁ । ଯେଉଁ କର୍ତ୍ତବ୍ୟରେ ଆନ୍ତରିକତା ନାହିଁ ସେ କର୍ତ୍ତବ୍ୟ, କର୍ତ୍ତବ୍ୟ ନୁହେଁ । ଯେଉଁ ତ୍ୟାଗରେ ଆନ୍ତରିକତା ନାହିଁ ସେ ତ୍ୟାଗ, ତ୍ୟାଗ ନୁହେଁ । ଏପରିକି ଆମର ଅର୍ଥ ପ୍ରତି ଆନ୍ତରିକତା ନାହିଁ ତେଣୁ ଆନ୍ତରିକତାହୀନ ଉପାୟରେ ତାକୁ ଅର୍ଜନ କରୁଛି ଓ ଆନ୍ତିରିକତାହୀନ ଭାବରେ ତାକୁ ଖର୍ଚ୍ଚ କରୁଛି । ଏହି ଆନ୍ତରିକତାହୀନକୁ ଘୋଡ଼େଇ ରଖୁଛି ଶବ୍ଦ । ଶବ୍ଦ ଆଜି ଏକ ମୁଖା ।" (ଶତାଂଢ଼ି ପୁରୁଷ; ନିଶିଥ ସଂଗମ, ପୃ-୦୭)

ଏହି ଶବ୍ଦରୂପୀ ମୁଖାକୁ ହତ୍ୟା କରିଛି ରଣଜିତ । ସେ ଅନୁଭବ କରିଛି ମଣିଷର ବ୍ୟଭିଚାରକୁ । ସେଥିପାଇଁ ବୁର୍ଜୁଆ ଗୋଷ୍ଠୀର ପ୍ରତିନିଧି ସୁକୁମାର ଚୌଧୁରୀକୁ ହତ୍ୟା କଲାପରେ କହୁଛି; "ଦୁର୍ବୁଦ୍ଧି ମୋର ନୁହେଁ ଦୁର୍ବୁଦ୍ଧି ତୁମର, ତୁମ ସମସ୍ତଙ୍କର । କାରଣ ଏପର୍ଯ୍ୟନ୍ତ

ତୁମେମାନେ ନିଶ୍ଚିତ ନୁହେଁ ମଣିଷ କିଏ, ଅମଣିଷ କିଏ? ମଣିଷପଣିଆ ଅମଣିଷପଣିଆ ଭିତରେ ତଫାତ୍‌କୁ ତୁମେମାନେ ଏପର୍ଯ୍ୟନ୍ତ ବାରିପାରି. ମଣିଷମାନଙ୍କ ଭିତରେ ବାସ କରୁଥିବା ଦୁଇ ଗୋଡ଼, ଦୁଇ ହାତ, ଦୁଇ ଆଖି ବିଶିଷ୍ଟ ମଣିଷରୂପୀ ଜୀବମାନଙ୍କୁ ତୁମେ ମଣିଷ ବୋଲି କୁହ। ତୁମେମାନେ ସବୁବେଳ ପାଇଁ ଏକ ଅନିଶ୍ଚିତ ଚରିତ୍ର କେତେ ଗୁଡ଼ିଏ ଚିରାଚରିତ ଶବ୍ଦର ଦାସ ପାଲଟି ତୁମେମାନେ ଏପାଖ ସେପାଖ ଚଲାବୁଲା କର।"

(ଶତାଂଢ଼ି ପୁରୁଷ; ନିଶିଥ ସଂଗମ, ପୃ-୦୫)

ଏହା ସାଧାରଣ ଶୋଷିତ ବ୍ୟକ୍ତିତ୍ୱ ପାଇଁ ସ୍ୱର ଉତ୍ତୋଳନ କରିବା ନିମନ୍ତେ ବାଣୀ। ଅସହାୟତା ଓ ଜଞ୍ଜାଳ ମଧରେ ବଞ୍ଚୁଥିବା ମଣିଷମାନଙ୍କ ପାଇଁ ଆହ୍ୱାନ। ସାମନ୍ତବାଦୀ ଶୋଷଣକାରୀ ଗୋଷ୍ଠୀର ମୂଳପୋଛ କରିବାର ଅସ୍ତ୍ର।

ସେହିଭଳି ସାମ୍ୟବାଦର କଥା କହେ 'ଶତାଂଢ଼ି ପୁରୁଷ' ଗଳ୍ପ। ପୁଞ୍ଜିବାଦୀ ସମାଜର ଦୋଦୁଲ୍ୟମାନ ଅର୍ଥନୀତି ଓ ପ୍ରଗତିବାଦର ଉତ୍କଟ ଫାଙ୍କା ଆୱାଜ୍ ନେଇ ଭାରତୀୟ ଗଣତାନ୍ତ୍ରିକ ରାଷ୍ଟ୍ରର ସାଧାରଣ ନିମ୍ନମଧ୍ୟବିତ୍ତ ତଥା ନିଷ୍ପେଷିତ ନିସ୍ୱଶ୍ରମଜୀବୀର ବେଦନାକ୍ତ ଅଭିବ୍ୟକ୍ତିକୁ ଦେଖାଇ ଦିଆହୋଇଛି। ଏଠି ମଣିଷ ମୂଲିଆ ପୁଅ ହୋଇ ରହି ନାହିଁ, ହୋଇଛି ସାମନ୍ତଗୋଷ୍ଠୀ ପାଇଁ କିଣା ଚାକର। ସେଥିପାଇଁ ଧନବାନ ଆହୁରି ସଂବଳପୂର୍ଣ୍ଣ ହେଉଛି, ସଂବଳ ହୀନ ଆହୁରି ନିଃସହାୟ ହୋଇଯାଉଛି। ପରିବାର ଚଳାଇବା ପାଇଁ ଶୋଷିତ ଶୋଷକର ଦ୍ୱାରସ୍ଥ ହେଉଛି। ସ୍ୱାଧୀନତା ନାହିଁ। ପୁଞ୍ଜିପତି ମାନଙ୍କର ସ୍ୱାର୍ଥରେ ବଳି ପଡୁଛି ଶତାଂଢ଼ି ପୁରୁଷର ନାୟକ ମୂଲିଆ ଭଳି ମଣିଷମାନେ। ଶୋଷିତ ଆଜି ସଚେତନ ନିଜର ଅଧିକାର ନେଇ, କିନ୍ତୁ ସେ ଅଧିକାରକୁ ହାତେଇ ନେଉଛନ୍ତି ଧନୀକ ବର୍ଗର ବ୍ୟକ୍ତିମାନେ। କଥାକାର ଶ୍ରୀ ମହାନ୍ତି ଆଲୋଚ୍ୟ ଗଳ୍ପରେ ସାମ୍ୟବାଦର ଧ୍ୱଜା ଉଡ଼ାଇ ମୂଳିଆ ଚରିତ୍ର ଦ୍ୱାରା କୁହନ୍ତି; "ମୋ ଚାରିପାଖେ ଯନ୍ତ୍ରଣାର ସହସ୍ର ବାହୁ ଏବଂ ମୁଁ ନିସ୍ତେଜ ପୁରୁଷ ସେଗୁଡ଼ିକର ଦଗ୍ଧିଭୂତ ଶିକାର। ଗଣତନ୍ତ୍ର ରାଷ୍ଟ୍ରର ତଥାକଥିତ ବ୍ୟକ୍ତି ଚେତନା ଅଧିକ ଆରୋହ ଏହି କ୍ଷୁଧାର ନିଷ୍ପେଷଣରେ କେମିତି ଅଙ୍ଗୀଭୂତ, ମୁଁ ବୁଝିପାରୁନି। ମୋ ଚାରିପାଖେ ଅହରହ ତତ୍ପରଶୀଳ ବ୍ୟଥା ନିଜର ଜାଲ ବିଛେଇବାରେ ବ୍ୟସ୍ତ। ମୋତେ ନଷ୍ଟ କରିବାରେ ଉଦ୍‌ବେଗଶୀଳ। ମୋତେ ନେଇ ସମସ୍ତଙ୍କର କାଣ୍ଡ ଓ କାରସାଦି। ସମସ୍ତଙ୍କର ଖୁଣ୍ଟ ଛିଡ଼ା ହୋଇଛି ମୋରି ଉପରେ। ମୁଁ ଦେଖି ଆସିଛି ଗୋଟିଏ ଘର ଭାଙ୍ଗି ଆଉ ଗୋଟିଏ ଘର ଗଢ଼ା ହେଉଛି। ଗୋଟିଏ ଛପରକୁ ନଡ଼ା କାଢ଼ି ନିଆ ଯାଇ ଆଉ ଗୋଟିଏ ଛପର ପଡୁଛି। ବିକାଶ କାଇଁ, ବିକାଶ? ଯାହାକୁ ଉନ୍ନତି ବୋଲି କୁହାଯାଉଛି ତାହା ହେଉଛି ସ୍ଥାନାନ୍ତରୀକରଣ। ଏହି ସ୍ଥାନାନ୍ତରୀକରଣ ପ୍ରକ୍ରିୟାରେ ମୁଁ ନଷ୍ଟ ହେଉଛି। ମୁଁ ଅହରହ ଛୁଞ୍ଚିବନ୍ଧ। ଏହି ସ୍ଥାନାନ୍ତରୀକରଣର ପ୍ରଭାବ ମୋତେ କରିଛି ନିଷ୍ପ୍ରଭ, ନିଷ୍ପନ୍ଦ।" (ଶତାଂଢ଼ି ପୁରୁଷ, ପୃ-୩୮) କାରଣ ଶୋଷିତ ଉପରେ ଶୋଷକର ବ୍ୟଭିଚାରପଣ ଯୋଗୁଁ ନିଃସ୍ୱଶ୍ରମଜୀବୀ ସେମିତି କ୍ରୀତଦାସ ହୋଇରହୁଛି। କେବଳ ଦଳିତ, ପତିତ ବ୍ୟକ୍ତିମାନେ ଅନୁତପ୍ତ ଶ୍ରମଜୀବୀ କ୍ରୀତଦାସ ବା କିଣାଚାକର ହେଇ ରହିଯାଇଛି କିନ୍ତୁ ଆଲୋଚ୍ୟ ଗଳ୍ପର ପରିଣତି ପର୍ଯ୍ୟନ୍ତ କଥାକାର ଶ୍ରୀ ମହାନ୍ତି ଶୋଷିତର କରୁଣ କାହାଣୀ ସଙ୍ଗେ ମାର୍କସୀୟ ଚିନ୍ତାଧାରାକୁ କରିଛନ୍ତି ପ୍ରୟୋଗ। ଆଲୋଚିତ 'ଶତାଂଢ଼ି ପୁରୁଷ' ଗଳ୍ପ ସଂପର୍କରେ ଆଲୋଚକ ସୁନୀଲ କୁମାର ପୃଷ୍ଟି କହନ୍ତି; "ଚରିତ୍ର ମୁଁ (ମୂଲିଆ) ଟି ଗାଉଁଲି ହୋଇଥିଲେ ବି ତା'ର ମାନସିକ କ୍ରିୟା ଓ ପ୍ରତିକ୍ରିୟା ଜଣେ ବୌଦ୍ଧିକ ମାନସିକତା ପରି। 'ମୁଁ' ମଧ୍ୟରେ ଲେଖକ ନିଜସ୍ୱ ଚିନ୍ତାକୁ ପ୍ରୟୋଗ କରିଛନ୍ତି, ଯାହା ଜଣେ ମୂଲିଆ ଓ ସହରୀ ବୁଦ୍ଧିଜୀବୀର ମିଶ୍ରଣ ପରିଲାଗେ ଓ ଏକ 'Communication gap' ସୃଷ୍ଟି କରେ। xxx ଏଗଳ୍ପର ମୌଳିକତା, ଗାଳ୍ପିକଙ୍କ ଦୃଷ୍ଟିଭଙ୍ଗୀର ତୀକ୍ଷ୍ଣ (Sharp) ଗାଉଁଲି ସଂସ୍କରଣ (Reformation)। ଗାଳ୍ପିକଙ୍କର ମାର୍କସୀୟ ଚିନ୍ତାଧାରା ଉପସ୍ଥାପନା ପାଇଁ ଏ ଗଳ୍ପର ସୃଷ୍ଟି।"

(ଶତାଂଢ଼ି ପୁରୁଷାକାର, ପୃ-୭୩)

'ଶତାଂଢ଼ି ପୁରୁଷ' ଗଳ୍ପରେ ନାୟକ ମୁଲିଆ ଭଳି 'ଫକୀର ମୋହନୀୟ' ଗଳ୍ପର ନାୟକ। ବିଧବା ଶରଦୀର ମାନସିକ ସ୍ତରରେ ରହିଛି ଅନେକ ସାମଞ୍ଜସ୍ୟ। ଉଭୟ ଗଳ୍ପର ସଂଘର୍ଷ, କେବଳ ବଞ୍ଚିବା ପାଇଁ, ପେଟକୁ ଖାଦ୍ୟ ପାଇଁ କିନ୍ତୁ 'ଶତାଂଢ଼ି ପୁରୁଷ'ରେ ସାମ୍ୟବାଦୀ ଚିନ୍ତାଧାରାର ଉତ୍ତରଣ ଭଳି 'ଫକୀର ମୋହନୀୟ' ଗଳ୍ପରେ ହୋଇନାହିଁ, ଏହା ସତ୍ୟ କିନ୍ତୁ ଅସ୍ପଷ୍ଟ ସାମ୍ୟବାଦର ସ୍ୱର ପାଠକର ମାନସକୁ କରିବ ଆନ୍ଦୋଳିତ। ସ୍ୱାମୀର ମୃତ୍ୟୁ ପରେ ତିନି ପିଲାଙ୍କ ପେଟକୁ ମୁଠେ ଦାନା ଦେବା ପାଇଁ ରେଳ ଯୋଗେ ଭଦ୍ରକରୁ ଯାଇ ଯାଜପୁରରେ ଶରଦୀ କରିଛି ଚାଉଳ ବେପାର। କସ୍ତୁରୀସମ ତା'ର ସମୃଦ୍ଧ ଯୌବନକୁ ଉପଭୋଗ କରିବା ନିମନ୍ତେ

ଯୌନାକାଂକ୍ଷୀ ପୁରୁଷ ସାହୁକାର ବନମାଳୀ ଠାରୁ ଦାରୋଗା ବଡ଼ବାବୁ ପର୍ଯ୍ୟନ୍ତ ସମସ୍ତେ ଆଖେଇଛନ୍ତି । ଏଥିପାଇଁ ଶରଦୀ ହୃଦୟରେ ଏକ ଅସହ୍ୟ ଅସ୍ୱସ୍ତି ସୃଷ୍ଟି ହୋଇଥିଲେ ମଧ୍ୟ ନିଜ ପିଲାଙ୍କ ପାଇଁ ସେ ରହିଛି ସ୍ଥିର । କିନ୍ତୁ କୌଶଳ କ୍ରମେ ଦାରୋଗା ବଡ଼ବାବୁ ଯେତେବେଳେ ତା'ର ପରିପୂର୍ଣ୍ଣ ଯୌବନର ବପୁଃକୁ ଆଲିଙ୍ଗନ କରି ଗ୍ରୀବାର ସେହି ଚିକ୍‌ଣ ଧବଳ ଚର୍ମକୁ ଜିହ୍ୱାର ଅଗ୍ର ସ୍ପର୍ଶ କରିଛି ସେତେବେଳେ ପ୍ରତିଶୋଧର ଶୀହରଣ ଖେଳିଯାଇଛି ଶରଦୀ ଦେହରେ । ସେ ସାଜିଛି କାତ୍ୟାୟନୀ । ଶରଦୀ କେବଳ ଅନୁଭବୀ ନୁହେଁ ତା' ପରି ଅନେକ ନାରୀ ଏମିତି ପୁଞ୍ଜିପତିଙ୍କ ଦ୍ୱାରା ହେଉଛନ୍ତି ଶୋଷିତ । ତା'ର ଅବସାନ ନିଶ୍ଚିତ କରିବା ଦରକାର ସେଥିପାଇଁ ଟେବୁଲ ଉପରେ ଥିବା ରୋଲବାଡ଼ିରେ ଦାରୋଗା ବଡ଼ବାବୁର ମୁଣ୍ଡକୁ ପିଟି ପିଟି ଲହୁ ଲୁହାଣ କରିଛି । କେବଳ କହିଚାଲିଛି, "ମରେ ବରଂ ମରିବି, କିନ୍ତୁ ତୋତେ ଛାଡ଼ିବିନି । ମୁଁ ମରେ, ମୋ ଛୁଆପିଲା ମରନ୍ତୁ, ତୋତେ ଛାଡ଼ିବିନି । ତୋ ଲହୁ ପିଇବି, ତୋ କଲିଜା ଖାଇବି ।" (ଶତାଂଢ଼ି ପୁରୁଷ, ଫକୀର ମୋହନୀୟ, ପୃ-୮୪) । ଏଠି ସାମ୍ୟବାଦର ପରିପ୍ରେକ୍ଷୀରେ କଥାକାର ଯୌନ ଶୋଷଣକୁ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି । ଧନୀକ ବ୍ୟକ୍ତିମାନଙ୍କୁ ସଚେତନ କରିବା ସହିତ ଶୋଷିତମାନଙ୍କୁ ଶୁଣାଇଛନ୍ତି କ୍ରିୟାଶୀଳତାର ସଂଜିବନୀ ମନ୍ତ୍ର ।

ସାହିତ୍ୟ ସର୍ବଦା ସମାଜ ସାପେକ୍ଷ । ବିଚାରବନ୍ତ ଭାବରେ ସମାଜର ହିତ ସାଧନ କରେ । ସେହି ପରିପ୍ରେକ୍ଷୀରେ ମାର୍କ୍ସବାଦୀ ସାହିତ୍ୟ ଏକଧାରାରେ ଦର୍ଶନ, ଅର୍ଥନୀତି ଓ ସମାଜବିଜ୍ଞାନର ଦୃଢ଼ ପୃଷ୍ଠଭୂମି ଉପରେ ପ୍ରତିଫଳିତ ହୋଇ ଶୋଷଣ ମୁକ୍ତ ସମାଜ ଗଠନର ଲକ୍ଷ୍ୟ ରଖେ । "ମାର୍କସ୍‌ବାଦୀ ସାହିତ୍ୟରେ ଦୃଷ୍ଟିଭଙ୍ଗୀରେ ସାହିତ୍ୟ ସମାଜର ହିତ ପାଇଁ ଉଦ୍ଦିଷ୍ଟ । ମାର୍କସ୍‌ବାଦୀ ସାହିତ୍ୟିକ ଯଥାର୍ଥବାଦୀ ଭୌତିକ ଚିନ୍ତନରେ ଆସ୍ଥା ପୋଷଣ କରେ । ସାହିତ୍ୟ ବିଚାରରେ ଏହି ଦୃଷ୍ଟିଭଙ୍ଗୀ ପୋଷଣ କରି ସେ ସାହିତ୍ୟକୁ ସମାଜ ଚେତନାର ଏକ ଅଙ୍ଗ ଭାବରେ ବିଚାର କରେ ଏବଂ ମନୁଷ୍ୟର ମାନସିକ ସ୍ତରରେ ସାମାଜିକ ସତ୍ୟକୁ ପ୍ରତିଫଳନ କରେ । ତେଣୁ ମାର୍କସ୍‌ବାଦୀ ସାହିତ୍ୟରେ ଆମେ ଲକ୍ଷ୍ୟ କରିବା ଉପଯୋଗୀତାବାଦ । ମାର୍କସ୍‌ବାଦୀ କଳାକାର କେବଳ ମାତ୍ର ନିଷ୍ଠୁର ବାସ୍ତବତାର ଛବି ଆଙ୍କେ ନାହିଁ, ସେ ଶୋଷିତ ବର୍ଗର ପ୍ରତିନିଧି ହୋଇ ଶୋଷକ ବର୍ଗର ଅତ୍ୟାଚାରକୁ ତା' ଲେଖନୀ ମାଧ୍ୟମରେ ବିରୋଧ କରେ । ବର୍ଗ ସଂଘର୍ଷର ଚିତ୍ରକୁ ଉପସ୍ଥାପନ କରି ସର୍ବହରା ଗୋଷ୍ଠୀକୁ ସୁସ୍ଥ ଭାବେ ବଞ୍ଚିବା ପାଇଁ ସଂକେତ ପ୍ରଦାନ କରେ ।"

(ଓ.ସା.ପ୍ର.ଧା, ପୃ-୩୬)

ଏ ଦୃଷ୍ଟିରୁ ଗାଳ୍ପିକ ରଜନୀକାନ୍ତ ମହାନ୍ତି ମାର୍କସ୍‌ବାଦୀ ଚିନ୍ତାଧାରାର ଅନୁସରଣକାରୀ । ସର୍ବଦା ଶୋଷିତ, ନିଷ୍ପେଷିତ ଚରିତ୍ର ମଧ୍ୟରେ ଆତ୍ମକଥନ ଶୈଳୀରେ ସାମ୍ୟବାଦର ଧ୍ୱଜା ଉତ୍ତୋଳନ କରିଛନ୍ତି, ପ୍ରଭୁତ୍ୱର ପ୍ରତିବାଦ କରିଛନ୍ତି । ସଂଘର୍ଷ ମଧ୍ୟରେ ସର୍ବଦା ଚରିତ୍ରକୁ ଗତି କରାଇଲେ ମଧ୍ୟ ପରିଣତିରେ ପ୍ରତିବାଦ କରିଛନ୍ତି ପୁଞ୍ଜିପତି, ବୁର୍ଜୁଆ ଗୋଷ୍ଠୀଙ୍କ ବିରୋଧରେ । ଗଣତନ୍ତ୍ର ରାଷ୍ଟ୍ରରେ ସାମନ୍ତବାଦୀ ଶୋଷଣକୁ ନେଇ ବିଦ୍ରୋହ ନିଶାର ଅଭିମାନରେ ଫାଟି ପଡ଼ିଛନ୍ତି । ସେଥିପାଇଁ 'ଆସନ୍ତା କାଲି' ପତ୍ରିକାରେ ଏପ୍ରିଲ ୧୯୮୦ ମସିହା ସଂଖ୍ୟାରେ ପ୍ରକାଶ ପାଇଥିବା 'ହଡ଼ିକାଠ' ଗଳ୍ପରେ କହି ପକାଉଛନ୍ତି; "ମୋ ପାଇଁ ଗଣତାନ୍ତ୍ରିକ ସାମନ୍ତବାଦୀ ମନୋଭାବର ପ୍ରତିକ୍ରିୟା ଏବେବି ବଳବତ୍ତର । ଏବେବି ଅପ୍ରତିହତ । ଯାହାର ପରିଣାମରେ ସୃଷ୍ଟି ହେଉଛି ଗ୍ରେଡ୍ ଚେତନା ଓ ପରିଣତିରେ କ୍ଲାସ ଟ୍ରେଜେଡ଼ି ।" (ଶତାଂଢ଼ି, ହଡ଼ିକାଠ, ପୃ-୮୩) ଏହା ସତ୍ୟ, କାରଣ ଅଦ୍ୟାବଧି ବେତନଭୋଗୀ କର୍ମଚାରୀ ଓକିଲ, ଡାକ୍ତର, ଅଧ୍ୟାପକ, ରାଜନେତା ତଥା ବେପାରୀଙ୍କ ଭଳି ପୁଞ୍ଜିପତିଙ୍କ ଦ୍ୱାରା ସାମନ୍ତବାଦ ମାଡ଼ିଚାଲିଛି । ଏହି ଧନୀ ଶ୍ରେଣୀଙ୍କ ବ୍ୟକ୍ତି ଦ୍ୱାରା ନିସ୍ୱ ଶ୍ରମଜୀବୀ ଦାସ ସାଜୁଛି । 'ହଡ଼ିକାଠ' ଗଳ୍ପର ନାୟକ ଭଳି ସାଧାରଣ ମଣିଷ ରାଜନୈତିକ ବ୍ୟଭିଚାର ମଧ୍ୟରେ ପେଶି ହୋଇଯାଉଛି । ଆଲୋଚିତ ଗଳ୍ପ 'ହଡ଼ିକାଠ'ର ମଧ୍ୟବିତ୍ତ ପରିବାର ମଧ୍ୟରେ ନାୟକ ଦ୍ୱାରା କଥାକାର ଗାଣତାନ୍ତ୍ରିକ ସାମନ୍ତବାଦୀ ମନୋଭାବର ପ୍ରତିକ୍ରିୟା ଏକ ଶ୍ରେଣୀ ସଂଘର୍ଷ ବା ଗ୍ରେଡ଼ ଚେତନା ବୋଲି ସୂଚିତ କରିଛନ୍ତି ।

ଅନୁରୂପ ଭାବରେ 'ନାରାଚ ଉବାଚ' ଗଳ୍ପରେ ଆଦିବାସୀ ଜୀବନ ସଂଘର୍ଷରେ, ବିଶ୍ୱ ମାନବିକତାବୋଧ ଓ ମାର୍କସୀୟ ଚିନ୍ତନର ଅନବଦ୍ୟ ଚିତ୍ରକୁ ଦେଖାଯାଇପାରେ । ଆଲୋଚ୍ୟ ଗଳ୍ପରେ ବସ୍ତୁବାଦୀ ସମାଜର ଚାକଚକ୍ୟକୁ ଘୃଣାକରେ ଆଦିବାସୀ ଯୁବକ ଜାଇନୁ ସବର । ନିଜ ଶର ତୂଣୀର ପାଖରେ ବନ୍ଧୁକ ଗୁଳି, ବାରୁଦର ତାରତମ୍ୟକୁ ସେ କରିଛି ହୃଦୟଙ୍ଗମ । ସେଥିପାଇଁ ଜାଇନୁ କହିପକାଏ; "ଶବରର ଧନୁଶର ତା'ର ନୈତିକ ସାହସିକତାର ପ୍ରତୀକ, କିନ୍ତୁ ତମ ବନ୍ଧୁକ ? କୌଶଳ, ଧୂର୍ତ୍ତତା ଓ ଛଦ୍ମ ବେଶର ପ୍ରତିବିମ୍ବ ।" (ମାଟିଆ ପୁଅ, ନାରଚ ଉବାଚ, ପୃ-୦୨)

ଗଣତନ୍ତ୍ର  ରାଷ୍ଟ୍ରରେ ମଣିଷ ବହୁ ଚତୁର, ସ୍ୱାର୍ଥ ହାସଲର ଲକ୍ଷ୍ୟରେ ଧୂର୍ତ୍ତତାର ସହିତ କରିଥାଏ କାର୍ଯ୍ୟ ସମାପନ । ଯେମିତି ଆଲୋଚ୍ୟ ଗଳ୍ପରେ ନିରିହ ଶବର ପରିବାରକୁ ଧୂର୍ତ୍ତତାର ସହିତ ଶୋଷଣ କରୁଛି ପୁଞ୍ଜିପତି ମହାଜନ । ଗାଁର ସାହୁକାର ହରି ସାହୁ ଜାଇନୁର ବୁଆକୁ କୌଶଳ କ୍ରମେ ଘଉଡ଼ାଇ ଦେଇ ଜାଇନୁର ମା' ସତିଆ ସଙ୍ଗେ ବାରମ୍ବାର କରିଛି ଯୌନ ଶୋଷଣ । ପ୍ରତିବାଦ କରିପାରିନାହିଁ ସବରୀ ନାରୀ ସତିଆ । ମହାଜନ ହରିସାହୁ ପାଖରୁ ଜନ୍ମ ନେଉଛନ୍ତି ଜାଇନୁ, ଝୁମି ଓ ସାନପୁଅ, ଝିଅ । ଆଖିର ଲୁହ, ଛାତିର କୋହକୁ ଚାପି ଚାପି ସ୍ୱାମୀ ଫେରି ଆସିବାର ବାଟକୁ ଚାହିଁ ରହିଛି ସବରୀ ନାରୀ ସତିଆ । ପୁନଃଶ୍ଚ ଦ୍ୱିତୀୟ ପିଢ଼ିରେ  ପ୍ରତାରିତ ଜୀବନରେ ମୂଳବୋଧ ବିଡ଼ମ୍ବିତ ହେଉଛି ଅର୍ଥାତ୍ ମହାଜନ ହରିସାହୁ ଓ ସବରୀ ନାରୀ ସତିଆ ପାଖରୁ ଜନ୍ମିତ ଝିଅ ଝୁମିର କୋମଳ ଯୌବନକୁ ଉପଭୋଗ କରୁଛି ମହାଜନ ହରି ସାହୁର ପୁଅ ନଳିତ । ଏଠି ଶୋଷଣ କ୍ଷେତ୍ରରେ ମଷିଣ ଦେଖେନା ସଂପର୍କର ମୂଲ୍ୟବୋଧ । ପ୍ରତାରଣା, ଶଠତା, ଗ୍ଲାନିର ଚାରଣଭୂମି ସାଜିଛି ଆଜିର ସମାଜ । ଦଳିତମାନେ ପ୍ରତିବାଦ କରିବା ପାଇଁ ପାଖରେ ରହୁନାହିଁ ଅଦମ୍ୟ ସାହାସ, କାରଣ ପୁଞ୍ଜିପତିଙ୍କ ହାତରେ ପରିଚାଳିତ ଆଜି ଗଣତନ୍ତ୍ର । ପ୍ରତିଶୋଧର ନିଆଁ ହୃଦୟରେ ଜଳି ଉଠିଲେ ବି ଉପରୋକ୍ତ ଗଳ୍ପରେ ଜାଇନୁ ଭଳି ଦଳିତ ପତିତ ବ୍ୟକ୍ତିମାନେ ଶୋଷଣ ଓ ସଭ୍ୟତା ପାଖରେ ହାର ମାନୁଛନ୍ତି ।

ସଭ୍ୟତାର ପରିବର୍ତ୍ତନକୁ ଲକ୍ଷ୍ୟକଲେ; "ପୁଞ୍ଜିପତି ସମାଜ ବ୍ୟବସ୍ଥାର ଜାତିଭେଦ ପ୍ରଥା କ୍ରମଶଃ କୋମଳ ହୋଇ ଆସିଲା । ଜାତିଗତ ଅଧିକାର ନୁହେଁ ପୁଞ୍ଜିପତି ହିଁ ସମସ୍ତ ସୁବିଧା ସୁଯୋଗର ହେତୁ ଭାବରେ ଗଣ୍ୟ ହେବାକୁ ଲାଗିଲା । ଏହି ସମାଜରେ ଶ୍ରମିକମାନେ ଦାସ ସମାଜ ଓ ସାମ୍ୟବାଦୀ ସମାଜ ଅପେକ୍ଷା ଅପେକ୍ଷାକୃତ ସ୍ୱାଧୀନ । କିନ୍ତୁ ସେମାନେ ଉତ୍ପାଦନ କ୍ଷମତା ଅଧିକାରୀ ନୁହଁନ୍ତି । ସେମାନେ ସେମାନଙ୍କର ଜୀବନ ଯାପନ ପାଇଁ ପୁଞ୍ଜିପତିମାନଙ୍କ ଉପରେ ନିର୍ଭର କରନ୍ତି । ପୁଞ୍ଜିପତି କୌଶଳର ସହ ସେମାନଙ୍କର ଶ୍ରମ ଅପହରଣ କରି ନିଜର ପୁଞ୍ଜି ବଢ଼ାଇ ଚାଲେ । ଏହାକୁ ମାର୍କସ୍ ଏବଂ ଏଙ୍ଗେଲସ୍ କହନ୍ତି, "A system of hired salvery" ।" ଓ. ସା.ପ୍ର.ଧା.ପୃ-୧୩-୧୪)

ଏହାର ଅନୁରୂପ ପ୍ରତିଫଳନ ଘଟେ ରଜନୀକାନ୍ତ ମହାନ୍ତିଙ୍କ ଗଳ୍ପରେ । ଯେଉଁଠି ସାଧାରଣ ଦିନ ମଜୁରୀଆଙ୍କ କାନ୍ଧରେ ପାଦ ରଖି ପୁଞ୍ଜିପତି ବ୍ୟକ୍ତିତ୍ୱମାନେ ଗୋଟେ ପରେ ଗୋଟେ ପାହାଚକୁ ଉଠନ୍ତି, କିନ୍ତୁ ସର୍ବହରା, ନିଷ୍ପେଷିତ ବ୍ୟକ୍ତିତ୍ୱ ମାନେ ନିଜର ଅସ୍ତିତ୍ୱ ଖୋଜି ହାଲିଆ ହୁଅନ୍ତି । 'ରାହାଜଗାଳି' ଗଳ୍ପରେ ଶୋଷିତ ବ୍ୟକ୍ତିଙ୍କ ପ୍ରତି ପ୍ରତିଶୋଧ ନେବା ଲକ୍ଷ୍ୟରେ ଶ୍ରମଜୀବୀ ଗୟାଧର ଭଳି ବ୍ୟକ୍ତିତ୍ୱ ନିଜକୁ ନିଜେ ଠକେଇ ହେଇଯାଉଛନ୍ତି । ମଣିଷ ଆଜି ପ୍ରାଚୁର୍ଯ୍ୟ ଭିତରେ ଜଡ଼ସଡ଼ ଏବଂ ମାନବିକତା ଓ କର୍ତ୍ତବ୍ୟ ଭଳି ମହାନ ବସ୍ତୁକୁ ଗ୍ରହଣ କରୁଛି ଅତି ଶସ୍ତା ଚଉତରାରେ । ସାମ୍ପ୍ରତିକ ସମାଜକୁ ପରଖି ଥିବା ବ୍ୟକ୍ତିତ୍ୱ ଖୁବ ସଚେତନ ଭାବରେ ନିଜର ସ୍ଥିତି ଜାହିର କରୁଛି । ଯଦି ଅସଚେତନ ଭାବରେ କାର୍ଯ୍ୟ କରେ ତା'ହେଲେ ତା'ର ଅହମିକା ଭରା ପ୍ରାଚୁର୍ଯ୍ୟର ଭାଣ୍ଡକୁ ସାଧାରଣ ଖଟିଖିଆ ଦିନ ମଜୁରିଆ  ଅକ୍ତିଆର କରି ନେବାରି ଆଶଙ୍କା କରାଯାଇପାରେ । ଆଜି ଶୋଷଣର ଲକ୍ଷ୍ୟ ଅଛି ସ୍ଥିର କିନ୍ତୁ ମାର୍ଗର ହୋଇଛି ପରିବର୍ତ୍ତନ  । ଶୋଷିତ ଚାଲାକ ହେଲାଣି । ସେ ଦେଖୁଛି ତା'ର ପରିଶ୍ରମକୁ ଶୋଷଣ କରାଯାଉଛି । ସେଥିପାଇଁ ଶ୍ରମଜୀବୀ ମଧ୍ୟ ଠକିବା ଶିଖୁଛି । ଏହା ଦ୍ୱାରା ଶ୍ରମଜୀବୀର କଳା ଶୋଷି ହେଇଯାଉଛି । ଯଦ୍ୟପି ଶ୍ରମିକର କଳା ଶୋଷି ହୋଇଯାଏ ତା'ହେଲେ ସେ ଆଜି କି ମଣିଷ ହୋଇ ରହିବ ! ନିଜର ପାରିଲାପଣକୁ ହରାଇବ । ଶ୍ରମଜୀବୀ ହେବାର ମଧ୍ୟ ସାମର୍ଥ୍ୟ ନଥିବ । ଏମିତି ଅନେକ ବକ୍ତବ୍ୟ ସହିତ ବୁର୍ଜୁଆ ସଭ୍ୟତାର ପୋଷଣ ସହ ମଥାନିଆ ଗୟାଧର ସମାଜ ମାନବିକତା ଦୃଷ୍ଟିରୁ ଅନେକ ଯୁକ୍ତି ବାଢ଼ିଛି । ଏପରିକି ଜନଜାତିଙ୍କୁ ସେ ମଧ୍ୟ ସଜାଗ କରିବା ଲକ୍ଷ୍ୟରେ କଥାକାର ଶ୍ରୀ ମହାନ୍ତି ଗୟାଧର ଚରିତ୍ର ମୁଖରେ କହି ପକାଉଛନ୍ତି; "ଇଚ୍ଛା ହେଉଥିଲେ କୋହ୍ଲ କୋହ୍ଲଣୀଙ୍କୁ ହୁରି ଛାଡ଼ନ୍ତି, ତମେମାନେ ବି ଠକି ଶିଖ । ଚାଲାକ୍ ହୁଅ । ନ ହେଲେ ଆଜୀବନ ଏଇମିତି ଠକି ଯାଉଥିବ, ଠକେଇବା ଆରମ୍ଭ କର । ଆମ ସହ ସାମିଲ ହେଇଯାଅ । କିନ୍ତୁ କିଛି କହି ହେଲା ନାହିଁ । ଜିଭ ନେଉଟିଲାନି । ମଣିଷର ମୁଣ୍ଡ ଉପରେ ଖଣ୍ଡା ଝୁଲିଛି ହରବକତ୍ ।"

(ମାଟିଆ ପୁଅ - ରାହାଜଗାଳୀ -ପୃ-୭୨)

ନିଜର ସ୍ଥିତିକୁ ନେଇ ପ୍ରତିବାଦ କରିବାର ଅଦମ୍ୟ ସାହାସର ବସାବାନ୍ଧି ପାରୁନି ଶ୍ରମଜୀବୀ । ପୁଞ୍ଜିପତି ମାନଙ୍କର ଶଠତା, ଦୁର୍ନୀତ. ଅପବାଦର ଶରବ୍ୟ କେବଳ ହେଉଛନ୍ତି ସାଧାରଣ ମଣିଷ । ସେ ପରିଶ୍ରମ ଅନୁଯାୟୀ ଟଙ୍କା ପାଇପାରୁନି । ପ୍ରତିବାଦ କରିବା ପାଇଁ, ଅଣ୍ଟାରେ କପଡ଼ା ବାନ୍ଧିବାକୁ ପାଖରେ ନାହିଁ ଧନ । କିନ୍ତୁ ଏ ସବୁକୁ

ପଛ କରିଦେଇ ଗାଳ୍ପିକ ଶ୍ରୀ ମହାନ୍ତି ଶ୍ରମଜୀବୀ ମଥାନିଆ ଗୟାଧରର ମାନସିକତାକୁ ବିଶ୍ଳେଷଣ କରିବା ସହିତ ଗଳ୍ପର ପରିଣତିରେ ସାମ୍ୟବାଦର ବିଭୀଷିକାକୁ ଗୟାଧରର ମାନସିକତା ଦ୍ୱାରା ଦେଖାଇ ଦେଇଛନ୍ତି । ପ୍ରତିବାଦ କରିବା ପାଇଁ ସାହାସ ଦରକାର, ଦରକାର ଜଣେ ଦାୟିତ୍ୱବାନ ବ୍ୟକ୍ତି । ଯିଏ ପରିଚାଳନ କରି ପାରୁଥିବ ସବୁ ଦାୟିତ୍ୱ । ଯେପରି ଗାଳ୍ପିକ ମଥାନିଆ ଦ୍ୱାରା ସ୍ୱାର୍ଥବାଦୀ ରାଜନେତା, ଧନୀକ ଶ୍ରେଣୀର ବ୍ୟକ୍ତିତ୍ୱମାନଙ୍କୁ ଅଙ୍ଗୁଳି ନିର୍ଦ୍ଦେଶ କରି କହୁଛନ୍ତି; "ବାଜ ମହାପାତ୍ରେ ! ମୁଁ ଥାନାର ଘର ଛପର କରିତେ ଯିମି, କିନ୍ତୁ ତୋଠୁଁ ପଇସା ନେବିନି । ଥାନାବାବୁଙ୍କ ଠାରୁ ପଇସା ମୁଁ ଆଣିବି ! ଭୂୟାଁବୁ ! ଅଫିସକୁ ଗଲେ ତମେ ଯଦି ମୋତେ ବଇନି ମାଗିବ, ସେଇଠି ତୁମକୁ ଗଳାଧକ୍କା ମାରିମି । ଢକନ ସାହୁ ! କିଲେ ଚିନି ଦେଇ ତିନିକିଲୋ ଚିନି ଉପରେ ମୋ ଦସ୍ତଖତ୍ ନେଇଥିଲୁ, ତା' ଆଉ ହେଇପାରିବନି । କୋହ୍ଲ, କୋହ୍ଲଣୀଏ; ବାଜ ମହାପାତ୍ର ଠୁଁ ଠିକ୍ ଠିକ୍ ମୂଲ ନିଅ, ନ ହେଲେ କାମ ବନ୍ଦ କରିଦିଅ । ଆଉ ଗୟାଧର ! ତୁ ତ ମଥାନି ଠିକ୍ ସଜାଡ଼ି ଦେ ! ତୁ ପରା ମଥାନିଆ । ଏ ମାଟିରେ ସବୁ ଅଛି ସବୁ, ଦରକାର ଖାଲି ଜଗୁଆଳୀଟିଏ ।" (ମାଟିଆପୁଅ (ରାହାଜଗାଳୀ) ପୃ-୭୭) ଯଦି ଜଗୁଆଳିମାନେ ଠିକ ରୂପେ ସମାଜକୁ ଜଗିପାରିଲେ ତାହେଲେ ଲୋପ ହେବ ଶୋଷଣ, ଗଣତାନ୍ତ୍ରିକ ରାଷ୍ଟ୍ରର ସମସ୍ତ ବ୍ୟକ୍ତି ଉପଯୁକ୍ତ ଅଧିକାର ପାଇପାରିବ । ସଭିଏଁ ମଧ୍ୟ ସମପରିମାଣରେ କରିପାରିବେ କର୍ତ୍ତବ୍ୟ । ଶୋଷଣ, ପ୍ରତାରଣା, ଠକାମୀ ଭଳି ଶବ୍ଦ ଧ୍ୱଂସ ପାଇଯିବ କିନ୍ତୁ ଦୁଃଖର କଥା ଆମ ସମାଜରେ ଅଭାବ କେବଳ ଜଗୁଆଳୀମାନଙ୍କର ।

ସେହିପରି କଥାକାର ରଜନୀକାନ୍ତ ମହାନ୍ତିଙ୍କର ସାମ୍ୟବାଦୀ ପ୍ରସଙ୍ଗକୁ ଦେଖି ହୁଏ 'ସୂର୍ଯ୍ୟରଂଗ', 'ବିପ୍ଳବ', 'ଗଣନାୟକ', 'ମହାସ୍ନାନ' ଆଦି ଗଳ୍ପରେ । ଗାଳ୍ପିକଙ୍କ ଗଳ୍ପ ଲେଖାର ଆରମ୍ଭରେ ସାମ୍ୟବାଦର କଥା ଯେତେ ପରିମାଣରେ ଉପସ୍ଥାପିତ ହୁଏ, ସେତିକି ପରିମାଣରେ ନିରବି ଯାଏ ଲେଖାର ଉତ୍ତର କାଳରେ । କିନ୍ତୁ ଗଳ୍ପର ଅନ୍ତଃସାର ଅନେକ ସ୍ଥାନରେ ସାମ୍ୟବାଦର ଧ୍ୱଜା ଉଡ଼ାଏ, ଏହାକୁ ଅସ୍ୱୀକାର କରିହେବ ନାହିଁ । ଶୋଷକ ଓ ଶୋଷିତ କଥାବସ୍ତୁ ଉପସ୍ଥାପନା ସଙ୍ଗେ ଦଳିତ ବ୍ୟକ୍ତିତ୍ୱର ସଂଘର୍ଷମୟ ଜୀବନ, ସେହି ଜୀବନରୁ ମୁକ୍ତି ନିମନ୍ତେ ପ୍ରତିବାଦ କରିବାର ଲକ୍ଷ୍ୟ ଗଳ୍ପକୁ ଆହୁରି ଆକର୍ଷଣୀୟ କରେ । ପାଠକ ଶରୀରରେ ଖେଳିଯାଏ ଶିହରଣ । "ପୁଞ୍ଜିବାଦୀ ଶୋଷଣ ଯନ୍ତ୍ରରେ ବିପର୍ଯ୍ୟସ୍ତ ସାଂପ୍ରତିକ ସମାଜକୁ, ଗାଳ୍ପିକ ଚିହ୍ନେଇଦେବାକୁ ଯାଇ ସୃଷ୍ଟି କରିଛି ଗୋଟିଏ ଗୋଟିଏ କରି ବହୁ ଗଳ୍ପ । ବୁର୍ଜୁଆ ସଂସ୍କୃତି କେମିତି ଆଦର୍ଶ ମଣିଷ ସଂସ୍କୃତିର ଧ୍ୱଂସ ସାଧନ କରି ଦଳିତ ମଣିଷକୁ ସର୍ବସ୍ୱାନ୍ତ କରୁଛି; ନୀତି ଭ୍ରଷ୍ଟ କରୁଛି ମୂଲ୍ୟବୋଧ ହୀନତାର ଏକ ବିକଳ ଜୀବନ ଭଉଁରୀ ଭିତରକୁ ଓଟାରି ନେଉଛି 'ନାରାଚ ଉବାଚ' ହେଉକି 'ଅଛୁଆଁ ଝିଅ' ହେଉ, 'ମଥାନିଆ' ହେଉ କି 'ବିଶା ଶହେ କାହାଣ ଅନ୍ଧାର' ହେଉ 'ଓହଳ' ହେଉକି 'ଗେଣ୍ଡୁଆ' ହେଉ ଅଥବା 'ପୁଷୁନାହରା' ହେଉକି 'ସୁନା ଶିଆଳ'ହେଉ ପ୍ରତିଟି ଗଳ୍ପରେ ଏଇ ଶୋଷଣ ପୀଡ଼ନ ସଂଭୂତ ସର୍ବହରା ଶ୍ରେଣୀର ଜୀବନକୁ ହିଁ ପ୍ରତିଫଳିତ କରିଛି । ପ୍ରତିଫଳିତ କେବଳ କରି ନାହିଁ ଅନେକାଂଶରେ ସମାଧାନର ମାର୍ଗ କେତେଯେ ଖସଡ଼ା ତା'ମଧ୍ୟ କଥାକାର ସୂଚିତ କରି ଗଣ ସାହିତ୍ୟିକର କର୍ତ୍ତବ୍ୟ ସମ୍ପାଦନ କରିଛନ୍ତି । ଏଥିସହ ଅତିବିଶ୍ୱସ୍ତତାର ସହିତ ଉତ୍ତର ସତୁରୀର ଓଡ଼ିଆ ଗଳ୍ପ ସାହିତ୍ୟର ଧାରା ଘେନି ଥିବା 'ଧାରା ବଦଳ' ର ସମସ୍ତ ବୈଶିଷ୍ଟ୍ୟକୁ ଅଙ୍ଗୀକାର କରି ରଜନୀକାନ୍ତଙ୍କ କଥାମାନସ ପୁଷ୍ଟ ହୋଇଛି- ବଳିଷ୍ଠ ଆନ୍ତର୍ଜାତୀୟ କଥା ଜଗତର ଭାବବସ୍ତୁକୁ ସମୃଦ୍ଧ କରିଛି ।" (ମାଟିକୁ ଫେରି ଆସିବାର ପ୍ରତିଶ୍ରୁତି; ରଜନୀକାନ୍ତଙ୍କ ଗଳ୍ପ ମାନସ, ପୃ-୩) ଟିକେ ଗଭୀରେଇକି ଦେଖିଲେ ପ୍ରାୟତଃ ସମସ୍ତ ଗଳ୍ପରେ ଅସ୍ପଷ୍ଟ ମାର୍କସ୍‌ବାଦୀୟ ଚିନ୍ତାଧାରା ହିଁ ନିହିତ ଅଛି ।

'ନାରାଚ ଉବାଚ' ଗଳ୍ପ ଭଳି 'ସୂର୍ଯ୍ୟ ରଙ୍ଗ' ଗଳ୍ପରେ ମଧ୍ୟ ଶୋଷଣକୁ କରାଯାଉଛି ବ୍ୟକ୍ତ । ପୁଞ୍ଜିପତିର ଛତ୍ରଛାୟା ତଳେ ମୁଣ୍ଡ ଗୁଞ୍ଜିବା ସାଧାରଣ ଦଳିତ ମଣିଷର ହୋଇଯାଇଛି ଭୋଗ୍ୟ । ଗଣତାନ୍ତ୍ରିକ ରାଷ୍ଟ୍ରରେ ଦଳିତ ମଣିଷ ସ୍ୱାଧୀନଭାବେ ବଞ୍ଚିବା ପାଇଁ ପାଇ ପାରିନାହିଁ ଅଧିକାର । ସେଥିପାଇଁ ଆଦିବାସୀ ଯୁବକ ବିଶନ ମୁଣ୍ଡା ମୁଖରେ କଥାକାର ଶ୍ରୀ ମହାନ୍ତି କହି ପକାଉଛନ୍ତି; "ହାଏ; ଏ କି ଜୀବନ ହେଲା ! ନିଜ ମାଇପ, ନିଜ ଛୁଆ ଉପରେ ବି ନିଜର ଅଧିକାର ନାହିଁ । ମାଲିକର ଦୟା, ଅନୁକମ୍ପା ଉପରେ ନିର୍ଭର କରିବାକୁ ପଡୁଛି ।" (ଆ ସାକ୍ଷୀ ଦେ (ନାରାଚ ଉବାଚ) ପୃ-୫୮) କାରଣ ସେ କିଣା ଚାକର । ତା'ର ଅଧିକାର ଶୂନ୍ୟ ମହାଜନୀ ପୁଞ୍ଜିପତିଙ୍କ ପାଖରେ । ବିଶନ ମୁଣ୍ଡା ପନ୍ଦର ବର୍ଷ ତଳେ ଆସି ଚୌଧୁରୀ ଘରେ କାମ କରିଛି । ଚୌଧୁରୀ ଘର ପଛପଟେ ଖଣ୍ଡେ କୁଡ଼ିଆ ତା'ର ରହଣି ସ୍ଥାନ ହୋଇଛି । ଏଇଠି ମଧ୍ୟ ବିବାହ କରିଛି । ନିଜ ସ୍ତ୍ରୀ ଶାରୀ, ପୁଅ କୁଶ ମଧ୍ୟ ଚୌଧୁରୀ ଘରେ ଖଟିଛନ୍ତି । ଦଳିତ ବ୍ୟକ୍ତିତ୍ୱର ଶ୍ରମକୁ ଶୋଷଣ କରିଛି ଚୌଧୁରୀ, କେବଳ ପେଟକୁ ଦୁଇମୁଠା ଦାନା ଏବଂ କୁଡ଼ିଆ ଖଣ୍ଡକ ବିଶନକୁ ଦାନ ଦେବାର ପ୍ରତିଶ୍ରୁତିରେ ।

କିନ୍ତୁ ସେହି ଦାନ ମୌଖିକ ହୋଇ ରହିଯାଇଛି । କବଲା ହୋଇ ପାରିନାହିଁ । ବିଶନ ମୁଣ୍ଡା ଯେତେବେଳେ ପରିବାର ଚଳାଇବା ପାଇଁ ସ୍ୱାଧୀନ ଭାବେ ବଞ୍ଚିବା ଲକ୍ଷ୍ୟରେ ଚୌଧୁରୀ ଘର ବ୍ୟତୀତ ଅନ୍ୟର ମୂଲ ଲାଗିବାକୁ ଯାଏ, ସେତେବେଳେ ପୁଞ୍ଜିବାଦର ବୁଢ଼ିଆଣୀ ଜାଲରେ ଛନ୍ଦି ହୋଇଯାଏ ବିଶନ ମୁଣ୍ଡା । କଥାକାର ଶ୍ରୀ ମହାନ୍ତି ଦଳିତ ବ୍ୟକ୍ତିଙ୍କର ଦୁଃଖ ଏବଂ ପୁଞ୍ଜିପତି ମାନଙ୍କର ସ୍ୱାର୍ଥାନ୍ୱେଷୀ ଭାବକୁ ଦେଖାଇବାକୁ ଯାଇ ଆଲୋଚ୍ୟ 'ସୂର୍ଯ୍ୟ ରଙ୍ଗ' ଗଳ୍ପରେ କହୁଛନ୍ତି; "ବିଶନ ଆଗରେ ସଭ୍ୟତାର ନିବୁଜ କବାଟ ସବୁ ଗୋଟି ଗୋଟି କରି ଖୋଲି ହୋଇଯିବାରେ ଲାଗିଲା । ତାକୁ ଲାଗିଲା ସତେ ଯେମିତି ତା' ଭଳି ବାରମାସିଆମାନଙ୍କ ପ୍ରତି ବାର ମାଲିକଙ୍କର ଆନ୍ତରିକତା, ସ୍ନେହ ଗୋଟେ ଗୋଟେ ଷଡ଼ଯନ୍ତ୍ର । ମିଠା କଥା, ଟୋପେ ତୋରାଣି, ଗୋଟେ ବିଡ଼ି, କଅଁଳ ସଂପର୍କ ମାଧ୍ୟମରେ ଏଭଳି ଚୌଧୁରୀ ଘରମାନେ ସେମାନଙ୍କ ଭଳି ମୂଲିଆଙ୍କୁ ବେଶ୍ ଶୋଷି ଶୋଷି ରସ ନିଗାଡ଼ି ନେଇ ପୁଣି ବାହାରକୁ ଫିଙ୍ଗି ଚାଲିଛନ୍ତି । ବୁଢ଼ା ଚୌଧୁରୀ ବାବୁଙ୍କର ପୂର୍ବର ପ୍ରତିଟି କଥାକୁ ସ୍ମରଣ କରି ତାକୁ ଭାଙ୍ଗି ଭାଙ୍ଗି ହେଜିଲା ବେଳକୁ ତାକୁ ଲାଗୁଛି, ସେଗୁଡ଼ିକ ସବୁ ଥିଲା ଛଳନା । ସବୁ କେବଳ ନିଜ ସ୍ୱାର୍ଥ ହାସଲ କରି ନେବାର ଫନ୍ଦିଫିକର । ବିଶନର ଦୀର୍ଘଶ୍ୱାସ ବେଶ୍ ବଢ଼ିଗଲା । ଏତେଦିନେ ସେ ଛଳନା ଅନ୍ଧାର ଭିତରେ ବୁଡ଼ିକି ଥିଲା! ଏତେ ବର୍ଷ !" (ଆ ସାକ୍ଷୀ ଦେ (ସୂର୍ଯ୍ୟରଙ୍ଗ) ପୃ-୬୦) ବୁଝିପାରି ନଥିଲା ଦଳିତ ବର୍ଗର ମଣିଷ ଆଦିବାସୀ ସନ୍ତାନ ବିଶନ ପୁଞ୍ଜିପତି ମାନଙ୍କର ଶୋଷଣର କାଇଦା । ତା' ଶ୍ରମର ଶୋଷଣ । କୁଡ଼ିଆ ଖଣ୍ଡକ କେବଳ ଲେଖା ହୋଇଥିଲା । ଯେତେଦିନ ବିଶନ ମୁଣ୍ଡା ଚୌଧୁରୀ ବଂଶର କାମ କରୁଥିବ ସେତେଦିନ ସେ କୁଡ଼ିଆଟି ତା'ର କିନ୍ତୁ ଯେତେବେଳେ ସ୍ୱାଧୀନ ହେବାକୁ ଚାହିଁଛି ସେତେବେଳେ ନିଜର ମୁଣ୍ଡ ଗୁଞ୍ଜିବା ନିମନ୍ତେ ବାସ ଖଣ୍ଡକ ହରାଇବାକୁ ପଡୁଛି । ଏଠି କଥାକାର ଶ୍ରୀ ମହାନ୍ତିଙ୍କ 'ନାରାଚ ଉବାଚ' ଗଳ୍ପରେ ଜାଇନୁ ଶବର ଭଳି ସ୍ଥିର ରହିଯାଇନି ବିଶନ ମୁଣ୍ଡା, ପ୍ରତିବାଦ କରିଛି ଚୌଧୁରୀ ସହିତ ଯଥା; "ସେ କଥା ହୋଇ ପାରିବନି ସାଆନ୍ତ ବାବୁ । ମୁଁ ତମ ଘରେ ଖଟିଲି, ମୋ ସ୍ତ୍ରୀ ଖଟିଲା, ମୋ ପୁଅ ବି ତୁମର ବୋଲହାକ କଲା । ଆମକୁ ଯାହା ଖଣ୍ଡେ ଖାଇବାକୁ ଆଉ ବର୍ଷକୁ ଦୁଇଖଣ୍ଡ ଲୁଗା ଦେଲ, ବାସ୍ ସେତିକି । ପଇସାଟିଏ ମୁହଁ ଆମେ ଦେଖି ପାରିଲୁନି । ଦିନ ରାତି ଆମେ ଗିରସ୍ତ, ଭାର୍ଯ୍ୟାଙ୍କୁ ପଶୁ ପରି ଖଟାଉଚ ଏଣେ ମୁହଁରେ କହୁଚ କ'ଣ ନା ପୁଅ ବୋହୁ, ଛି ! ଯିମିତିଆ ଲେଖାପଢ଼ା ତୁମେ କରି ଦେଇଚ ନା ବୁଢ଼ା ସାଆନ୍ତ, ସେ ତ ମତେ, ମୋର ପୁରୁଷ, ପୁରୁଷଙ୍କୁ କିଣିନେଲା ପରି! ସେ କଥା ଘଟିବ ନାହିଁ । ଘରଟା ଆମରତ ପୁରାପୁରି । ଏତେ ବର୍ଷ ଯେ ଘରେ ଆମେ ରହିଚେ ସେ'ଟା ଆମର । ଆମ ନିଜର ଘର ।"

(ଆ ସାକ୍ଷୀ ଦେ (ସୂର୍ଯ୍ୟରଙ୍ଗ) ପୃ- ୬୩)

ଏହା ହେଉଛି ପୁଞ୍ଜିପତିମାନଙ୍କ ପାଇଁ ଉପଯୁକ୍ତ ଯୁଦ୍ଧର ଘୋଷଣା ।

'ଗଣନାୟକ' ଗଳ୍ପରେ ରହିଛି ସାମୁହିକ ସ୍ୱାର୍ଥ ପାଇଁ ସଂଘର୍ଷ । ବ୍ୟକ୍ତିଗତ ସ୍ୱାର୍ଥ ସାଧନାର ବିଲୋପ । ଅନୁଷ୍ଠାନର ନାମକରଣ ମହାଜନୀପଣରେ ବ୍ୟକ୍ତିଗତ କରାଇ ନ ଦେବାରେ ରହିଛି ସାମ୍ୟବାଦୀ ଚିନ୍ତାଧାରା । ପଦନା ବୁଢ଼ା ଭଳି ବ୍ୟକ୍ତି ଜାଣନ୍ତି ଅନୁଷ୍ଠାନ ହେଉଛି ସାର୍ବଜନୀନ କିନ୍ତୁ ପୁଞ୍ଜିପତିମାନେ ନିଜ ନାଁରେ ଅନୁଷ୍ଠାନକୁ ଗଢ଼ି ହାକିମାତି ଦେଖାଇବା ନୀତିକୁ ସେ ଘୃଣା କରିଛି । କାରଣ ବ୍ୟକ୍ତିଗତ ନାମକରଣ ହୋଇଗଲେ ମହାଜନର ଉତ୍ତରାଧିକାରୀମାନେ ମଧ୍ୟ ସେଇ ଗୁଣକୁ ଆପଣେଇ ନେବେ । ପୁଣି ହେବ ପୁଞ୍ଜିବାଦର ପ୍ରତିଷ୍ଠା । ସେଥିପାଇଁ କଥାକାର ପଦନା ବୁଢ଼ା ମୁଖରେ କହୁଛନ୍ତି; "କେହି ନ କହୁ ଏ ଇସ୍କୁଲଟା, ଏ ଠାକୁରାଣୀ ମନ୍ଦିରଟା ମୋ ବାପା କରିଥିଲେ ବୋଲି । ସମସ୍ତେ କହିବେ ଯିମିତି ଏ ଗାଁ ଲୋକେ ମିଳିମିଶି କରିଛନ୍ତି । ଏ ରାଇଜରୁ ଇଂରେଜ ଗଲେଣି, ଜମିଦାର ଗଲେଣି, ସେ ପୁରୁଣା କଥା ଆଉ ଘଟିବ ନାହିଁ । ଧନୀ ହେଇଚ, ଟଙ୍କା ଅଛି, କ୍ଷମତା ଅଛି ବୋଲି ଅନୁଷ୍ଠାନ ସବୁକୁ କିଣି ନେବ ?" (ଝିପିଝିପି ଅନ୍ଧାର (ଗଣନାୟକ) ପୃ-୪୮) ଉକ୍ତ ବକ୍ତବ୍ୟ ପୁଞ୍ଜିବାଦକୁ କରେ କରେ ପୂର୍ଣ୍ଣମାତ୍ରାରେ ବିରୋଧ । କିନ୍ତୁ ପଦନା ବୁଢ଼ା ପାଏ ନାହିଁ ଯୁଝିବା ନିମନ୍ତେ ଶୋଷିତ ମାନଙ୍କର ସାହାଯ୍ୟ । ସେଥିପାଇଁ ଦୋଷୀସାଜେ ଗାଁ ପରିଜନ, ସର୍ବପରି ନିଜ ପୁତ୍ର ବୋହୂଙ୍କ ପାଖରେ । ସେ ପରିବାର ଠାରୁ ହୋଇଛି ବାଛ. ଗଳ୍ପର ପରିଣତିରେ ବିଦ୍ରୋହ କରି ନପାରିଲେ ମଧ୍ୟ ପଦନା ବୁଢ଼ା ହୋଇପଡ଼େ ଜଣେ ଅସ୍ତିତ୍ୱବାଦୀ ମଣିଷ । ମୁଷ୍ଟିମେୟ ମଣିଷ ଗଢ଼ିଥିବା ପରମ୍ପରାକୁ କରେ ଭଙ୍ଗ । ଯାଇ ଖାଏ ମାଲ ଆଟିକାରେ ମୃତ ବ୍ୟକ୍ତିଙ୍କୁ ଦିଆଯାଇଥିବା ଖାଦ୍ୟକୁ । ଗଳ୍ପଟିରେ ଶୋଷିତମାନେ ପୁଞ୍ଜିପତି ଗୋଷ୍ଠୀକୁ ପ୍ରୋତ୍ସାହନ ଦେବାର ଜ୍ୱଳନ୍ତ ନମୁନା ଦେଖାଗଲା ଭଳି 'ଅନ୍ଧାରକୁ

ପାଦେ' ଗଳ୍ପରେ ମଧ୍ୟ ରହିଛି ଶ୍ରେଣୀ ସଂଘର୍ଷକୁ ବଳିଷ୍ଠ କରୁଥିବା ଶୋଷିତ ମାନଙ୍କର କଥା ।

"ମାର୍କସ୍ (Marx) ଙ୍କର ଶ୍ରେଣୀ ସଂଘର୍ଷ (Class struggle) ପାଇଁ ଦାୟୀ ରହୁଥିବା 'Have' ଓ 'Have not' ଙ୍କ ମଧ୍ୟରେ ଥିବା ଦୂରତା ଏ ଗଳ୍ପରେ ରୂପାନ୍ତର କରାଯାଇଛି ।" (ଶତାଂଢ଼ି ପୁରୁଷ (ପୁରୁଷାକାର) ପୃ-୭୫) ଗାଁ ସାହି ମଧ୍ୟରେ ସାହୁକାର ପୁଅ ସାଇକେଲ ନେଇ ଗଲାବେଳେ ଛୋଟ ପିଲାର ଦେହରେ ବାଜେ ସାଇକେଲ । ଏହାକୁ ଦେଖି ବିଧବା ବୁଢ଼ୀ ଜଣକ ସାଇକେଲ ଚାଳକକୁ ଦୋଷାରୋପ କରେ ଅଥଚ ଯେତେବେଳେ ବୁଢ଼ୀ ଜାଣୁଛି ସାଇକେଲ ଚାଳକ ଜଣକ ସାହୁକାରର ପୁଅ ବୋଲି ସେତେବେଳେ ତାର ମାନସିକତାର ହୋଇଛି ପରିବର୍ତ୍ତନ । ସେହି କ୍ଷଣି ପରିବର୍ତ୍ତନ ହୋଇ ଦୋଷାରୋପ କରେ ସାଇକେଲ ବାଜିଥିବା ପିଲା ଏବଂ ମା'ର ପିଲା ପ୍ରତିଥିବା କର୍ତ୍ତବ୍ୟକୁ । ଏଠି ଶ୍ରେଣୀ ସଂଘର୍ଷ ପାଇଁ ଦାୟୀ ହେଉଛନ୍ତି ଆଲୋଚ୍ୟ ଗଳ୍ପରେ ଥିବା ବିଧବା ବୁଢ଼ୀ ଭଳି କାର୍ଯ୍ୟ କରୁଥିବା ଶୋଷିତ ଚରିତ୍ରମାନେ । ଏଠି ଶ୍ରେଣୀ ସଂଘର୍ଷ ବିଲୁପ୍ତ ହେବ ନାହିଁ ଆହୁରି ବଳିଷ୍ଠ ହେବା ଦିଗରେ ଗତି କରେ ।

କଥାକାର ଶ୍ରୀ ମହାନ୍ତିଙ୍କ କଥା ପରିଧିରେ ସାମ୍ୟବାଦୀର ସ୍ୱର ଉତ୍ତୋଳନ କଲାବେଳେ କେବଳ ଶୋଷିତ, ଶୋଷକ ମଧ୍ୟରେ ତାରତମ୍ୟ, ଶୋଷିତର ସାମନ୍ତବାଦ ବିରୋଧରେ ସଂଘର୍ଷ, ଶ୍ରେଣୀ ସଂଘର୍ଷ ପାଇଁ ଦାୟୀ ହେଉଥିବା ମଣିଷର କଥା କହି ନାହାଁନ୍ତି । ଗଳ୍ପ ପରିଧିରେ ମଧ୍ୟ ଅଛି ସାମନ୍ତ ବା ପୁଞ୍ଜିପତି ବିରୋଧରେ ଶୋଷକ ବ୍ୟକ୍ତି ସ୍ୱରଉତ୍ତୋଳନ କରିବା ଦ୍ୱାରା ସାମନ୍ତବାଦର ବିଲୟ ହେଉଛି ଏବଂ ଶୋଷକ ଗୋଷ୍ଠୀ ଶୋଷିତ ଗୋଷ୍ଠୀ ପ୍ରତି ଦେଖାଉଛି ଅନୁକମ୍ପା । ଶ୍ରେଣୀ ସଂଘର୍ଷ ରହୁନାହିଁ, ସାମୂହିକ ମଙ୍ଗଳର ହେଉଛି ଜୟ । ଯୁଗପୁରୁଷ ଫକୀରମୋହନଙ୍କ 'ରାଣ୍ଡି ପୁଅ ଅନନ୍ତା' ଭଳି କଥାକାର ରଜନୀକାନ୍ତ ମହାନ୍ତିଙ୍କ 'ବିପ୍ଳବ' ଗଳ୍ପର ବାଉଲି ପିଲାଟି କାହାରିକୁ ଡ଼ରୁନାହିଁ । ଛୋଟବେଳେ ଡ଼ରୁ ଥିଲେ ମଧ୍ୟ ବଡ଼ହେଲା ପରେ ସେ ପୁଞ୍ଜିପତିର ଅହମିକାଭରା ଶୋଷଣକୁ ବୁଝିପାରୁଛି । ସେଥିପାଇଁ ଗାଁ ମହାଜନ ଉମାବାବୁଙ୍କ ବାଡ଼ିରେ ପଶି ତାଙ୍କ ଗଛରୁ ଜବରଦସ୍ତି ତାଳ କାଟି ଖାଇଲା ବେଳେ, ମହାଜନ ଉମାବାବୁଙ୍କ କଥାରେ ପ୍ରତିବାଦ କରିଛି; "ଆମର ତାଳଥିଲେ କି କିଣିବାକୁ ପଇସା ଥିଲେ ଆପଣଙ୍କ ଗଛକୁ କାହିଁକି ଚାହାନ୍ତୁ ସାଆନ୍ତ ।" (ଆ ସାକ୍ଷୀ ଦେ (ବିପ୍ଳବ) ପୃ-୮୫) ଏ ପଦକ କଥା ମହାଜନ ଉମାବାବୁଙ୍କୁ କୋରାଡ଼ୀରେ ଚୋଟ ମାରିଲା ଭଳି ଲାଗିଛି । ମହାଜନୀପଣ ଉଭେଇ ଯାଇଛି । ଲଜ୍ୟାରେ କାହାରିକୁ ମୁହଁ ଦେଖାଇ ନାହାନ୍ତି ମହାଜନ ଉମାବାବୁ । ସରକାରୀ କଳରୁ ଟଙ୍କା ଆଣିଥିବା ଯୋଗୁଁ ଗାଁର ସପନୀ ଓ ପଦିଆର ଜମି ଯେତେବେଳେ ନିଲାମ ହେଉଛି ସେତେବେଳେ ଅମାନିଆ ବାଉଳି ସହି ନପାରି ପୋଲିସକୁ ପାଞ୍ଚଣରେ ପିଟିଛି । ଏଥିପାଇଁ ନିମନ୍ତେ ପୋଲିସ ବାଉଳିକୁ ବାନ୍ଧି ନେଇଛି । ସେତେବେଳେ ଉମାବାବୁଙ୍କର ବ୍ୟକ୍ତିତ୍ୱର ହୋଇଛି ପରିବର୍ତ୍ତନ । ଶୋଷିତମାନଙ୍କ ପ୍ରତି ତାଙ୍କ ପ୍ରାଣ କାନ୍ଦି ଉଠିଛି । କଥାକାର ଶେଷରେ ଶୋଷକକୁ ଛିଡ଼ା କରାଇ କହୁଛନ୍ତି ଯଥା – "କିଏ କହେ ଏ ମାଟିରେ ଆଉ ଚାରା ଗଜୁରିବ ନାହିଁ... ଚାଲ ଥାନାକୁ । ମୁଁ ଅଛି । ପୃଥିବୀ କେବେହେଲେ ଅଣପୁରୁଷା ନଥିଲା, ଆଜି ବି ନାହିଁ ।" (ଆ ସାକ୍ଷୀ ଦେ (ବିପ୍ଳବ) ପୃ- ୮୬) କେବେ ସଂଘର୍ଷର ହୋଇ ନାହିଁ ପରାଜୟ ।

ଓଡ଼ିଆ ଗଳ୍ପ ସାହିତ୍ୟରେ 'ଶିକାର' ଗଳ୍ପ ଠାରୁ ଅଦ୍ୟାବଧି କଥା ସାହିତ୍ୟକୁ ଦେଖିଲେ ମଣିଷ ବହୁ ସଂଘର୍ଷରତ । ଗରିବର ପରିଚୟ ନେଇ ସର୍ବଦା ଶୋଷିତ ହୋଇ ଆସୁଛି ଶୋଷକ ପୁଞ୍ଜିପତି ଗୋଷ୍ଠୀଙ୍କ ଦ୍ୱାରା । କିନ୍ତୁ ଯିଏ ସ୍ୱରଉତ୍ତୋଳନ କରିଛି ସେ ପାଇ ପାରିଛି ତା'ର ଅଧିକାର । ଅଦ୍ୟାବଧି ଗଣତନ୍ତ୍ର ରାଷ୍ଟ୍ରର ଜଣେ ବ୍ୟକ୍ତି ଯଦି ନିଜର ଅଧିକାର ପାଇଁ ନିରପେକ୍ଷ ଭାବେ ସ୍ୱରଉତ୍ତୋଳନ କରିବ ତାହାଲେ ସେ ନିଶ୍ଚିତ ନିଜର ଅଧିକାର ପାଇବା ସହ ଗୋଷ୍ଠୀର ହେବ ଜୟ । କାରଣ ଏ ପୃଥିବୀ ଅଣପୁରୁଷା ନୁହେଁ ।

ପରିଣତିରେ ଏତିକି କୁହାଯାଇପାରେ, ଗାଳ୍ପିକ ରଜନୀକାନ୍ତ ମହାନ୍ତିଙ୍କ ଗଳ୍ପ କେବଳ ଶୋଷିତ ଓ ଶୋଷକର କଥା କହେ ନାହିଁ, କହେ ଶୋଷଣହୀନ ସମାଜ ଗଠନର କଥା, ଦିଏ ସ୍ୱାଭିମାନରେ ବଞ୍ଚିବା ପାଇଁ ପ୍ରେରଣା, ରଖେ ଅବହେଳିତ ମଣିଷକୁ ବିଦ୍ରୋହୀ କରି ଗଢ଼ି ପାରିବାର ସାମର୍ଥ । ଗାଁରୁ ସହର ସହରରୁ ଡ଼ଙ୍ଗର ସମସ୍ତ ଶୋଷିତ ମଣିଷର ଅବ୍ୟକ୍ତ ବ୍ୟଥାକୁ ହୃଦୟଙ୍ଗମ କରିଛନ୍ତି କଥାକାର ଶ୍ରୀ ମହାନ୍ତି । ସେଥିପାଇଁ ତାଙ୍କ ଗଳ୍ପ ପରିବେଶରେ ଶୋଷକ, ଶୋଷିତର ନରୋଳା ସତ୍ୟତାକୁ ସାମ୍ୟବାଦର ଧ୍ୱଜା ଉଡ଼ାଇ ଚରିତ୍ର ମାନଙ୍କୁ ନିଜ ସର୍ଜନରେ ଆକର୍ଷଣୀୟ ଢ଼ଙ୍ଗରେ ଗଢ଼ି ତୋଳିଛନ୍ତି । ଯାହାକି ପାଠକ ସେ ପରିବେଶ ମଧ୍ୟକୁ ପ୍ରବେଶ କଲେ ପ୍ରତିହିଂସାରେ ଦେହ ଶୀତେଇ ଉଠିବ ରୋମ ଟାଙ୍କୁରି ଉଠିବ ଏବଂ ମାରିବକି

ମରିବ ପଣକୁ ଗ୍ରହଣ କରିନେବ । ଗାଳ୍ପିକଙ୍କ ଗଳ୍ପ ସାହିତ୍ୟର ଉନ୍ମେଷ କାଳରେ ଗଳ୍ପଗୁଡ଼ିକରେ ସ୍ୱତନ୍ତ୍ର ଭାବରେ ମାର୍କ୍ସବାଦୀୟ ଚିନ୍ତନ ଦେଖାଗଲା ବେଳେ ଗଳ୍ପ ଲେଖାର ଉତ୍ତରକାଳରେ ଟିକେ କାହିଁ ମନେହୁଏ ସାମ୍ୟବାଦୀ ପ୍ରସଂଗ ମଉଳିଗଲା ଭଳି । କିନ୍ତୁ ପ୍ରତ୍ୟେକ ଗଳ୍ପରେ ଅନ୍ତର ଅଭିବ୍ୟକ୍ତିଟି ସାମ୍ୟବାଦୀ ଚିନ୍ତାର ପକ୍ଷପାତିତା ଚରିତ୍ର ମାନଙ୍କ ଚିନ୍ତା ଚେତନାରେ ସାମ୍ୟବାଦର ଝଲକ ପ୍ରଲିପ୍ତ ହୋଇ ରହିଛି ଏହାକୁ ଅସ୍ୱୀକାର କରାଯାଇ ନପାରେ । ଏ ସମସ୍ତ ଆଲୋଚନାରୁ ଏ ସମାଲୋଚକ ଦୃଢ଼ତାର ସହ କହିପାରେ ଯେ ଗାଳ୍ପିକ ରଜନୀକାନ୍ତ ମହାନ୍ତି ଜଣେ ସାମ୍ୟବାଦୀ ଚିନ୍ତାଧାରର ମଣିଷ, ପୁଞ୍ଜିବାଦର ଯୁଗଯନ୍ତ୍ରଣା ବିରୋଧରେ ସର୍ବହରା ପାଇଁ ବିଦ୍ରୋହର ଦୁନ୍ଦୁଭି ବାଦକ ।

**ସହାୟକ ଗ୍ରନ୍ଥସୂଚୀ:**


୧. ଗାହାଣ, କପିଳେଶ୍ୱର, ସୀମାବଦ୍ଧତା ଓ ମୁକ୍ତିର ସ୍ୱପ୍ନ (ଓଡ଼ିଆ କ୍ଷୁଦ୍ର ଗଳ୍ପ), ପ୍ରକାଶକ-ଅଗ୍ରଦୂତ, କଟକ ୨, ପ୍ରଥମ ପ୍ରକାଶ ୧୯୯୪

୨. ମହାନ୍ତି, ରଜନୀକାନ୍ତ, ଅଠର ନିର୍ବାସନ ରୋଡ୍, ପ୍ରକାଶକ-ପ୍ରବାହ, ଯାଜପୁର,୧ମ. ପ୍ର. ୨୦୧୦

୩. ମହାନ୍ତି, ରଜନୀକାନ୍ତ, ଆ ସାକ୍ଷୀ ଦେ, ଆର୍ଯ୍ୟ ପ୍ରକାଶନ, କଟକ-୧୨,୧ମ.ପ୍ର.୧୯୯୯

୪. ମହାନ୍ତି, ରଜନୀକାନ୍ତ, ଉଷାକାଳ, ଶ୍ରୁତି ସମୀକ୍ଷା ପ୍ରକାଶନୀ, ଯାଜପୁର ଟାଉନ୍,୧ମ.ପ୍ର. ୨୦୦୮

୫. ମହାନ୍ତି, ରଜନୀକାନ୍ତ, ଝିପିଝିପି ଅନ୍ଧାର, ପ୍ରକାଶନ- ଅକ୍ଷର, କଟକ-୧୩,୧ମ. ପ୍ର. ୨୦୦୨

୬. ମହାନ୍ତି, ରଜନୀକାନ୍ତ, ବହୁ ବଜାର, ଜେନିଥ୍ ପବ୍ଲିକେଶନ୍ସ, ଭଦ୍ରକ, ୧ମ.ପ୍ର. ୨୦୦୪

କଟକ-୨,୧ମ.ପ୍ର. ୧୯୮୯

୮. ମହାନ୍ତି, ରଜନୀକାନ୍ତ, ରକ୍ତରାଣ, ଆକାଂକ୍ଷା ପବ୍ଲିକେଶନ୍ସ, ଭଦ୍ରକ-୨୪, ୧ମ.ପ୍ର. ୨୦୦୭

୯. ମହାନ୍ତି, ରଜନୀକାନ୍ତ, ଶତାଂଢ଼ି ପୁରୁଷ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ-୨, ୧ମ.ପ୍ର. ୧୯୮୧

୧୦. ଶତପଥି, ବିଜୟକୁମାର, ଓଡ଼ିଆ ସାହିତ୍ୟରେ ପ୍ରଗତୀବାଦୀ ଧାରା, ପ୍ରକାଶକ- ଓଡ଼ିଶା ବୁକଷ୍ଟୋର, କଟକ-୨,୧ମ.ପ୍ରକାଶ ୧୯୯୫.

୧୧. ସାମଲ, ବୈଷ୍ଣବ ଚରଣ, ଓଡ଼ିଆ ଗଳ୍ପ ଉନ୍ମେଷ ଓ ଉତ୍ତରଣ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ-୨, ପରିବର୍ଦ୍ଧିତ ଦ୍ୱିତୀୟ ସଂସ୍କରଣ ୨୦୧୫


**ପତ୍ରିକା:**


୧. ପାଢ଼ୀ, ବେଣୁଧର, "ମାଟିକୁ ଫେରି ଆସିବାର ପ୍ରତିଶ୍ରୁତି - ରଜନୀକାନ୍ତଙ୍କ ଗଳ୍ପ ମାନସ", (ସଂ) ଯାଯାବର, 'ଆମେମାନେ', ସୋର, ବାଲେଶ୍ୱର, ଜାନୁୟାରୀ ୧୯୯୯ ସଂଖ୍ୟା

୨. ପୃଷ୍ଟି, ସୁନୀଲ କୁମାର, "ଶତାଂଢ଼ି ପୁରୁଷର ପୁରୁଷାକାର", (ସଂ) ମହାନ୍ତି, ଜଗଦୀଶ, 'ସଂବର୍ତ୍ତକ', ୩ୟ ସଂଖ୍ୟା ଏପ୍ରିଲ-ମେ, ୧୯୮୫



ଓଡ଼ିଆ ଅଧ୍ୟାପକ
ଏରୋନଟିକ୍ସ ମହାବିଦ୍ୟାଳୟ,
ସୁନାବେଡ଼ା, କୋରାପୁଟ-୭୬୩୦୦୨
ମୋ-୯୭୭୮୬୨୨୩୪୪
Email- shantanukn92@gmail.com

ISSN -2583-147X(P), Vol.- 8, Issue No.X, January 2023
Bastabatara Pariprakash Prachee
*Peer Reviewed and Referred Research Journal*

# ଇତିହାସବୋଧ ଭୀମଭୋଇ

## ସଂଘମିତ୍ରା ବେହେରା

ଓଡ଼ିଆ ସାହିତ୍ୟରେ ଭୀମଭୋଇ ଅନ୍ଧ ଓ କନ୍ଧ ଭାବେ ବେଶ୍ ପରିଚିତ । କନ୍ଧକବିର ଗୁରୁତ୍ୱ ଥିବାବେଳେ ଅନ୍ଧକବିର ପ୍ରମାଣ ସେପରି ଜଣାପଡ଼େ ନାହିଁ । ବିଶେଷତଃ ଏପରି ଜଣେ କବିଙ୍କ ପଛରେ ଅନୁସନ୍ଧାନର ପର୍ଯ୍ୟାପ୍ତ ତଥ୍ୟ ରହିଥିଲେ ମଧ୍ୟ ଅନୁସନ୍ଧାନର ଶେଷ ଘଟିନାହିଁ; ଯେପରି ଜନ୍ମ, କାଳ ଓ ସ୍ଥାନ, ଜୀବନୀ, ମହିମା ଧର୍ମାବଲମ୍ବୀଙ୍କ ଦ୍ୱାରା ଶୁଣାଯାଉଥିବା ଅଲୌକିକ ଘଟଣା । ଆଲୋଚକ ଓ ସମାଲୋଚକଙ୍କ ଦ୍ୱାରା ଉଦ୍ଧୃତ ହୋଇଥିବା କେତେକ ବିଷୟ ଇତ୍ୟାଦି । ଏସବୁ ସତ୍ତ୍ୱେ ଭୀମ ଭୋଇଙ୍କ ଜନ୍ମ ଊନବିଂଶ ଶତାବ୍ଦୀର ମଧ୍ୟଭାଗରେ ହୋଇଛି ବୋଲି ଅସ୍ୱୀକାର କରାଯାଇ ନପାରେ । ମଣିଷ ଅନାମଧେୟ ବସ୍ତୁ ତଥା ବଂଶ ପରିଚୟହୀନ ବସ୍ତୁ ସମ୍ପର୍କରେ ଦୈବାତ୍ କୌଣସି ବିସ୍ମୟ ବା ସମୃଦ୍ଧ ଘଟଣା ଶୁଣିବାକୁ ପାଇଲେ ସେଥିରେ ସେ ଅଲୌକିକ ଘଟଣାଗୁଡ଼ିକୁ ଯୋଡ଼ି ବସେ । ଓଡ଼ିଆ ସାହିତ୍ୟରେ ସନ୍ଥ ସାହିତ୍ୟିକମାନଙ୍କ କ୍ଷେତ୍ରରେ ଏହା ସ୍ପଷ୍ଟ ଜାଜ୍ୱଲ୍ୟମାନ । ଏହିଭଳି ସେମାନଙ୍କ ଜୀବନଧାରା ପଛରେ ଜାତି ସ୍ମରକୁ ଯୋଡ଼ି ଦିଆଯାଏ । ଏଥିରେ କେତେବେଳେ କବି ନିଜକୁ ଜାତିସ୍ମର ରୂପେ ଗଢ଼ିତୋଳେ ତ କେତେବେଳେ ଲୋକସମାଜ ତାକୁ ଜାତିସ୍ମର ମଧ୍ୟକୁ ଟାଣି ଆଣି ଚିରସ୍ମରଣୀୟ କରିପକାଏ । ଏହି ପରିପ୍ରେକ୍ଷୀରେ ମହିମାଧର୍ମ ଓ ଭୀମଭୋଇଙ୍କର ଆଲୋଚନା ନିଶ୍ଚିନ୍ତ ଯୁକ୍ତିଯୁକ୍ତ । ଭୀମଭୋଇ ଥିଲେ ଗୃହସ୍ଥ ମହିମା ଭକ୍ତ । ଓଡ଼ିଶାର ଏକମାତ୍ର ଧର୍ମ ଯାହା ଓଡ଼ିଶା ମାଟିରୁ ଜନ୍ମ ଗ୍ରହଣ କରି ଓଡ଼ିଶା ବାହାରେ ଯଥା - ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ, ବିହାରର କିଛି ଭାଗରେ ଏହାର ପ୍ରଭାବ ଏବେ ମଧ୍ୟ ପରିଲକ୍ଷିତ ହୁଏ । ପୁନଶ୍ଚ ଭାରତ ବାହାରେ ଭୀମ ଭୋଇ ଓ ମହିମା ଧର୍ମକୁ କେନ୍ଦ୍ରକରି ଆଲୋଚନା ମାନ ମଧ୍ୟ ପ୍ରକାଶ ପାଇଛି । କବି ଭୀମଭୋଇ ଓଡ଼ିଆ ସାହିତ୍ୟର ଇତିହାସକୁ କେବେ ଆଲୋଚନା ପରିଧିକୁ ଆସିଲେ ତାହା ପ୍ରଶ୍ନବାଚୀ; ଯଦିଓ ଆଲୋଚକ ଓ ସମ୍ପାଦକ ଆର୍ତ୍ତବଲ୍ଲଭ ମହାନ୍ତି ତାଙ୍କ କବିତା ଗ୍ରନ୍ଥକୁ ସମ୍ପାଦିତ କରି ଲୋକଲୋଚନକୁ ଆଣିଲେ । ଏହାଛଡ଼ା ତାଙ୍କର ଜନ୍ମ ପୂର୍ବରୁ ସିଦ୍ଧକବି ଶ୍ରୀଧର ସ୍ୱାମୀ 'ସିଦ୍ଧ ଚନ୍ଦ୍ରିକା'ରେ ଭୀମ ଭୋଇଙ୍କ ଜନ୍ମ ସମ୍ପର୍କରେ ଜଗନ୍ନାଥ ଓ ବାରଙ୍ଗ କଥପୋକଥନ ପ୍ରସଙ୍ଗରେ ଉଦ୍ଧାର କରିଥିଲେ ।

"ବଉଦ ରେଢ଼ାଖୋଲଠାରେ
ପ୍ରଭୁ ବିଜୟ ଏକାନ୍ତରେ ।
କନ୍ଧ ଅଂଶରେ ଜନ୍ମ ହୋଇ
ନିତ୍ୟ ରାଧିକା ଥିବ ତହିଁ ।
ପୁଲିଙ୍ଗେ ହୋଇଥିବ ଜାତ
ଜନ୍ମରୁ ନେତ୍ର ତା' ମୁଦ୍ରିତ ।
ଅନ୍ତେ ତା' ସ୍ଫୁରୁଥିବ ନାମ
ବାଛୁରୀ ରଖୁଆଳ କର୍ମ ।
ମାତା ପୁତ୍ର ତା' ଗୃହେ ଥିବେ
ପ୍ରଭୁ ପ୍ରବେଶ ତହିଁ ହେବେ ।
ନିଶି ପ୍ରଭାତେ ଶୂନ୍ୟ ହରି
ଡାକିବେ ତା'ର ନାମ ଧରି ।"

(ସିଦ୍ଧଚନ୍ଦ୍ରିକା ଅଷ୍ଟମ ଅଧ୍ୟାୟ)

ପୁନଶ୍ଚ-

"ଜନ୍ମରୁ ଅନ୍ଧ ଥିଲା ହୋଇ
ନେତ୍ର ଫିଟିଲା ପ୍ରଭୁ ଚାହିଁ ।"

ଏଥିରେ ଥିବା ଭୀମ ଭୋଇଙ୍କ ଜୀବନରୁ ଜଣାଯାଏ ମହିମା ଗୋସାଇଁ ଭୀମଭୋଇଙ୍କଠାରୁ ଅନ୍ନ ଗ୍ରହଣ ପରେ ତୃପ୍ତି ଲାଭ କରି ତାଙ୍କୁ କବିତ୍ୱ ଲାଭର ଆଶୀର୍ବାଦ ପ୍ରଦାନ କରିବ ଏବଂ ସେ ଗୁରୁଙ୍କ ଠାରୁ ଦୃଷ୍ଟିଶକ୍ତି ପାଇଁ ତାଙ୍କୁ ଦର୍ଶନ କରିବ । ଏହା ଥିଲା 'ସିଦ୍ଧଚନ୍ଦ୍ରିକା'ର ଶ୍ରୀଧର ସ୍ୱାମୀଙ୍କ ଭବିଷ୍ୟବାଣୀ । ପଞ୍ଚସଖାର କବି ଅଚ୍ୟୁତାନନ୍ଦ ଦାସଙ୍କ 'ଆଦି ସଂହିତା', 'କଳ୍ପ ସଂହିତା'ରେ ମଧ୍ୟ ଏଭଳି ଉଲ୍ଲେଖ ରହିଛି । ଏଥିରୁ ସ୍ପଷ୍ଟ ଭବିଷ୍ୟବାଣୀ ରୂପେ ରଚିତ ସଂହିତା ଓ ଚନ୍ଦ୍ରିକାରେ ଭୀମଭୋଇଙ୍କୁ ଅନ୍ଧ ରୂପେ ପ୍ରକାଶ କରାଯାଇଥିଲା ।

କବି ଭୀମ ଭୋଇଙ୍କ ସ୍ୱରଚିତ ବୋଲି, ଭଜନ, ଚଉତିଶା ଓ ବିବିଧ ଗୀତାରେ ନିଜର ଶାରୀରିକ ଅନ୍ଧ ଥିବାର କୌଣସି ସତ୍ୟତା ଥିବାପରି ମନେହୁଏ ନାହିଁ ।

'ସ୍ତୁତି ଚିନ୍ତାମଣି'ରେ ଉଲ୍ଲେଖ ଅଛି –

"ରୂପ ଗୁଣ ବର୍ଣ୍ଣଜାନୁ ଯଉବନ ନେତ୍ରେ ଯାହା ଅଛି ଦେଖି
ଶୋଭା ସୁନ୍ଦର ସୁରଙ୍ଗ ଦ୍ରବ୍ୟମାନ ଯାହା ଦେଖିଅଛି ଆଖି ।"
(୭୧ ବୋଲି)

ପୁନଶ୍ଚ–

"ମେଦ ମେଦା ପୃଥ୍ୱୀ ଦେହ ବହୁଛନ୍ତି ତରୁ ଅଛନ୍ତି କି କରି
ଚାହିଁ ଆକାଶକୁ ଭାଳଇ ମନକୁ ଦେହ ଯାଉଥାଏ ମରି ।"
(୨୧ ବୋଲି)

ଏଥିରୁ ସ୍ପଷ୍ଟ ଭୀମଭୋଇ ଅନ୍ଧ ନଥିଲେ । ଏହା ବ୍ୟତୀତ ସେ ଚାରି ବର୍ଷ ବୟସରେ ଗୁରୁ ମହିମା ଗୋସାଇଁଙ୍କୁ ଗାଁ ଦାଣ୍ଡରେ ଯେଭଳି ଦେଖିଥିଲେ ତାହା ଜଣେ ଦୃଷ୍ଟିଶକ୍ତି ଥିବା ବ୍ୟକ୍ତିର ପରିଚୟ ପ୍ରଦାନ କରେ । ସେହିପରି କବି ସଂସାର ମଧ୍ୟରେ ସଂସାରୀ ହୋଇ ନିଜର ଅଜ୍ଞାନପଣ ଆସକ୍ତି ଭାବ ପ୍ରତି ଯେଉଁ ଅସୂୟା ଭାବ ପୋଷଣ କରିଛନ୍ତି, ତାହା ମଧ୍ୟ ଯୁକ୍ତିଯୁକ୍ତ । 'ଭଜନମାଳା'ରେ କେତେଗୁଡ଼ିଏ ପଂକ୍ତି ପାଠ କଲେ କବି ଯେ ଚକ୍ଷୁଷ୍ମାନ ଥିଲେ ତାହା ନିର୍ଦ୍ୱନ୍ଦ୍ୱରେ ଜଣାପଡ଼େ ।

ଏହାଛଡ଼ା କବି ନିଜେ ପଦ ବର୍ଣ୍ଣନା ପ୍ରସଙ୍ଗରେ ଦେଖି ପାରୁଥିବା କଥା ମଧ୍ୟ ସ୍ୱୀକାର କରିଛନ୍ତି ।

"ଆକାଶକୁ ଚାହିଁ କେତେ ବର୍ଣ୍ଣିବି ପଦ
କଳିଯୁଗ ମୋର ଠାରେ ଲାଗିଛି ବାଦ ।"
(ଭୀମ ଭୋଇ ଗ୍ରନ୍ଥାବଳୀ, ପୃ-୨୫୩)

କବି ଗୋଟିଏ ମାତ୍ର ସ୍ଥାନରେ ନିଜର ଅନ୍ଧତ୍ୱକୁ ସ୍ୱୀକାର କରିଛନ୍ତି; ଅନ୍ଧତ୍ୱ ପଛରେ ତତ୍କାଳୀନ ସାଂସାରିକ ଓ ସାମାଜିକ ବ୍ୟବସ୍ଥା ପ୍ରତି ଉଦାସୀନ ବୋଲି ଅଧିକ ଯୁକ୍ତିଯୁକ୍ତ ମନେହୁଏ ।

"ଭଣିଲେ ଭୀମକନ୍ଧ ମୁଁ ପାପୀ ଜନ୍ମ ଅନ୍ଧ
ଭାଗ୍ୟ ଥିଲେ ଧରିଥିବି ଶ୍ରୀଗୁରୁ ପାଦ ।"
(ଭୀମ ଭୋଇ ଗ୍ରନ୍ଥାବଳୀ, ପୃ-୨୫୫)

'ଚଉତିଶା ମଧୁଚକ୍ର'ରେ କବି ନିଜର ଦେଖିବା କଥା ମଧ୍ୟ ଉଲ୍ଲେଖ କରିଛନ୍ତି । ଏହାକୁ ଆଲୋଚନା କରାଯାଇପାରେ–

"ଟାଣ ଶୂନ୍ୟ ପ୍ରଭୁଙ୍କୁ ମୁଁ କରୁଛି ଭଜନ
ଟଳି ଯାଉଅଛି ମୋର ଆଗତ ପାଞ୍ଚନା ।
ଟାକିଅଛି କର ତାଙ୍କୁ
ଟିକସ ବସିଗଲାଣି ନେତ୍ରେ ଦେଖୁ ଦେଖୁ ।"
(ଭୀମ ଭୋଇ ଗ୍ରନ୍ଥାବଳୀ, ପୃ-୨)

ଏଠାରେ ଟ୍ୟାକ୍ସ ବା କର ସଂପର୍କରେ କୁହାଯାଇଛି ।

ପୁନଶ୍ଚ ଗୁରୁଙ୍କ ମୃତ୍ୟୁ ପରେ କବିଙ୍କର ଅନୁଶୋଚନା ଓ ଆବେଗ ଭରା ହୃଦୟରେ ଯେଭଳି ଭାବ ପ୍ରକାଶ ପାଇଛି ସେଥିରୁ ମଧ୍ୟ ଅନୁମିତ ହୁଏ କବି ଅନ୍ଧ ନଥିଲେ ।

"ପ୍ରତ୍ୟକ୍ଷରେ ଦେଖିଥିଲୁ ନୟନ ପୂରାଇ
ଏବେ କାହିଁ ଛାଡ଼ିଗଲେ ଡାକୁଁଣି ଘୋଡ଼ାଇ ।
ସ୍ଥାନ ମାନ ଅସୁନ୍ଦର,
ମନ୍ଦିରକୁ ଚାହିଁ ନେତ୍ରୁ ବହୁଅଛି ନୀର ।"

ଏସବୁ ସତ୍ତ୍ୱେ ମହିମା ଧର୍ମ ସମ୍ବନ୍ଧୀୟ 'ଇତିହାସ ଓ ପ୍ରତିପାଦକ'ରେ ସେ ଅନ୍ଧ ଥିଲେ ବୋଲି ଉଲ୍ଲେଖ ଅଛି । ଆଲୋଚକ ବିଜୟ ଚନ୍ଦ୍ର ମଜୁମଦାରଙ୍କ ମତରେ ସେ ପ୍ରଥମେ ଭଲ ଥିଲେ ଓ ଯୌବନ କାଳରେ ଅନ୍ଧ ହୋଇଯାଇଥିଲେ । ଆଲୋଚକ ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ମତରେ ଭୀମଭୋଇ ଜନ୍ମାନ୍ଧ ଥିଲେ । ପ୍ରାଚୀ ସମିତିଦ୍ୱାରା

ପ୍ରକାଶିତ 'ସ୍ତୁତି ଚିନ୍ତାମଣି'ର ପାଣ୍ଡୁଲିପିଟି ପାଠ କରିବା ପରେ ତତ୍କାଳୀନ ସ୍ୱର୍ଣ୍ଣପୁରର ମହାରାଜା ସାର୍ ଶ୍ରୀ ବୀରମିତ୍ରୋଦୟ ସିଂହଦେବ ତାଙ୍କ ନିକଟକୁ ଏକ ପତ୍ର ପଠାଇଥିଲେ । ସେହି ପତ୍ରରେ ସେ ଭୀମଭୋଇଙ୍କ ସମ୍ବନ୍ଧରେ କେତୋଟି ମତ ପ୍ରକାଶ କରିଥିଲେ । ଭୀମଭୋଇ ଅନାଥ ଭାବରେ ପ୍ରଥମେ ରେଢ଼ାଖୋଲ ରାଜ୍ୟର ସୀମା ଓ ସୋନପୁର ନିକଟବର୍ତ୍ତୀ ସଂଗ୍ରାମପୁର ଗ୍ରାମରେ ଅନାଥ ଭାବରେ ଅବସ୍ଥାନ କରୁଥିଲେ । ତାଙ୍କର ଜନ୍ମାନ୍ଧ ସମ୍ପର୍କରେ ପରବର୍ତ୍ତୀ କେତେକ ଶିଷ୍ୟ ଏଭଳି ଘୋଷଣା କରିଥିଲେ ବୋଲି ସେ ପତ୍ରରେ ସ୍ୱୀକାର କରିଥିଲେ । ମାତ୍ର ମହାତ୍ମା ଭୀମଭୋଇଙ୍କ ଅନ୍ଧତ୍ୱକୁ ସେ ସ୍ୱୀକାର କରିନାହାନ୍ତି । ପୁନଶ୍ଚ କୈଶୋର ଅବସ୍ଥାରେ କୌଣସି ନେତ୍ର ରୋଗଦ୍ୱାରା ପରଳ ପଡ଼ି ସେ ଭିକ୍ଷାବୃତ୍ତି କରିଥିବେ ବୋଲି ମହାରାଜା ପତ୍ରରେ ଉଲ୍ଲେଖ କରିଥିଲେ । ଆଲୋଚକ ତଥା ପ୍ରତ୍ନତତ୍ତ୍ୱବିତ୍ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଭୀମଭୋଇଙ୍କ ଅନ୍ଧତ୍ୱକୁ ଅଗ୍ରାହ୍ୟ କରିଛନ୍ତି । ଆଲୋଚକ ମାୟାଧର ମାନସିଂହଙ୍କ ମତରେ ସେ ବସନ୍ତ ରୋଗ ଯୋଗୁଁ ବାଲ୍ୟକାଳରେ ଦୃଷ୍ଟିଶକ୍ତି ହରାଇ ବସିଥିଲେ । ବ୍ରହ୍ମାବଧୂତ ବିଶ୍ୱନାଥ ବାବାଙ୍କ ସେ ଅନ୍ଧ ଥିଲେ ଏବଂ ଗୁରୁଙ୍କ ଆଶୀର୍ବାଦରେ କବିତ୍ୱ ଲାଭ କରିଥିଲେ ।

**ଜନ୍ମକାଳ ଓ ସ୍ଥାନ :**

କବି ଭୀମ ଭୋଇଙ୍କ କୃତିରୁ ତାଙ୍କର ଜନ୍ମ ସମ୍ପର୍କରେ କୌଣସି ତଥ୍ୟ ମିଳେ ନାହିଁ । ତେଣୁ ତାଙ୍କର ଜନ୍ମ ସମୟ ଓ କାଳକୁ କେନ୍ଦ୍ର କରି ବିଭିନ୍ନ ବାଦ ବିବାଦ ପ୍ରକାଶ ପାଇଛି । ଆଲୋଚକ ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ମତରେ ସେ ୧୮୫୫ ମସିହାରେ ଜନ୍ମ ଲାଭ କରି ୧୮୯୫ ମସିହାରେ ଇହଧାମ ତ୍ୟାଗ କରିଥିଲେ । ପଣ୍ଡିତ ବିନାୟକ ମିଶ୍ର କବିଙ୍କ ସମୟ ଖଣ୍ଡକୁ ୧୮୪୯ ମସିହାରୁ ୧୮୯୫ ମସିହା ମଧ୍ୟରେ ନିରୂପଣ କରିଛନ୍ତି । ତାଙ୍କ ମତରେ କଟକ ଜିଲ୍ଲା ଆଠଗଡ଼ ଥାନା ଅନ୍ତର୍ଗତ ଖୁଣ୍ଟୁଣୀ ଗ୍ରାମରେ ମହିମା ଗୋସାଇଁଙ୍କର ମହିମା ଉତ୍ସବ ବାଲ୍ୟଲୀଳା କାର୍ଯ୍ୟ ସନ ୧୧୭୨ ସାଲ ବା ୧୮୬୫ ମସିହାରେ ସମ୍ପୂର୍ଣ୍ଣ ହୋଇଥିବା କଥା ସତ୍ୟ ମହିମା ଧର୍ମ ଇତିହାସରେ ଉଲ୍ଲେଖ ଅଛି । ଭୀମ ଭୋଇ ୧୬ ବର୍ଷ ବୟସରେ ମହିମାଧର୍ମ ଦୀକ୍ଷା ନେଇ କବିତାମାନ ରଚନା କରିଥିଲେ । ତେଣୁ ଏଥିରୁ ସ୍ପଷ୍ଟ ତାଙ୍କର ଜନ୍ମ ୧୮୪୯ ମସିହାରେ ହୋଇଥିବ । ସେହିପରି ଆଲୋଚକ ଚିତ୍ତରଞ୍ଜନ ଦାସ ତାଙ୍କର 'ଓଡ଼ିଶାର ମହିମା ଧର୍ମ' ପୁସ୍ତକରେ ଭୀମ ଭୋଇଙ୍କର ସମୟ ହେଉଛି ଓଡ଼ିଆ ସାହିତ୍ୟର ଭଞ୍ଜଯୁଗ ବୋଲି ଉଲ୍ଲେଖ କରିଛନ୍ତି । ସୋନପୁର ଅନ୍ତର୍ଗତ ଖଲିଆପାଲି ଗ୍ରାମରେ ଭୀମଭୋଇ ତାଙ୍କର ଭକ୍ତଜୀବନ ଅତିବାହିତ କରିଥିଲେ ଏବଂ ସେହିଠାରେ ହିଁ ତାଙ୍କର ଦେହାବସାନ ଘଟିଥିଲା ବୋଲି ଦୃଢ଼ ଭାବେ ଆଲୋଚକ ଚିତ୍ତରଞ୍ଜନ ଦାସ ଗ୍ରହଣ କରିଛନ୍ତି । ଏହାପୂର୍ବରୁ ଆଲୋଚକ ନଗେନ୍ଦ୍ର ନାଥ ବସୁ ଭୀମ ଭୋଇଙ୍କର ଜନ୍ମ ସ୍ଥାନକୁ ଯୋରନ୍ଦା ବୋଲି ମତ ପ୍ରଦାନ କରିଥିଲେ । ମାତ୍ର ଏହା ଯୁକ୍ତିଯୁକ୍ତ ନୁହେଁ । ଏସବୁ ସତ୍ତ୍ୱେ କେତେକ ତାଙ୍କୁ ରେଢ଼ାଖୋଲ ଅନ୍ତର୍ଗତ ଗ୍ରାମଡ଼ିହା ନାମକ ଏକ ଗାଁରେ କନ୍ଧ ପରିବାରରେ ଜନ୍ମ ହୋଇଥିଲେ ବୋଲି ସ୍ୱୀକାର କଲା ବେଳେ ଅନ୍ୟ କେତେକ ବଲାଙ୍ଗୀରର ଜଟାସିଙ୍ଗାକୁ ଗ୍ରହଣ କରିଥାନ୍ତି ଏବଂ କନ୍ଧ ଦମ୍ପତି ଦାନରା ଓ ଗୁରୁବାରୀଙ୍କ ଦ୍ୱାରା ସେ ଲାଳିତ ପାଳିତ ହୋଇଥିଲେ । ଭାଗିରଥୀ ନେପାକଙ୍କ ମତରେ ସେ ଜଟାସିଙ୍ଗା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ଏସବୁ ସନ୍ଦେହ ସତ୍ତ୍ୱେ କବିଙ୍କ ରଚନାରେ ଅନେକ ଅଙ୍କ ଉଲ୍ଲେଖ ରହିଛି । ଯେପରି ୨୧ଅଙ୍କ, ୩୭ଅଙ୍କ, ୫୪ଅଙ୍କ ଇତ୍ୟାଦି । ତେଣୁ ଏଥିରୁ ହୁଏତ ତାଙ୍କ ସମୟକୁ କଳନା କରାଯାଇପାରେ । 'ସ୍ତୁତି ଚିନ୍ତାମଣି'ର ୨୪ ବୋଲିରେ ଭାଦ୍ରବ ମାସ ସପ୍ତଅଙ୍କ ବିଷୟରେ ଉଲ୍ଲେଖ ଅଛି ।

"ଅଲେଖ ମହିମା ଭାଙ୍ଗିବେ ଗାରିମା ସରିବ ଏ ଉତପତ୍ତି ।
ଭାଦ୍ରବରୁ ସପ୍ତଅଙ୍କ ଲାଗିଲାଣି ସପ୍ତାଙ୍ଗ ହୋଇବ ପୃଥ୍ୱୀ ।'
(ସ୍ତୁତି ଚିନ୍ତାମଣି)

**ଶିକ୍ଷା ଓ କବିତ୍ୱ :**

କବି ଭୀମ ଭୋଇଙ୍କ କବିତାଗୁଡ଼ିକୁ ପାଠ କଲେ ଜଣାଯାଏ ନିଶ୍ଚିତ ସେ ଧୀଶକ୍ତିର ଅଧିକାରୀ ଥିଲେ । ଯେହେତୁ ତତ୍କାଳୀନ ବିଭ୍ରଷ୍ଟ କୁସଂସ୍କାର ପୂର୍ଣ୍ଣ ସମାଜରେ କନ୍ଧ ପରିବାରରେ ଜଣେ ଆଦିବାସୀ ଯୁବକଠାରେ ହିନ୍ଦୁଶାସ୍ତ୍ର ପୁରାଣର ଜ୍ଞାନ, ବିଜ୍ଞାନବୋଧ, ସମାଜ ପ୍ରତି କଟାକ୍ଷପାତ ସହ ସକଳ ନିରୀହ ଜୀବ ପ୍ରତି ମାନବିକତାବୋଧର ସ୍ୱର ତାଙ୍କୁ ଜଣେ ବିଚାର ବୁଦ୍ଧି ସମ୍ପନ୍ନ ବ୍ୟକ୍ତିତ୍ୱର ପରିଚୟ ପ୍ରଦାନ କରେ । ଏହା ବ୍ୟତୀତ ତାଙ୍କ ରଚନାରେ ରାମାୟଣ, ମହାଭାରତ, ଇତିହାସର ଗୋହିରା ଟିକିରି ଯୁଦ୍ଧ, 'ରାସୀଯୁଦ୍ଧ, ମାଳିକା ପ୍ରସଙ୍ଗରେ ନେମାଳ ଓ ଉଦୟବଟର ପ୍ରସଙ୍ଗ ଉପସ୍ଥାପନା ସହ ସାହିତ୍ୟିକ ଭାବେ ସାରଳା ଦାସ, ବଳରାମ ଦାସ ଓ ଉପେନ୍ଦ୍ର ଭଞ୍ଜଙ୍କ ନାମ ସଂଶ୍ଳିଷ୍ଟ ଥିବାର ଦେଖାଯାଏ । ତେଣୁ ଏଥିରୁ ଜଣାଯାଏ, କବି ଏସବୁକୁ ନିଜେ ପାଠ କରିଥାଇ ପାରନ୍ତି

ଅବା କାହାରି ଠାରୁ ଶୁଣି ଥାଇ ପାରନ୍ତି । ଯେକୌଣସିଟି ସତ୍ୟ ହେଲେ ମଧ୍ୟ ଜ୍ଞାନ ନିଜସ୍ୱ । ଅନ୍ୟାନ୍ୟ ସନ୍ଥ ସାଧକଙ୍କ ଭଳି କବି ନିଜର ଶିକ୍ଷାଦୀକ୍ଷା ସମ୍ପର୍କରେ ନିରବ ଏବଂ ନିଜକୁ ଜନ୍ମରୁ ଅଜ୍ଞାନ ଓ ମୂର୍ଖ ବୋଲି ସ୍ୱୀକାର କରିଛନ୍ତି । ସେହିଭଳି ମଧ୍ୟ ପୂର୍ବ ତପସ୍ୟାର ଫଳରେ ଏ ଜନ୍ମରେ ପଣ୍ଡିତ ହୋଇଥିବାକୁ ସ୍ୱୀକାର କରିଛନ୍ତି ।

"ପିତାମାତା ଦୁଇ ଯୁଗଳରେ ଯାଇ କଲେ ଅବନୀରେ ଜାତ ।
ପୂର୍ବକାଳ ଘୋର ତପସ୍ୟା ପୂର୍ବରୁ ହୋଇଲି କବି ପଣ୍ଡିତ ।
ଜନନୀ ଉଦର ଗୋପ ମଧୁପୁର ପାଶୋର ନଯାଏ ଚିତ୍ତୁ ।
ମାତୃ ଗର୍ଭଗତେ ପାଠ ପଢ଼ିଥିଲି ଟିକେ ଟିକେ ଅଛି ହେତୁ ।"
(ସ୍ତୁତି ଚିନ୍ତାମଣି, ୨୨ବୋଲି, ପୃ.୪୪)

କବି ନିଜକୁ କବିକୁଳ ବୀରବର, କବିକୁଳ ଚାନ୍ଦ, କବିକୃତ ବୋଲି କହିଛନ୍ତି । ତାଙ୍କର କବିତ୍ୱ ଥିଲା ଈଶ୍ୱର ପ୍ରଦତ୍ତ ଓ ପୂର୍ବଜନ୍ମର ଫଳ । ଗୁରୁ ମହିମା ଗୋସାଇଁଙ୍କ ଆଶୀର୍ବାଦରୁ ସେ ୧୬ ବର୍ଷ ବୟସରେ କବିତା ମାନ ରଚନା କରିବାର ସୌଭାଗ୍ୟ ଲାଭ କରିଥିଲେ । ଏହାକୁ ସ୍ୱୀକାର କରିବାକୁ ଯାଇ ସେ ଉଲ୍ଲେଖ କରିଛନ୍ତି–

"ଜନମ କାଳରୁ ମୂର୍ଖ ମୁଁ ହୋଇଥିଲି
ଷୋଳ ବରଷକେ କବି ମୁଁ କୃତ୍ୟ କଲି
ବେଦଶାସ୍ତ୍ର ବୋଲି କିଛି ମୁଁ ଜାଣେନାହିଁ
ଗୁରୁ ହୃଦ ପଦ୍ମେ ବସି ଯେ ଦେଲେ କହି ।'
(ଆଦିଅନ୍ତ ଗୀତା, ୮ମ ଅଧ୍ୟାୟ)

ସେହିପରି 'ଭଜନମାଳା' ରେ ଉଲ୍ଲେଖ ଅଛି –

"ଏକା ରାଗେ ବାନ୍ଧିଲି ମୁଁ ଦି' ଯୋଡ଼ା ଗୀତ
ଭଣେ ଭୀମ ଅରକ୍ଷିତ, ଗୁରୁ ମୋ ସାମରଥ ।"
(ଭଜନମାଳା, ୨୯୨)

ଗୁରୁଙ୍କ ନିର୍ଦ୍ଦେଶରେ କବିତା ରଚନା କରିଥିବା ଓ ମହିମାଧର୍ମର ନୀତି ଶୃଙ୍ଖଳାକୁ ପରିବ୍ୟାପ୍ତ କରିବାର କ୍ଷମତା ପ୍ରାପ୍ତି କେବଳ ଗୁରୁଙ୍କ ଦ୍ୱାରା ସମ୍ଭବ ହୋଇଥିଲା ବୋଲି ସେ ଦୃଢ଼ କଣ୍ଠରେ 'ନିର୍ବେଦସାଧନ'ରେ ସ୍ୱୀକାର କରିଛନ୍ତି । ଅନ୍ୟତ୍ର 'ଭଜନମାଳା'ରେ କବି ନିଜର ପାଠ ସମ୍ପର୍କରେ ଏକ ସ୍ୱୀକାରୋକ୍ତି ମଧ୍ୟ ପ୍ରଦାନ କରିଛନ୍ତି –

"ଚାରିବେଦ ପଢ଼ି ପଢ଼ି ହେଉଛି ବଣା
ଏମାନେ ଜାଣନ୍ତି ଭାବ ଚରିତ୍ର ସିନା ।"
(ଭଜନମାଳା – ୩୦୨, ପୃ–୨୬୭)

ଏହା ସହିତ କବି ନିଜେ ଲେଖନପତର ଧାରଣ କରିଥିବା କଥା ମଧ୍ୟ ସ୍ୱୀକାର କରିଛନ୍ତି –

"ଆହୁରି ରହିଲା ବର୍ଣ୍ଣି ନ ସରିଲା ସଂସାର ବିଷୟ କଥା
ଲେଖନ ପତର ଧରି ନିରନ୍ତର କେତେ ମୁଁ କହିବି ପୋଥା ।
(ସ୍ତୁତି ଚିନ୍ତାମଣି, ୨୧ବୋଲି, ପୃ–୪୧)

ପୁନଶ୍ଚ–

"ତରତର ହୋଇ ମୁଁ ଯେ ତିଆରୁଛି ପଦ
ତା'କି ନାହିଁ ଆଗପଛ ବେଦ କି ନିର୍ବେଦ ।
ତିନି ତ୍ରୈଲୋକ୍ୟ କରତା
ତାଳପତ୍ରେ ଲେଖୁଅଛି ବୁଝିବ ବାରତା ।"
(ଚଉତିଶା –୧, ପୃ.୨)

ମହିମାଧର୍ମ ସମାଜରେ କବି ଭୀମଭୋଇ ଅନ୍ଧ ରୂପେ ଆଲୋଚିତ । ଏବଂ ଯେଉଁଠାରେ ସେ ଅନ୍ଧ ରୂପେ ଆଲୋଚିତ, ସେଠାରେ ତାଙ୍କର କବିତ୍ୱ ରଚନାକାର ରୂପେ ୪ଜଣ ବ୍ୟକ୍ତିଙ୍କୁ ମଧ୍ୟ ଗ୍ରହଣ କରାଯାଇଛି । ସେମାନଙ୍କ ମଧ୍ୟରେ ଦୁଇଜଣ ବ୍ରାହ୍ମଣ ଥିଲେ ହରି ପଣ୍ଡା ଓ ବାସୁଦେବ ପଣ୍ଡା । ଅନ୍ୟ ଦୁଇଜଣ ବୈଷ୍ଣବ ଥିଲେ; ସେମାନେ ହେଲେ ଧର୍ମାନନ୍ଦ ଦାସ ଓ ମାର୍କଣ୍ଡ ଦାସ । ମାତ୍ର ଭୀମଭୋଇଙ୍କ କୌଣସି ରଚନାରେ ଏହାର ସାମାନ୍ୟ ସୁରାକ ମଧ୍ୟ ମିଳେ ନାହିଁ ।

**ପ୍ରଚାରକ ଭୀମଭୋଇ :**

ଭୀମ ଭୋଇ ମହିମା ଧର୍ମର ଜଣେ ପ୍ରଚାରକ । ସେ ନିଜେ ମହିମା ଗୋସାଇଁଙ୍କ ନିର୍ଦ୍ଦେଶରେ ବୁଲିବୁଲି ଧର୍ମ ପ୍ରଚାର କରୁଥିଲେ । ଜଣେ ପ୍ରଚାରକ ଭାବେ ସେ ନିଜର ଭୂମିକାକୁ କିଭଳି ନିର୍ବାହ କରିଛନ୍ତି ତାହା ଉଲ୍ଲେଖ କରିଛନ୍ତି– "ସ୍ଥିତି ବସ୍ତି ନାହିଁ ପ୍ରଚରିବି କାହିଁ ସାଙ୍ଗସାଥି ସାଖା ନାହିଁ/ ତଳକୁ ଶିର ଉପରକୁ ପୟର ମଧ୍ୟେ ମାରୁଛି ଭୁଲାଇ ।' (ସ୍ତୁତି ଚିନ୍ତାମଣି/ ଦ୍ୱାବିଂଶ ବୋଲି) ଏଠାରେ 'ପ୍ରଚରିବୁ' ଶବ୍ଦଟି

ତାଙ୍କର ପ୍ରଚାରକର ସମୟକୁ ସୂଚିତ କରୁଛି । ସେହି ସମୟରେ ନବ ଉଦ୍‌ଘୋଷିତ ମହିମା ଧର୍ମକୁ ସେ କିଭଳି ନିଜର ଆତ୍ମପ୍ରଚେଷ୍ଟା ତଥା ଉଦ୍ୟମରେ ପ୍ରସାର କରିଛନ୍ତି ତାହା ଦେଖିବାର କଥା । ସମାନ ସମୟରେ ଖ୍ରୀଷ୍ଟଧର୍ମର ମଧ ପ୍ରଚାର ଓଡ଼ିଶାରେ ହେଉଛି । ପୂର୍ବରୁ ଯାବନିକମାନେ ପ୍ରବେଶ କରିଥିବାରୁ ଇସ୍‌ଲାମ୍ ଧର୍ମ ମଧ ଓଡ଼ିଶାରେ ବିସ୍ତାର ଲାଭ କରିସାରିଥାଏ । ମହିମା ଧର୍ମରେ ମୂର୍ତ୍ତି ଉପାସନା ନିଷେଧ, ମାଟିପାତ୍ର(ଖପରା)ରେ ଖାଇବା, ଅଲେଖ ନିରଞ୍ଜନ ଉଚ୍ଚାରଣ, ନିର୍ବେଦ ଧର୍ମ ଇତ୍ୟାଦି ଆନୁଷ୍ଠାନିକ ନିୟମାବଳୀକୁ ଭୀମଭୋଇ ବୁଲିବୁଲି ପ୍ରଚାର କରିବା ବେଳେ ଲୋକମାନଙ୍କ ଦ୍ୱାରା ଉପହସିତ ହୋଇଛନ୍ତି– "ଜଣାଇଲି ଯେତେ ତୁମ୍ଭର ପାଦ ଗତେ ବୋଇଲେ ମୋତେ ବୁଝିବା, ମହିମା ମହିମା ବୋଲିବାକୁ ସ୍ୱାମୀ ଭାଙ୍ଗୁଛ ମୋର ଗାରିମା ।/ କିରସ୍ତାନ ବୋଲି ଦେଉଛନ୍ତି ଗାଳି ନିନ୍ଦା କରୁଛନ୍ତି ଲୋକ, ଅଲେଖ ଅଲେଖ ବୋଲିବାକୁ ସ୍ୱାମୀ ଦେଉଛ ଦୁର୍ଦ୍ଦଣ୍ଡ ଦୁଃଖ ।" (ବିଂଶ ବୋଲି) ପୁନଶ୍ଚ ପ୍ରଚାରକ ଭାବେ ସେ ଅନ୍ୟାନ୍ୟ ହିନ୍ଦୁଧର୍ମ ପରି ମହିମା ଧର୍ମରେ ନାମଜପ, ଅବଧୂତ, ଅରୂପ ଆଦି ବିଶେଷତ୍ୱକୁ ସର୍ବତ୍ର ବଖାଣିଛନ୍ତି । ପ୍ରଚାରକର ଦୁଃଖ ଓ ସମସ୍ୟା ଆଉ ଏକ ପଂକ୍ତିରୁ ଜଣାଯାଏ – "ଯହିଁ ଗଲେ ତହିଁ ଉଦଣ୍ଡ ଏ କଲେ ପ୍ରଚରିବୁ ଆମ୍ଭେ କାହିଁ ?" ଏଥିରୁ ତତ୍କାଳୀନ ସମାଜ ତଥା ସମୟର ବାସ୍ତବ ତଥ୍ୟ ଜଣାଯାଏ ।

**ଭୀମଭୋଇଙ୍କ ଇତିହାସବୋଧ :**

ଭୀମ ଭୋଇଙ୍କର ନିଜ ସମୟଖଣ୍ଡକୁ ପୁଙ୍ଖାନୁପୁଙ୍ଖ ପ୍ରକାଶ କରିବାର କ୍ଷମତା ଅତ୍ୟନ୍ତ ପ୍ରାଞ୍ଜଳ । ତିନୋଟି ଦୃଷ୍ଟିକୋଣରୁ ଏହାର ବିଚାର କରାଯାଇପାରେ ଯଥା– ମହିମା ଧର୍ମର ଉନ୍ମେଷ ଓ ବିଭେଦ, ଇଂରେଜ ଶାସନ, ଆଦ୍ୟଧୂନି ପଡ଼ିଥିବା ସ୍ଥାନ ମାଳ ବିହାରପୁର । ଇଂରେଜ ଶାସନ ସଂପର୍କରେ ସେ କହିଛନ୍ତି "ସେ ଜଗନ୍ନାଥ କିସ କଲା, ଲକ୍ଷ୍ମୀ ହସ୍ତରେ ପଡ଼ି ଦେଲା/ ତରୁଣୀ ପାଳନେ ଜଗତ, ଦୁର୍ଭିକ୍ଷ ପଡିଲା ବହୁତ । (ଶ୍ରୁତି ନିଷେଧ ଗୀତା) ଯଦି ଭୀମଭୋଇଙ୍କ ଜୀବନକାଳକୁ ୧୮୫୦-୯୫ ବୋଲି ଧରାଯାଏ ତେବେ ଭାରତ ତଥା ଓଡ଼ିଶା ଏହି ସମୟରେ ଇଂରେଜ ଶାସନାଧୀନ ଓ ରାଣୀ ଭିକ୍ଟୋରିଆ ଏହାର ସାମ୍ରାଜ୍ଞୀ । ଲୋକ ମୁଖରେ କଥିତ ଅଛି "ନାରୀ ହାତରେ ଅଢା ରହିଲେ ଦେଶକୁ ବିପତ୍ତି ପଡେ" । ତେଣୁ ୧୮୬୬ ଦୁର୍ଭିକ୍ଷ ପଡ଼ିବା ପ୍ରସଙ୍ଗ କହିବା ବେଳେ କବି ନିଜ ପାଣ୍ଡିତ୍ୟ ଓ ଚାତୁର୍ଯ୍ୟର ପରିଚୟ ପ୍ରଦାନ କରିଛନ୍ତି । ଦ୍ୱିତୀୟତଃ, ଭୀମଭୋଇ ଗୁରୁ ମହିମା ଗୋସାଇଁଙ୍କ ସମୟରେ ପଶ୍ଚିମରୁ ପୂର୍ବକୁ ଆସିଛନ୍ତି । ଯେହେତୁ ମହିମା ଗୋସାଇଁଙ୍କ ନିର୍ଦ୍ଦେଶରେ ସେ ପରିବ୍ରାଜକ ଭଳି ଧର୍ମ ପ୍ରଚାର କରୁଥିଲେ । ଦୁଇଟି ପଂକ୍ତିରୁ ଏହା ଜଣାଯାଏ –

"ଅଇଲି ଧୂନି ମନ୍ଦିର ପଶ୍ଚିମ ଦିଗେ ମୋ ଘର ବହୁତ ଦୂର"

ପୁନଶ୍ଚ–

"ଦୁଃଖ ସୁଖ ଶ୍ରୀଛାମୁରେ ଜଣାଣ କରି,
ପଶ୍ଚିମ ଦିଗକୁ ପୁଣି ଯିବ ହିଁ ଫେରି ।"

ଫେରିବା ପୂର୍ବରୁ ସେ ପୂର୍ବ ଓଡ଼ିଶାର ମାଳବିହାରପୁର ଓ ଯୋରନ୍ଦାର ସ୍ଥିତି ସଂପର୍କରେ ସୂଚିତ କରିଛନ୍ତି ।

"ଶୁଣ ହେ ସୁଜନ ମହିମା ବିଧାନ ଅଲେଖ ଶୂନ୍ୟ ପୁରୁଷ,
ଲବଣ ସମୁଦ୍ର ଜମ୍ବୁଦ୍ୱୀପ ପୃଥ୍ୱୀ ଦକ୍ଷିଣ ଉତ୍କଳ ଦେଶ ଯେ,
ମାଳବିହାରପୁର ତହିଁ ଆରମ୍ଭିଲେ ଧୂନିଘର ।"

ଗୁରୁ ମହିମା ଗୋସାଇଁ ମାଳବିହାରପୁରରେ ନୃସିଂହ ଦାସଙ୍କୁ ଦାୟିତ୍ୱ ପ୍ରଦାନ କରି ଯୋରନ୍ଦାକୁ ପଳାଇ ଯାଇଥିଲେ । ଭୀମ ଭୋଇ ଯେଉଁ ସମୟରେ ଯୋରନ୍ଦା ପହଞ୍ଚିଛନ୍ତି ସେ ସମୟରେ ଗୁରୁ ସମାଧି ନେଇ ସାରିଲେଣି । ଏ ସଂପର୍କରେ ସେ କହିଛନ୍ତି– 'ଅନାଦି ପୁରୁଷ ଜୟେ ସ୍ୱଦେହେ କଲେ ବିଜୟେ, ଧର୍ମକୁ ସ୍ଥାପନ କରି ଗଲେ ସେ ସମାଧି ଘେନି ।' ଗୁରୁ ସମାଧି ନେବା ପରେ ବ୍ୟାପୃତ ଲାଭ କରୁଥିବା ଏହି ଧର୍ମରେ କନ୍ଦଳ ଦେଖା ଦେଇଛି ଏବଂ ତାହା ଦୁଇ ଭାଗ ହୋଇଯାଇଛି । ଭଜନ ମାଳାରେ କବି ଏହା ସ୍ୱୀକାର କରିଛନ୍ତି–

"ଏକ ଧର୍ମ ବେନି ଭାଗ ବଢ଼ିଲାଣି,
ହିଂସା ମାର୍ଗ କରି ବାରଣା" ।

ଏଥିରୁ ଜଣାଯାଏ, ଗୁରୁଙ୍କ ସମାଧି ପରେପରେ ମହିମା ଧର୍ମ ଭାଗଭାଗ ହେବାକୁ ଲାଗିଛି ।

ଶେଷରେ ଏତିକି କୁହାଯାଇପାରେ, ଭୀମ ଭୋଇଙ୍କୁ ଅନ୍ଧ ଓ କନ୍ଧ କବିର ଆଖ୍ୟା ଦେଇ ଶୂନ୍ୟସାଧନା ପରମ୍ପରା ଅନୁଯାୟୀ

ସନ୍ଥକବିର ଖୋଳପାରେ କେବଳ ଆବଦ୍ଧ କରିଦେଲେ ହେବ ନାହିଁ । ଏହା ସହିତ ନବଜାଗରଣର ପୃଷ୍ଠପେଟିକାରେ ନିଜ ରଚିତ 'ସ୍ତୁତି ଚିନ୍ତାମଣି', 'ଭଜନମାଳା', ଗୀତା ଆଧାରିତ 'ଶ୍ରୁତି ନିଷେଧ ଗୀତା', 'ବ୍ରହ୍ମ ନିରୂପଣ ଗୀତା' ଆଦିରେ ତତ୍ତ୍ୱ ସହିତ ତତ୍କାଳୀନ ସାମାଜିକ, ରାଜନୀତିକ ବ୍ୟବସ୍ଥାକୁ ମଧ୍ୟ ଉଲ୍ଲେଖ କରିଛନ୍ତି । ଯାହା ବିପୁଳ ଗବେଷଣାର ଅପେକ୍ଷା ରଖେ ।


**ସହାୟକ ଗ୍ରନ୍ଥସୂଚୀ :**

୧. ଦାସ, ସର୍ବେଶ୍ୱର : ଭକ୍ତକବି ଭୀମ ଭୋଇ, ନବୋଦୟ ପ୍ରକାଶନୀ, କଟକ, ୨୦୦୪ ।

୨. ବାବା ବିଶ୍ୱନାଥ : ମହିମା ଗାଦି ଓ ମହିମା ଧାମ ଇତିହାସ, ଧର୍ମଗ୍ରନ୍ଥ ଷ୍ଟୋର, କଟକ, ୨୦୦୫ ।

୩. ମହାନ୍ତି, ଆର୍ତ୍ତବଲ୍ଲଭ : (ସଂ) ସ୍ତୁତି ଚିନ୍ତାମଣି, ଉତ୍କଳ ବିଶ୍ୱବିଦ୍ୟାଳୟ, କଟକ, ୧୯୫୦ (ଓଡ଼ିଆ ବିଭବରୁ ପ୍ରାପ୍ତ) ।

୪. ସାହୁ, କରୁଣାକର : (ସଂ) ଭକ୍ତକବି ଭୀମ ଭୋଇ ଗ୍ରନ୍ଥାବଳୀ, ଧର୍ମଗ୍ରନ୍ଥ ଷ୍ଟୋର, କଟକ, ୨୦୦୦ ।

English

୧. Nepak, Bhagirathi : Bhima Bhoi his life & works, Bhagirathi Prakashan, BBSR, 1st Edition, 1998.

୨. Nepak, Bhagirathi : Bhima Bhoi the Greatest Adivasi Philosopher, Bhagirathi Prakashan, 1997.

**ପତ୍ରିକା**

୧- କୋଣାର୍କ: ସନ୍ଥକବି ଭୀମଭୋଇ ବିଶେଷାଙ୍କ, ଅକ୍ଟୋବର,୧୯୯୬, ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର ।



ସହକାରୀ ଅଧ୍ୟାପିକା, ଓଡ଼ିଆ ବିଭାଗ,
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ-୭୫୩୦୦୩

RNI No. : ODIODI/2015/64435 • P.R. No. : CK(C)/96/2022-2024 • www.pracheenews.com

## ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

# ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖିଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଅ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡଃ. ବିଭୁଦତ୍ତ ଖଣ୍ଡାୟତରାୟ